

ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ହେବେ ଅକ୍ଷର ପଟେଲ୍ ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 228 | ଭାଗ ୩୨ | ସଂଖ୍ୟା୨୨୮ | Bhubaneswar | Tuesday 12 November 2024 | Page 8 Rs. 4.00 | ଭୁବନେଶ୍ୱର | ମଙ୍ଗଳବାର ୧୨ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଜିତୁଙ୍କୁ ପ୍ରୋଟିନ୍ ଯୋଗାଇଲା ଲିକୁ ସମର୍ଥକଙ୍କ ଅଣ୍ଡା

- ସହାନୁଭୂତି ସାଉଁଟିଲେ ଜିତୁ
- ପଦଯାତ୍ରାରେ ବିପୁଳ ଜନସମର୍ଥନ
- ଲିକୁଙ୍କ ଭୁଲ୍ ବିଗାଡିପାରେ ପଞ୍ଚାୟତ ଗଣିତ

ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ଅଣ୍ଡା ଖାଇଲେ ଶରୀରକୁ ପ୍ରୋଟିନ୍ ମିଳେ। ହେଲେ ଅଣ୍ଡାମାଡ଼ ବି ବେଳେ ବେଳେ ରାଜନୈତିକ ନେତାଙ୍କୁ ପ୍ରୋଟିନ୍ ଯୋଗାଇଥାଏ। ଧର୍ମଶାଳାରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓରଫ ଜିତୁଙ୍କ ପଦଯାତ୍ରାରେ ଜନସମୁଦ୍ର ଦେଖିଲା ପରେ ଏହି ଆଲୋଚନା ଜୋର ଧରିଛି।
ଗତ ନିର୍ବାଚନରେ ଜିତୁଙ୍କ ହାତରୁ କ୍ଷମତା ଛଡାଇ ନେଇଥିଲେ ସ୍ୱାଧୀନ ପ୍ରାର୍ଥୀ ହିଂମାଂଶୁ ସାହୁ ଓରଫ ଲିକୁ। ତେବେ ବିଧାୟକ ହେବାର ଅଳ୍ପଦିନ ପରେ ଲିକୁଙ୍କ ସମର୍ଥକମାନେ ଜିତୁଙ୍କ ଉପରେ ଅଣ୍ଡାମାଡ଼ କଲେ। ବିନା କାରଣରେ ରାସ୍ତା ଉପରେ ଏଭଳି ଅଣ୍ଡାମାଡକୁ ଧର୍ମଶାଳାବାସୀ ଗ୍ରହଣ କଲେନାହିଁ। ବିଜେପି ନେତାମାନେ ମଧ୍ୟ ଏହାକୁ ସମର୍ଥନ ଦେଲେନାହିଁ। ଉଲ୍ଲେଖନୀୟ ଯେ ବିଜେପି ଭୋଟରେ ହିଁ ଲିକୁ ସାହୁ ଧର୍ମଶାଳାରେ ବିଜୟୀ ହୋଇଛନ୍ତି। ଅଣ୍ଡାମାଡ ପରେ ଯଦିଓ ଲିକୁ ଭିଡିଓ ଜାରିକରି କ୍ଷମାପ୍ରାର୍ଥନା କଲେ କିନ୍ତୁ ସେତେବେଳକୁ ଢେର ଡେରି ହୋଇଯାଇଥିଲା। ଲୋକେ ଲିକୁଙ୍କ ଏହି କାମକୁ ସହଜରେ ଗ୍ରହଣ କଲେନାହିଁ। ଜିତୁଙ୍କ ପ୍ରତି ସହାନୁଭୂତି ବଢ଼ିଲା। ଗୋଟିଏ ପରେ ପରାଜୟ ଓ ଅନ୍ୟପଟେ ଅଣ୍ଡାମାଡ଼ ଯୋଗୁଁ ଲୋକେ ଜିତୁଙ୍କୁ ପୁଣି ମନେ ପକାଇଲେ। ଏହାର ଫଳ ବି ଗତକାଲି ଦେଖିବାକୁ ମିଳିଛି। ଧର୍ମଶାଳାରେ ବିଜେଡିର ପଦଯାତ୍ରାରେ ଜିତୁଙ୍କ ସମର୍ଥରେ ହଜାର ହଜାର ଲୋକ ବାହାରି ଅଣ୍ଡାମାଡ଼କୁ ➾ପୃଷ୍ଠା-୬





## ଝାଡ଼ଖଣ୍ଡରେ ଆଦିବାସୀ ବୟ ମୋହନ

> ଜେଏମ୍ଏମ୍ର ଏକ୍ସପାଏରି ହୋଇଛି
> ଝାଡ଼ଖଣ୍ଡରେ ଡବଲ ଇଞ୍ଜିନ ସରକାର ସମୟ ଉପନୀତ

ରାଞ୍ଚି, ୧୧।୧୧(ସଂଚାର ବ୍ୟୁରୋ): ଝାଡ଼ଖଣ୍ଡର ଷଢ଼େଇକଳାରେ ରଣହୁଙ୍କାର ଦେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜେଏମ୍ଏମ୍ର ହେମନ୍ତ ସୋରେନ୍ ଓ କଂଗ୍ରେସ ମେଣ୍ଟ ସରକାର ଉପରେ ବର୍ଷିଲେ। ଆଉ ଚମ୍ପାଇ ସୋରେନ୍ଙ୍କ ପାଇଁ ଭୋଟ୍ ମାଗିଲେ। ଜେଏମ୍ଏମ୍ ସରକାରର ଏକ୍ସପାଏରୀ ତାରିଖ ଓ ନୂଆ ସରକାର ଗଠନ ତାରିଖ ମଧ୍ୟ ଘୋଷଣା କଲେ ମୁଖ୍ୟମନ୍ତ୍ରୀ।
ଷଢ଼େଇକଳା ନିର୍ବାଚନ ମଣ୍ଡଳୀର ରାଜନଗର ଫୁଟ୍ବଲ୍ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ୧୨ ଦିନ ପରେ ଝାରଖଣ୍ଡରେ ଚାଲିଥିବା ଦୁର୍ନୀତିଗ୍ରସ୍ତ ସରକାରକୁ ଟାଏ ଟାଏ ବାଏ ବାଏ କହି ବିଦାୟ ଦେବା। ଆଉ ଏଠାରେ ନୂଆ ସରକାର ଗଠନ କରିବା। ନଭେମ୍ବର ୨୩ ତାରିଖରେ ଝାରଖଣ୍ଡରେ ନୂଆ ସକାଳ ଆସିବ। ନୂଆ ସରକାର ଗଠନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଠାକାର ବିଧାୟକ ପ୍ରାର୍ଥୀ ଚମ୍ପାଇ ସୋରେନଙ୍କ ବଡ଼ ଭୂମିକା ଦେବେ। ତେଣୁ ଚମ୍ପାଇଙ୍କୁ ବଡ଼ ବ୍ୟବଧାନରେ ବିଜୟୀ କରାଇ ଝରଖଣ୍ଡ ବିଧାନସଭାକୁ ପଠାଇବା ପାଇଁ ଅପିଲ୍ କଲେ ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି, ଓଡ଼ିଶା, ଛତିଶଗଡ଼ ଓ ଝାରଖଣ୍ଡକୁ ଭାରତର ୩ ଭଉଣୀ ବୋଲି କୁହାଯାଏ। କାରଣ ପୂର୍ବ ଭାରତର ଏହି ୩ଟି ରାଜ୍ୟ ବିନା ଦେଶର ପ୍ରଗତି କରିହେବ ନାହିଁ। ଭାରତରେ ଉତ୍ପାଦିତ ହେଉଥିବା ଯେତେ ପ୍ରକାର ଖଣିଜ ଦ୍ରବ୍ୟ ରହିଛି, ସେ ସବୁ ଏହି ୩ଟି ରାଜ୍ୟରୁ ଉତ୍ପାଦନ ହେଉଛି। ହେଲେ ଛତିଶଗଡ଼ର କଂଗ୍ରେସ ସରକାର ସେହି ଖଣିଜ ସମ୍ପତ୍ତି ଲୁଟ୍ କରୁଥିଲା। ଠିକ୍ ସେମିତି ଓଡ଼ିଶାରେ ବିଜେଡି ସରକାର ଲମ୍ବା ସମୟ ଧରି ରହି ଖଣିଜ ସମ୍ପତ୍ତି ଲୁଟ୍ କରୁଥିଲା। ହେଲେ ସାଧାରଣ ନିର୍ବାଚନରେ ଓଡ଼ିଶାର ଲୋକ ➾ପୃଷ୍ଠା-୬



## ବଦଳିଲା ନର୍ସଙ୍କ ଡ୍ରେସ କୋଡ୍

ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ବଦଳିଲା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନର୍ସଙ୍କ ଡ୍ରେସ କୋଡ୍। ଏଣିକି ନୂଆ ରଙ୍ଗ ଓ ନୂଆ ଡିଜାଇନର ଡ୍ରେସ୍ ପିନ୍ଧିବେ ନର୍ସ। ଡ୍ରେସ୍ରେ ରହିବ ସମ୍ବଲପୁରୀ ଛିଟ। ଉଭୟ ପୁରୁଷ ଓ ମହିଳା ନର୍ସ ଲାଭେନଣ୍ଡର୍ ବା ହାଲୁକା ବାଇଗେଣୀ ରଙ୍ଗର ଡ୍ରେସ୍ ପିନ୍ଧିବେ। ପୁରୁଷ ନର୍ସ ଈଷତ୍ ବାଇଗେଣୀ ରଙ୍ଗର ପ୍ୟାଣ୍ଟ୍ ସର୍ଟ ପିନ୍ଧିବେ। ଆସିଷ୍ଟାଣ୍ଟ୍ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ସାୟନ୍ ବ୍ଲୁ ଅର୍ଥାତ ହାଲକା ନୀଳ ରଙ୍ଗର ଡ୍ରେସ୍ ପିନ୍ଧିବେ। ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଧଳା ଶାଢ଼ୀ ଓ ଡ୍ରେସ୍ ପିନ୍ଧିବେ। ସେଥିରେ ଥିବା ଆର୍ପନ କଲରରେ ସମ୍ବଲପୁରୀ ଛିଟ୍ ରହିବ। ପୁରୁଷ ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ଧଳା ଜାକେଟ୍ର କଲାରରେ ରହିବ ସମ୍ବଲପୁରୀ ଛିଟ। ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ହୋଇଛି। ରାଜ୍ୟ ନର୍ସିଂ ମହାସଂଘ ସଂପାଦକ ଅଶ୍ୱିନୀ ➾ପୃଷ୍ଠା-୬

## ବଦଳି ପ୍ରେସର ପକାଇଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ଆକ୍ସନ ମୋଡରେ ମୁଖ୍ୟ ଶାସନ ସଚିବ। ବଦଳି ପାଇଁ ଚାପ ପକାଇଲେ ହେବ କାର୍ଯ୍ୟାନୁଷ୍ଠାନ। ବଦଳି ଏବଂ ପୋଷ୍ଟିଂ ପାଇଁ ଆଉ ପକାଇ ହେବନି ଚାପ। ମେରିଟ୍ ଲିଷ୍ଟକୁ ଦୃଷ୍ଟିରେ ରଖି ନିୟମ ଅନୁସାରେ ପୋଷ୍ଟିଂ କରାଯିବ। ଏଥିରେ ଖିଲାପ କଲେ, କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିପାଇଁ ସବୁ ବିଭାଗର ସଚିବମାନଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। କିଛି କର୍ମଚାରୀ ବଦଳି ପାଇଁ ଚାପ ପକାଉଥିବା ନଜର ଆସିଛି। ଯାହା ଚାକିରି ସର୍ତ୍ତାବଳୀ ନିୟମକୁ ଉଲ୍ଲଂଘନ କରୁଛି।

## ଅଗ୍ନିଶମ ଆଧୁନିକୀକରଣ ପାଇଁ ଓଡ଼ିଶାକୁ ୨୦୧ କୋଟି

> ମୋଦୀ ଓ ଶାହଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ରାଜ୍ୟରେ ଅଗ୍ନିଶମ ବାହିନୀକୁ ଆହୁରି ସଶକ୍ତ କରିବାକୁ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ସହ ୩ଟି ରାଜ୍ୟ ପାଇଁ ମୋଟ ୭୨୫.୬୨ କୋଟି ମଞ୍ଜୁରି କରିଛନ୍ତି। ଓଡିଶା ପାଇଁ ୨୦୧ କୋଟି ଟଙ୍କା, ➾ପୃଷ୍ଠା-୬

## ଅତନୁଙ୍କ ଆତ୍ମରକ୍ଷା ବାଣ ସାଜିଲାଣି ଆତ୍ମଘାତୀ

> ନବୀନଙ୍କୁ ବୁଡ଼ାଇବା ନେଇ ଚର୍ଚ୍ଚା
> ମାଗଣାରେ କଂଗ୍ରେସର ପ୍ରଚାର

ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରାଇବାର ଦିବାସ୍ୱପ୍ନ ଦେଖି ବକ୍ତବ୍ୟ ଦେଉଥିବା ବିଜେଡି ନେତାଙ୍କ ତାଲିକାରେ ଯୋଡିହୋଇ ଯାଇଛନ୍ତି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ଶ୍ରୀ ନାୟକ କହିଛନ୍ତି ଯେ ବିଜେପିରୁ ଆସିବାକୁ ଥିବା କିଛି ବିଧାୟକ ଓ କଂଗ୍ରେସ ବିଧାୟକଙ୍କୁ ନେଇ ବିଜେଡି ସରକାର ଗଠନ କରିବ। ତେବେ ଅତନୁଙ୍କ ଏଭଳି ବକ୍ତବ୍ୟ ଶୁଣିବାପରେ ଏହା ତାଙ୍କର ଆତ୍ମରକ୍ଷା ବାଣ ବୋଲି ଚର୍ଚ୍ଚା ଜୋର ଧରିଛି। ଆତ୍ମରକ୍ଷାର କଥା କୁହାଯିବା କାରଣଟି ହେଉଛି ଅତନୁଙ୍କ ନିୟନ୍ତ୍ରଣରେ ଥିବା ଗୋରକ୍ଷଣୀ ଉତ୍ସବକୁ ଚଳିତବର୍ଷ ଯାଇଥିଲେ ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ଓରଫ ବୁଲୁ। ଅତନୁ ଓ ବୁଲୁ ଗୋଟିଏ ମଞ୍ଚରେ ବସିବା ସହିତ ଭାଷଣ ବି ଦେଇଥିଲେ। ହେଲେ ଏହାକୁ ବିଜେଡି ନେତାମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି। କାରଣ ସାରଦା ➾ପୃଷ୍ଠା-୬




## ଏସ୍ଆଇଙ୍କ ଉଚ୍ଛୁଳା ପ୍ରେମ ପାଇଁ ଆଇଆଇସିଙ୍କ ମୁଣ୍ଡ ଗୋଳ

### ସାକ୍ଷୀ ରହିଛି ଶିଖରଚଣ୍ଡୀ

> ତାଗିଦ ପାଇଁ ଡାକିଲେ ଡିସିପି



ପ୍ରେମ କେବେ ବନ୍ଧବାଡ଼ ମାନେନା। ପୂର୍ବରୁ ଆମେ ଅନେକ ନଜିର ଏଭଳି ଦେଖିଛୁ। ଏବେ କିନ୍ତୁ ପ୍ରେମ କରୁଥିବା ଯୋଡି ପୋଲିସ ହୋଇଥିବାରୁ ଚର୍ଚ୍ଚା ଟିକେ ଅଧିକ ବଢ଼ିଛି। ଏକାନ୍ତରେ ଭେଟିବା ସହ ଏଭଳି ଭାବେ ଅନ୍ତରଙ୍ଗ ହେଉଛନ୍ତି ଯେ ଶେଷରେ ଡିସିପିଙ୍କ ପାଖରେ କଥା ଯାଇ ପହଁଚିଛି। ଚନ୍ଦ୍ରଶେଖରପୁର ଥାନାରେ କାମ କରୁଥିବା ଜଣେ ସବଇନ୍ସପେକ୍ଟର ଓ ଇନ୍ଫୋସିଟି ଥାନାରେ କାମ କରୁଥିବା ଜଣେ ଇନ୍ସପେକ୍ଟରଙ୍କ ଭିତର ପ୍ରେମ ଏବେ କମିଶନରେଟ ପୋଲିସ ପାଇଁ ଚିନ୍ତା ବଢ଼ାଇଛି। କାମରୁ ଟିକେ ସୁଯୋଗ ପାଇଲେ ଦୁଇ ମନ ସହ ଦୁଇ ଶରୀର ଏକ ହୋଇଯାଉଛି। କିଛିଦିନ ତଳେ ଅସଂଯତ ଅବସ୍ଥାରେ ଶିଖରଚଣ୍ଡୀ ପାହାଡ଼ ଅଞ୍ଚଳରେ ଦୁହେଁ ଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପିସିଆର୍କୁ ଫୋନ କରିଥିଲେ। ପିସିଆର ପହଞ୍ଚିବା ପରେ ନିଜ ବିଭାଗର ବାବୁ ଓ ମ୍ୟାଡାମଙ୍କୁ ଦେଖି କାନମୁଣ୍ଡା ଆଉଁସି ଫେରିଥିଲା। ଠିକ ସେହିପରି ଦୁଇ ଦିନ ତଳେ ଉତ୍କଳ ହସ୍ପିଟାଲ ନିକଟ ନିଛାଟିଆ ରାସ୍ତାରେ ଦୁହେଁ ଏକ କାର ଭିତରେ ବସିଥିବା ବେଳେ ପୋଲିସ ଯାଇ ସେଠାରୁ ଦୁହିଙ୍କୁ ଘଉଡାଇଥିଲା। କିନ୍ତୁ ସବଇନ୍ସପେକ୍ଟର ପ୍ରେମୀ ଯୁଗଳଙ୍କୁ କିଛି ନ କହି ଚାଲି ଆସିଥିଲେ। ସେହିପରି ଦଶହରା ଡ୍ୟୁଟି ବେଳେ ଦୁହିଁଙ୍କୁ ଗୋଟିଏ ପଇଡ଼ ଦୁଇଟି ଷ୍ଟ୍ର ପକାଇ ପିଉଥିବା ଦେଖି ଅତିରିକ୍ତ ଡି ସି ପି ତୁମ୍ବିତୋଫାନ କରିଥିଲେ। ଏତେସବୁ ପରେ ବି କେହି କାହାକୁ ଛାଡି ଓଳିଏ ରହିପାରୁ ନ ଥିବାରୁ କଥା ଏବେ ଡିସିପିଙ୍କ ପାଖରେ ପହଞ୍ଚିଛି। ପବ୍ଲିକ ପ୍ଲେସରେ ଏଭଳି ନ ହେବାକୁ ଡିସିପି ତାଗିଦ କରିଥିବା ବେଳେ ଆଉ ଥରେ ଏଭଳି ଅଭିଯୋଗ ଆସିଲେ ବଦଳି କରିଦେବେ ବୋଲି ଧମକ ଦେଇଛନ୍ତି। ତେବେ ଦେଖିବାକୁ ବାକି ରହିଲା, ପ୍ରେମରେ ପୂର୍ଣ୍ଣଚ୍ଛେଦ ପକାଇ ପାରୁଛନ୍ତି କି ନାହିଁ ପିନାକ? ଯୁଦ୍ଧ ବେଶ୍ ରୋଚକ ହେବ ବୋଲି ଏବେ ଠାରୁ ଚର୍ଚ୍ଚା ଜୋର ଧରିଲାଣି।

## ଆମ ପୋଖରୀ ଯୋଜନାରେ ସାଗର ଭଳି ଦୁର୍ନୀତି

- ଧରିଲେ ଆର୍ଟିଆଇ କର୍ମୀ
- ମାଷ୍ଟରମାଇଣ୍ଡ ମିଶନ ନିର୍ଦ୍ଦେଶିକା
- ହୋଟେଲ ବୈଠକ ଓ ବିଦେଶ ବୁଲାରେ ପଇସା ସ୍ୱାହା



ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଅମୃତ-୧ ଯୋଜନାରେ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ଆମ ପୋଖରୀ ଯୋଜନାରେ ହୋଇଛି ହରିଲୁଟ୍। କେଉଁଠି ପୋଖରୀ ଅଞ୍ଚଳକୁ ଅଧିକ ଦେଖାଇ ଦିଆଯାଇଛି ତ ଆଉ କେଉଁଠି ଜବରଦଖଲ ଜମିରେ ପୋଖରୀ ଖୋଳା ଦେଖାଇ ଏକର ପିଛା ୨୦ରୁ ୨୨ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଆରଟିଆଇ ତଥା ସାମାଜିକ କର୍ମୀ ଜୟନ୍ତ ଦାସ ଏକାଧିକ ମୋ ପୋଖରୀର ଗୁମର ଖୋଲିଛନ୍ତି।
ଆମ ପୋଖରୀ ଯୋଜନାର ରାଜ୍ୟର ସହରାଞ୍ଚଳରେ ଥିବା ପୋଖରୀଗୁଡିକର ପୁନଃରୁଦ୍ଧାର କରାଯାଇଥାଏ। ଏହି ଯୋଜନାର ମିଶନ ନିର୍ଦ୍ଦେଶିକା ହେଉଛନ୍ତି ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକ। ଶ୍ରୀମତୀ ପଟ୍ଟନାୟକ ରେଳବାଇରୁ ଡେପୁଟେସନରେ ଆସିଥିଲେ ବି ଏହି କୋଟି କୋଟି ଟଙ୍କାର ଏହି କେନ୍ଦ୍ରୀୟ ପ୍ରକଳ୍ପରେ ତାଙ୍କୁ ମିଶନ ନିର୍ଦ୍ଦେଶିକା କରାଯାଇଛି। ତେବେ ପୋଖରୀ ପୁନରୁଦ୍ଧାର ନାଁରେ ଏକାଧିକ ସ୍ଥାନରେ ହୋଇଛି ଲୁଟ୍। ଏହାର କେତେକ ଉଦାହରଣ ରଖିଛନ୍ତି ଶ୍ରୀ ଦାସ। ରମ୍ଭାର ଧେବାସୀବନ୍ଧ ଠାରେ ଗୋଟିଏ ପୋଖରୀ ଆରଓଆରରେ ୨.୨ ଏକର ଥିବାବେଳେ ଡିପିଆରରେ ତାହାକୁ ୩.୩ ଏକର ଦେଖାଯାଇଛି। ପୁନରୁଦ୍ଧାର ପାଇଁ ଏକର ପିଛା ଖର୍ଚ୍ଚ ହୋଇଛି ୨୦ରୁ ୨୨ଲକ୍ଷ ଟଙ୍କା। ବ୍ରହ୍ମପୁରର କୋଠବନ୍ଧ ଠାରେ ଡିପିଆରରେ ଗୋଟିଏ ପୋଖରୀକୁ ୩୬ ଏକର ଦେଖାଯାଇଛି। ବାସ୍ତବରେ ଏହି ପୋଖରୀର ଆରଓଆର ୨୫/୨୬ ଏକର ଥିବାବେଳେ ପ୍ରାୟ ୧୦ ଏକର ଜବରଦଖଲରେ ରହିଛି। କେବଳ ଏହି ଦୁଇଟି ସ୍ଥାନ ନୁହେଁ, ବାଙ୍କିରେ ୨ଟି ପୋଖରୀ ସମେତ ବଲାଙ୍ଗିର ମହାରାଣୀସାଗର, ତାଳଚେର, ବାଲେଶ୍ୱର, କୋରାପୁଟର କୋଟପାଡ ଆଦି ସ୍ଥାନରେ ଡିପିଆରରେ ଏପଟ ସେପଟ କରାଯାଇ ବହୁ କୋଟି ଟଙ୍କାର ଲୁଟ୍ ହୋଇଛି।ଆମ ପୋଖରୀ ଯୋଜନାକୁ ବୁଦ୍ଧି ଯୋଗାଉଥିବା ଲେକମ୍ୟାନ୍ ନାମକ ଗୋଟିଏ ପରାମର୍ଶଦାତା ➾ପୃଷ୍ଠା-୬

## ଋତୁସ୍ରାବ ଛୁଟି ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ମହିଳା ସରକାରୀ କର୍ମଚାରୀଙ୍କୁ ମିଳିବ ବାର୍ଷିକ ୧୨ ଦିନର ଅତିରିକ୍ତ ଛୁଟି। ଋତୁସ୍ରାବ ପାଇଁ ଅତିରିକ୍ତ ଛୁଟି ନେଇ ଅର୍ଥ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସମସ୍ତ ସରକାରୀ ମହିଳା କର୍ମଚାରୀ ୫୫ ବର୍ଷ ବୟସ ପୂରଣ ହେବା ପର୍ଯ୍ୟନ୍ତ ବାର୍ଷିକ ୧୨ ଦିନର ଋତୁସ୍ରାବ ଜନିତ ଅତିରିକ୍ତ ଛୁଟି ନେଇପାରିବେ। ପ୍ରତି ମାସର ଦିନଟିଏ ଛୁଟି ସେହି ମାସରେ ହିଁ ନେବାକୁ ପଡ଼ିବ। ଗୋଟିଏ ମାସର ଛୁଟି ପରବର୍ତ୍ତୀ ମାସକୁ ସ୍ଥାନାନ୍ତର କରାଯାଇପାରିବ ନାହିଁ ବୋଲି ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ଗତ ➾ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀଙ୍କୁ ଦମନ କରିବାକୁ ଚାହୁଁଛନ୍ତି। ବିଧାୟକମାନଙ୍କୁ ଛେଳି ମେଣ୍ଢା ଭଳି କିଣି ପରବର୍ତ୍ତୀ ସମୟରେ ଲାତ ମାରିବା ତାଙ୍କର ଉଦ୍ଦେଶ୍ୟ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଝାଡ଼ଖଣ୍ଡରେ ଆୟୋଜିତ ନିର୍ବାଚନୀ ସମାବେଶରେ ମନ୍ତବ୍ୟ ଦେଲେ।
- ଆମେରିକାରେ ସ୍ଥାୟୀ ଭାବେ ବସବାସ କରୁଥିବା ଭାରତୀୟଙ୍କ ସଂଖ୍ୟା ୩ ବର୍ଷରେ ୮୫୫% ବୃଦ୍ଧି ପାଇଛି। ମାର୍କିନ ଆଭ୍ୟନ୍ତରୀଣ ନିରାପତ୍ତା ବିଭାଗର ତଥ୍ୟ ଅନୁଯାୟୀ ୨୦୨୧ ଆମେରିକୀୟ ଆର୍ଥିକ ବର୍ଷରେ ଭାରତୀୟଙ୍କ ସଂଖ୍ୟା ୪୩୩୦ ଥିବା ବେଳେ ୨୦୨୩ରେ ୪୧,୩୩୦ ରେ ପହଞ୍ଚିଛି।
- ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଡୋନାଲ୍ଡ ଜେ ଟ୍ରମ୍ପ ଓ ରୁଷିଆ ପ୍ରତିପକ୍ଷ ଭ୍ଲାଦିମିର ପୁତିନ ଫୋନରେ ୟୁକ୍ରେନ ଯୁଦ୍ଧ ବିଷୟରେ କଥା ହୋଇଥିଲେ ବୋଲି ୱାଶିଂଟନ ପୋଷ୍ଟରେ ରବିବାର ପ୍ରକାଶିତ ଖବରକୁ ସଂପୂର୍ଣ୍ଣ ରୂପେ ଭିତ୍ତିହୀନ ବୋଲି କହିଲେ କ୍ରେମ୍ଲିନ୍ ମୁଖପାତ୍ର ଦିମିତ୍ରି ପେସ୍କୋଭ୍।
- ଜେଟ୍ ଏୟାରୱେଜ୍ର ସମ୍ପତ୍ତି ଆକଳନ ଓ ମିଶ୍ରଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହାର ବେଆଇନ ଅର୍ଥ କାରାବାର ମାମଲାରେ ଗିରଫ ହୋଇଥିବା ଏହାର ପ୍ରତିଷ୍ଠାତା ନରେଶ ଗୋୟଲଙ୍କୁ ବମ୍ବେ ହାଇକୋର୍ଟ ଚିକିତ୍ସା ନିମିତ୍ତ ନିୟମିତ ଜାମିନ ପ୍ରଦାନ କଲେ।

## ଓଡ଼ିଶା ଦେଖିବ ଲେଖାଶ୍ରୀ-ଶ୍ରୀମୟୀ ଲଢେଇ !



- ଚକ୍ମା ଦେବେ ଶ୍ରୀମୟୀ
- ଲେଖାଶ୍ରୀଙ୍କ ବଦଲା ନେବ ବିଜେପି



ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ):ଏକଦା ସାଂସଦ ଦୌଡରେ ଥିବା ବିଜେଡିର ଆଗଧାଡିର ନେତ୍ରୀ ଶ୍ରୀମୟୀ ମିଶ୍ର ଏବେ ଦଳରେ କୋଣଠେସା। ଅବସ୍ଥା ଏଭଳି ହୋଇଛି ଯେ ନବାଗତ ନେତାମାନେ ମଧ୍ୟ ତାଙ୍କୁ ଅପମାନିତ କରିବାକୁ ପଛାଉନାହାନ୍ତି। ତେଣୁ ଦଳରେ ଏଭଳି ଅପମାନିତ ହେବା ଅପେକ୍ଷା ଶ୍ରୀମୟୀ ଖୁବ୍ଶୀଘ୍ର କିଛି ବଡ଼ ନିଷ୍ପତ୍ତି ଗ୍ରହଣ କରିବା ନେଇ ଚର୍ଚ୍ଚା ଜୋର ଧରିଛି।
ଚର୍ଚ୍ଚା ଅନୁଯାୟୀ, ବିଜେଡିର ଏହି ଆଗଧାଡିର ନେତ୍ରୀଙ୍କୁ ବିଜେପି ଆପଣେଇ ନେବାପାଇଁ ଗୁରୁତ୍ୱର ସହ ଚିନ୍ତା କରୁଛି। କାରଣ ବିଜେପିର ଆଗଧାଡିର ନେତ୍ରୀ ଲେଖାଶ୍ରୀଙ୍କୁ ଆଣି ବିଜେଡି ଯେଭଳି ନିଇତି ତାଙ୍କରି ମୁହଁରେ ବିଜେପିକୁ ଗାଳି ଦେଉଛି ଠିକ୍ ସେହି ଢାଞ୍ଚାରେ ଶ୍ରୀମୟୀଙ୍କ ମୁହଁରେ ବିଜେଡିକୁ ଗାଳିଦେବା ପାଇଁ ରଣନୀତି ପ୍ରସ୍ତୁତ ଚାଲିଛି। ଏହାକୁ ଖୁବ୍ଶୀଘ୍ର ଚୂଡାନ୍ତ ରୂପ ଦେବାକୁ ବିଜେପିର ଗୋଟିଏ ଗୋଷ୍ଠି ଲାଗି ପଡ଼ିଛନ୍ତି।
ଉଲ୍ଲେଖନୀୟ ଯେ ବିଜେଡିର ଆଗଧାଡିର ନେତ୍ରୀ ଶ୍ରୀମୟୀ ମିଶ୍ର ଗତ ନିର୍ବାଚନ ସମୟରେ ଭୁବନେଶ୍ୱର ଲୋକସଭା ଆସନରେ ଅପରାଜିତାଙ୍କୁ ଟକ୍କର ଦେବାପାଇଁ ଚୂଡାନ୍ତ ହୋଇଥିଲା। ଏଥିପାଇଁ ଶ୍ରୀମୟୀ ସଭା ସମିତି ଆୟୋଜନ କରିବା ସହିତ କାନ୍ଥ ବାଡ଼ରେ ତାଙ୍କର ପୋଷ୍ଟର ବି ଲଗାଯାଇଥିଲା। ହେଲେ ଶେଷ ମୂହୂର୍ତ୍ତରେ ଟିକଟ ଛଡାଇନେଲେ କଂଗ୍ରେସ ନେତା ସୁର ରାଉତରାୟଙ୍କ ପୁଅ ମନ୍ମଥ। ବିଜେଡିରେ ଯୋଗ ଦେବାର କେଇ ମିନିଟ୍ ଭିତରେ ବିମାନ ଉଡ଼ାଇଲା ଭଳି ଟିକଟକୁ ଉଡ଼ାଇ ନେଲେ।
କିନ୍ତୁ ଶ୍ରୀମୟୀ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଏହାର ପ୍ରତିବାଦ ନ କରି ମନମରା ହୋଇ ରହିଥିଲେ। ହେଲେ ଶଙ୍ଖଭବନରେ ଖୋରଧା ଜିଲ୍ଲାର ନିର୍ବାଚନୀ ସମୀକ୍ଷା ବୈଠକରେ ମନ୍ମଥ ଯେଭଳି ଭାବେ ତାଙ୍କ ପ୍ରତି ଶବ୍ଦ ପ୍ରୟୋଗ କଲେ ତାହା ତାଙ୍କୁ ବେଶ୍ ବାଧିଥିଲା। ସବୁଠାରୁ ଅଧିକ ବାଧିଥିଲା ମନ୍ମଥଙ୍କୁ ବିଜେଡିର ଗୋଟିଏ ଗୋଷ୍ଠି ନିରବ ସମର୍ଥନ ଦେବା। ସେବେଠାରୁ ଏକପ୍ରକାର ମଉନବ୍ରତରେ ଥିବା ବିଜେଡିର ଏହି ନେତ୍ରୀ ଖୁବ୍ଶୀଘ୍ର ବଡ ନିଷ୍ପତ୍ତି ନେବେ ବୋଲି ଚର୍ଚ୍ଚା ଜୋର ଧରିଛି। ବିଜେପି ମଧ୍ୟ ଶ୍ରୀମୟୀଙ୍କୁ ନେବାକୁ ଆଗ୍ରହୀ। ଯଦି ଶ୍ରୀମୟୀ ବିଜେପିକୁ ଯାଆନ୍ତି ତେବେ ସେଠାରେ ତୁରନ୍ତ ଦଳୀୟ ମୁଖପାତ୍ର ହୋଇ ବିଜେଡିକୁ ଗାଳିଦେବା କିଛି ଅସମ୍ଭବ ନୁହେଁ। ଯଦି ଏହି ରଣନୀତି ସଫଳ ହୁଏ ତେବେ ଆଗାମୀ ଦିନରେ ଓଡ଼ିଶା ରାଜନୀତିରେ ଶ୍ରୀମୟୀ-ଲେଖାଶ୍ରୀଙ୍କ ବାକ୍ଯୁଦ୍ଧ ବେଶ୍ ରୋଚକ ହେବ ବୋଲି ଏବେ ଠାରୁ ଚର୍ଚ୍ଚା ଜୋର ଧରିଲାଣି।

SANCHAR ସଂଚାର

## ଜନ୍ମ ମାଟିରେ ଓଏଏସ୍‌ଙ୍କୁ ଭବ୍ୟ ସମ୍ବର୍ଦ୍ଧନା



**ରାଜନଗର, ୧୧।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ କିମ୍ବଦନ୍ତୀର ଅନନ୍ୟ ସ୍ୱାକ୍ଷର ବହନ କରି ଆସୁଥିବା ସାତଭାୟା ପଞ୍ଚାୟତର ପ୍ରଥମ ଓଏଏସ୍ ପାଇଥିବା ସୁଶ୍ରୀ ପ୍ରଜ୍ଞା ପାରଙ୍ଗମାଙ୍କୁ ନିଜ ଜନ୍ମମାଟିରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସାତଭାୟା ଗ୍ରାମ ପଞ୍ଚାୟତ ତରଫରୁ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ପ୍ରଜ୍ଞା ତାଙ୍କ ପିତା ବଲ୍ଲଭ ସାହୁ ଓ ମାତା ଲିଲି ସାହୁଙ୍କ ସହ ଗାଁରେ ପହଁଚିବାକ୍ଷଣି ମା'ପଞ୍ଚୁବରାହୀ ମନ୍ଦିର ପ୍ରବେଶ ପଥରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଗାଁର ପୁରୁଷ, ମହିଳା, ଯୁବ, ଛାତ୍ର ଛାତ୍ରୀମାନେ ବାଜା ରୋଷଣୀ ସହ ସୁଶ୍ରୀ ପ୍ରଜ୍ଞାଙ୍କୁ ସାତଭାୟାର ନୂଆ ଠିକଣା ବଗପାଟିଆ ଗାଁ ପରିକ୍ରମା କରିଥିଲେ। ମା ପଞ୍ଚୁବରାହୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ସାତଭାୟା ସରପଞ୍ଚ ପ୍ରସନ୍ନ କୁମାର ପରିଡ଼ା ପୌରୋହିତ୍ୟ କରିଥିଲେ। ଏଥିରେ ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, କବି ପ୍ରଦୀପ୍ତ ବେଉରା, ବରିଷ୍ଠପତ୍ରକାର ଭାସ୍କର ରାଉତରାୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ, ପୂର୍ବତନ ସରପଞ୍ଚ ସଂଗ୍ରାମ ସାହାଣୀ, ଗ୍ରାମ ମୁରବୀ ନିରଞ୍ଜନ ସ୍ୱାଇଁ, ଅକ୍ଷୟ କୁମାର ପରିଡ଼ା, ସୁଦର୍ଶନ ରାଉତ, ରଶ୍ମୀତା ସାହାଣୀ, ମା' ପଞ୍ଚୁବରାହୀ ବିଦ୍ୟା ନିକେତନର ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ଲେଙ୍କା, ଉପେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ସାତଭାୟା ପଞ୍ଚାୟତର ଅଲିଅଳି ଝିଅ ସୁଶ୍ରୀ ପ୍ରଜ୍ଞା ପ୍ରଥମଥର ଓଏଏସ ପରୀକ୍ଷାରେ ସଫଳତା ପାଇଥିବାରୁ ତାଙ୍କୁ ଭୂୟସୀ ପ୍ରଶଂସା କରାଯିବା ସହ ଉପଢୌକନ, ମାନପତ୍ର ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତବାସୀ ସହଯୋଗ କରିଥିଲେ। ଏହି ଭବ୍ୟ ସମ୍ବର୍ଦ୍ଧନାର ଉତରରେ ସୁଶ୍ରୀ ପ୍ରଜ୍ଞା କଠିନ ପରିଶ୍ରମ ଓ ଅଧ୍ୟାବସାୟ ଯୋଗୁଁ ଏହି ସଫଳତା ମିଳିପାରିଛି ବୋଲି କହିଥିଲେ।

## ଓଡ଼ିଶା ସାଇନ ଫାଉଣ୍ଡେସନ ପକ୍ଷରୁ ସହାୟତା




**ରାଜନଗର, ୧୧।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା ସାଇନ ଫାଉଣ୍ଡେସନ ପକ୍ଷରୁ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ବନ୍ଧପଡ଼ା ଗ୍ରାମ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଧନେଶ୍ୱର ସାମଲ ଜଣେ ଦିନ ମଜୁରିଆ ଭାବେ ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଗୋଟିଏ ପୁଅ ଗୋଟିଏ ଝିଅ ଓ ସହଧର୍ମିଣୀଙ୍କୁ ନେଇ ତାଙ୍କର ସଂସାର ଦୁଃଖେ କଷ୍ଟେ ଚଳିଯାଉଥିଲା। ଦିନ ମଜୁରିଆ ଭାବେ କାମ କରୁଥିବା ଧନେଶ୍ୱର ସଂଧ୍ୟା ସମୟରେ କାମରୁ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଗ୍ରାମବାସୀଙ୍କ ସହଯୋଗରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏହିଭଳି ଦୁଃଖଦ ଖବର ପାଇ ଓଡ଼ିଶା ସାଇନ ଫାଉଣ୍ଡେସନ ପକ୍ଷରୁ ଅସହାୟ ପରିବାରକୁ ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ସେବାରେ ଫାଉଣ୍ଡେସନର ନିହାର ରଞ୍ଜନ ବିଶ୍ୱାଳ, ତପନ କୁମାର ମହାନ୍ତି, ମଣିରାମ ସାହୁ, ଅଣାକାର ରାଉତ, ପ୍ରଜନ ପାତ୍ର, ସିଲୁ ଜେନା ପ୍ରମୁଖ ଉପସ୍ଥିତ ରହି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଥିଲେ।

## ବିଜେଡିର ଡିଜିଟାଲ ସଦସ୍ୟତା ଅଭିଯାନ କର୍ମଶାଳା




**ରାଜନଗର, ୧୧।୧୧ (ସଂଚାର ବ୍ୟୁରୋ):** ରାଜନଗର ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଡିଜିଟାଲ ସଦସ୍ୟତା ଅଭିଯାନ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଚଳିତବର୍ଷ ସମସ୍ତ ସଦସ୍ୟ ଅନଲାଇନ ମାଧ୍ୟମରେ ସଦସ୍ୟତା ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। କିପରି ପଞ୍ଜିକରଣ ହେବ, ସକ୍ରିୟ ସଦସ୍ୟ ଓ ପ୍ରାଥମିକ ସଦସ୍ୟ କିପରି ଡିଜିଟାଲ ସଦସ୍ୟ ହେବେ ଓ ଅନ୍ୟ ମାନଙ୍କୁ ସଦସ୍ୟତା କରିବେ ସେ ନେଇ କହିଥିଲେ। ବୈଠକରେ ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା, ରଘୁନାଥ ବେହେରା, ବିଜୟ ନାୟକ, ଅରୁଣ କୁମାର ସାହୁ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ଯୁବ ବିଜେଡି ସଭାପତି ଆର୍ତବନ୍ଧୁ ମହାନ୍ତି, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, ଦେବଦତ ସେଠୀ, ଯୁବନେତା ପ୍ରଭାତ କୁମାର ରାଉଳ, ଛାତ୍ର ନେତା ରବୀନ୍ଦ୍ର କୁମାର ସିଂ, ସୁଶାନ୍ତ କୁମାର ବେହେରା, ସତ୍ୟବ୍ରତ ପାଣି, ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ରମଣୀ ରଞ୍ଜନ ମହାପାତ୍ର, ରାକେଶ କୁମାର ନାୟକ, ସୁବାଷ ଜେନା, ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ କୁମାର ରାଉତ, ପ୍ରଭାତ କୁମାର ବେହେରା, ସୁରଜ ପୁହାଁଣ, ତପନ କୁମାର ମଣ୍ଡଳ, ରଞ୍ଜନ କୁମାର ପ୍ରଦାନ, ବିଚିତ୍ର କୁମାର ମଳିକ, ସତ୍ୟବାନ ସେଠୀ, ଉମେଶ ଚନ୍ଦ୍ର ଦାସ, ଦେବବ୍ରତ ମିଶ୍ର, ମଞ୍ଜୁଲତା ବଳ, ସୁଚିସ୍ମିତା ପରିଡ଼ା, ପ୍ରମୁଖ କିପରି ଡିଜିଟାଲ ସଦସ୍ୟତା ଗ୍ରହଣ କରାଯିବ, ସେ ନେଇ କହିଥିଲେ। ଏହି କର୍ମଶାଳାରେ ରାଜନଗର ବ୍ଲକର ୨୯ଟି ପଞ୍ଚାୟତର ଯୁବ, ଛାତ୍ର ଓ ମହିଳା ସଦସ୍ୟମାନେ ଯୋଗଦେଇଥିଲେ।

### ପେଣ୍ଠପାଳ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

## ୭ ଶ୍ରେଣୀକୁ ୩ ଶିକ୍ଷକ, ୩ ଗୃହରେ ପାଠପଢ଼ା

**କେନ୍ଦ୍ରାପଡ଼ା, ୧୧।୧୧ (ସଂଚାର ବ୍ୟୁରୋ):** ଶିକ୍ଷା ବିଭାଗର ଅବ୍ୟବସ୍ଥା ପାଇଁ ଛାତ୍ର ଛାତ୍ରୀଙ୍କ ପାଠ ପଢ଼ା ଏବେ ଅନ୍ଧାର ଘେରରେ। ଜିଲ୍ଲା ପ୍ରଶାସନ ଏବଂ ଶିକ୍ଷା ବିଭାଗର ନିରବତା ପାଇଁ ପିଲାମାନେ ବିଭିନ୍ନ ବିଷୟବସ୍ତୁ ରୁ ଦୂରେଇ ରହୁଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ପେଣ୍ଠପାଳ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଚରମ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। କେନ୍ଦ୍ର ଠାରୁ ରାଜ୍ୟ ସରକାର ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବା ବେଳେ ସମ୍ପ୍ରତି ପେଣ୍ଠପାଳ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରକାରୀ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସତେ ଯେମିତି ସରକାରୀ ଯୋଜନା ଏହି ବିଦ୍ୟାଳୟ ପାଇଁ ଅପହଞ୍ଚ ପାଲଟିଛି।




ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ଶ୍ରେଣୀ ଥିବା ବେଳେ ୧୧୫ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ୭ ଟି ଶ୍ରେଣୀ ପାଇଁ ମାତ୍ର ୩ ଟି ଶ୍ରେଣୀ ଗୃହ ଥିବା ବେଳେ ୩ ଜଣ ଶିକ୍ଷକ ପାଠ ପଢାଉଛନ୍ତି। ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଖେଳ ପଡିଆ ନଥିବା ବେଳେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାଇଁ ରୋଷେଇ ଘର ମଧ୍ୟ ନଥିବା ଦେଖିବାକୁ ମିଳିଛି। ସେହିପରି ବିଦ୍ୟାଳୟ ସମ୍ମୁଖରେ ଏକ ପୋଖରୀ ରହିଥିବାରୁ ବିଦ୍ୟାଳୟରେ ପାଠ ପଢୁଥିବା ଛୋଟ ଛୋଟ ପିଲାଙ୍କ ପାଇଁ ସବୁ ସମୟରେ ବିପଦ ରହିଛି। ଏହି ପୋଖରୀ ସରକାରୀ ସହଯୋଗରେ ପୋତା ଗଲେ ଖେଳପଡିଆ ହୋଇ ପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

ଏହି ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବହୁବାର ଅଭିଯୋଗ କଲେ ମଧ୍ୟ ଜିଲ୍ଲା ଶିକ୍ଷାବିଭାଗ ଅଧିକାରୀ ଏବଂ ଜିଲ୍ଲାପାଳ କୌଣସି ନଜର ଦେଉନଥିବା ଗ୍ରାମବାସୀ କହିଛନ୍ତି । ଉକ୍ତ ବିଦ୍ୟାଳୟର ସମସ୍ୟା ଗୁଡିକରେ ଆଶୁସମାଧାନ ପାଇଁ ଗ୍ରାମପଞ୍ଚାୟତ ସରପଞ୍ଚ ଅନ୍ନପୂର୍ଣ୍ଣା ମଲ୍ଲିକ, ସମିତି ସଭ୍ୟ ଶଶାଙ୍କ ବିଶ୍ୱାଳ, ମୁରବି କେଦାର ବିଶ୍ୱାଳ, କୈଳାଶ ସେଠୀ, ଗନ୍ଧର୍ବ ମଳିକ, ଭାବଗ୍ରାହୀ ମଳିକ, ସୁଲେଖ ବିଶ୍ୱାଳ, ଜୟନ୍ତ ବିଶ୍ୱାଳ, ଅଶ୍ୱିନୀ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି।



## ଚାରୁଲତା ଭୂୟାଁଙ୍କ କବିତା ସଂକଳନ ପୁସ୍ତକ ଉନ୍ମୋଚନ

**କେନ୍ଦ୍ରାପଡ଼ା, ୧୧।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସାନ୍ଧ୍ୟା ମହାବିଦ୍ୟାଳୟ ପରିସରରେ ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ କବି ଇଂ ଅକ୍ଷୟ ପାଣିଙ୍କ ସଂଯୋଜନାରେ ଉପସ୍ଥିତ ମଞ୍ଚାସିନ ଅତିଥୀ ପ୍ରେମାନନ୍ଦ ଖଣ୍ଡୁଆଳ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, କବି ଡକ୍ଟର ଫନୀ ମହାନ୍ତି, ପ୍ରଫେସର ଡଃ ନନ୍ଦ କିଶୋର ପରିଡା, ଇଂ ଯାମିନୀ କାନ୍ତ ଦାସ, ପୂର୍ବତଟ ରେଳ ବିଭାଗର ବରିଷ୍ଠ ଅଧିକାରୀ କବି ନୀରାକାର ଦାସ, ପ୍ରଫେସର ଡଃ ଶ୍ରୀଧର ସାମଲ ଏବଂ ପ୍ରାବନ୍ଧିକ ଡଃ ବାସୁଦେବ ଦାସଙ୍କ କର କମଳରେ ବିଶିଷ୍ଟ ଲେଖିକା, ଶିକ୍ଷୟିତ୍ରୀ ଓ କବୟିତ୍ରୀ ଶ୍ରୀମତୀ ଚିରୁଲତା ଭୂୟାଁଙ୍କ ପୁସ୍ତକ ତଥା ବନଫୁଲ ପ୍ରକାସନ ଦ୍ୱାରା ପ୍ରକାଶିତ କବିତା ସଂକଳନ ସମୟର ସ୍ୱର ଉପସ୍ଥିତ ଥିବା ବହୁ କବି, ଶିକ୍ଷକ, ଶିକ୍ଷୟିତ୍ରୀ, ଲେଖକ, ଲେଖିକା, ପାଠକ ଓ ପାଠୀକା ମାନଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଇଥିବା ଦେଖିବାକୁ ମିଳିଛି ।

## ଅନ୍ଧାରରେ ସାନ୍ତସାହି-ମୀରପାଟଣା ରାସ୍ତା

### ମାସେ ହେଲା କାହାର ଦୃଷ୍ଟି ପଡୁନି

**କେନ୍ଦ୍ରାପଡ଼ା, ୧୧।୧୧ (ସଂଚାର ବ୍ୟୁରୋ):** ଅଧିକାଂଶ ଷ୍ଟ୍ରିଟ ଲାଇଟ୍ ଏବେ ଅଚଳ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଛି। କେଉଁଠି ଖୁଣ୍ଟ ଉପରେ ବଲ୍ ନାହିଁ ତ ଆଉ କେଉଁଠି ତାର ସଂଯୋଗ ନଥିବା ଯୋଗୁଁ ରାତି ଆଲୋକରୁ ବଞ୍ଚିତ ହେଉଛନ୍ତି ଲୋକେ। କେନ୍ଦ୍ରାପଡା ପୌରାଞ୍ଚଳର କେତେକ ସ୍ଥାନରେ ଏଭଳି ଷ୍ଟ୍ରିଟ୍ ଲାଇଟ୍ ଜଳୁ ନଥିବା ଅଭିଯୋଗ ଆସିଥିବା ବେଳେ ଏବେ ଆହୁରି ଏକ ସମସ୍ୟା ଦେଖା ଦେଇଛି। ଦୀର୍ଘ ୧ ମାସରୁ ଊର୍ଦ୍ଧ୍ୱ ହେବ ସାନ୍ତସାହି ଠାରୁ ମୀରପାଟଣା ରାସ୍ତା ସଂପୂର୍ଣ୍ଣ ଭାବରେ ଅନ୍ଧାର ହୋଇ ରହିଛି । ପୌରାଂଚଳର ୬ ଓ ୭ନଂ ୱାର୍ଡର ମୁଖ୍ୟ ରାସ୍ତା ଅନ୍ଧାର ହେବା ଫଳରେ ଏହାର ସୁଯୋଗ ନେଇ କେତେକ ସ୍ଥାନରେ ଚୋରୀ, ଡକାୟତି ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଲାଣି।

ମୀରପାଟଣାର ଏକ ଗ୍ୟାରେଜରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ବେଳେ ଏହି ମୁଖ୍ୟ ରାସ୍ତାଟି ଗୋବରୀ କେନାଲ ଓ ବିଲ ଦେଇ ଯାଇଥିବାରୁ ଅନ୍ଧାରରେ ଅନେକ ବିଷଧର ସାପ ସହ ଅନ୍ୟ ଜୀବଜନ୍ତୁ ମଧ୍ୟ ରାସ୍ତା ମଧ୍ୟରେ ଯାତାୟତ କରୁଛନ୍ତି। ଏହି ରାସ୍ତାରେ ସଂନ୍ଧ୍ୟା ସମୟରେ ଦୈନିକ ହଜାର ହଜାର ଲୋକଙ୍କ ସହିତ ଅନେକ ପ୍ରଶାସନିକ ଅଧିକାରୀ ଯାତାୟତ କରୁଥିଲେ ମଧ୍ୟ ଅନ୍ଧାରକୁ ସମସ୍ତେ ଅଣଦେଖା କରୁଛନ୍ତି । ବିଷଧର ସାର୍ପାଘାତରେ ଅନେକ ଲୋକ ଆହତ ମଧ୍ୟ ହୋଇଥିବା ଜାଣିବାକୁ ମିଳିଛି ।

ରାସ୍ତାଟି ଆଲୋକୀ କରଣ କରିବା ପାଇଁ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀ ଦାୟିତ୍ୱ ନେଇଥିବାରୁ ବାରମ୍ବାର ଏହି ଘରୋଇ କମ୍ପାନୀକୁ ଖବର ଦେଲେ ମଧ୍ୟ କମ୍ପାନୀ ଏହାର କୌଣସି ବ୍ୟବସ୍ଥା କରୁନାହିଁ । ଯାହା ଫଳରେ ଯାତାୟତ କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ରାସ୍ତାରେ ଥିବା ଷ୍ଟ୍ରିଟ୍ ଲାଇଟ୍ ଜଳେଇବା ପାଇଁ ସ୍ଥାନୀୟ ଲୋକ ଦାବି କରୁଛନ୍ତି ।

### ସଫଳ ହେଲା ରକ୍ତଦାନ ମହୋତ୍ସବ

## ସଂଗୃହୀତ ହେଲା ୧୦୫ ୟୁନିଟ୍ ରକ୍ତ

**ପଟ୍ଟାମୁଣ୍ଡାଇ, ୧୧।୧୧ (ସଂଚାର ବ୍ୟୁରୋ):** ଜିଲ୍ଲାରେ ପ୍ରଥମ ଥର ପାଇଁ ରକ୍ତଦାନ ମହୋତ୍ସବ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର କେତେକ ଅଗ୍ରଣୀ ସାମାଜିକ ସଙ୍ଗଠନ ମାନଙ୍କ ମିଳିତ ଆନୁକୂଲ୍ୟରେ ଅଞ୍ଚଳର ଯୁବକ/ଯୁବତୀ, ଗ୍ରାମବାସୀ, ବୁଦ୍ଧିଜୀବୀ ଏହି ରକ୍ତଦାନ ମହୋତ୍ସବ ସଫଳ କରାଇବାରେ ବେଶ୍ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଛନ୍ତି। ସ୍ୱାମୀ ବିବେକାନନ୍ଦ ଯୁବ ସମାଜ, ଶ୍ରୀଜଗନ୍ନାଥ ଚାରି ଟେବୁଲ୍ ଟ୍ରଷ୍ଟ, ଉତ୍କଳମଣି ଯୁବକ ସଂଘ, ସମ୍ବାଦ ଆମ ଓଡିଶା,ମହାକାଳପଡ଼ା ୟୁଥ୍ ଗ୍ରୁପ୍, ଜାତୀୟ ଯୁବ ପ୍ରକଳ୍ପ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଉଦ୍ୟମ ଫାଉଣ୍ଡେସନ ଭଳି ସାମାଜିକ ସଙ୍ଗଠନ ର ସକ୍ରିୟ ସଦସ୍ୟ ସଦସ୍ୟାମାନେ କାର୍ଯ୍ୟକ୍ରମ ସଫଳ କରାଇବାକୁ ସବୁ ପ୍ରଚେଷ୍ଟା କରିଥିଲେ।




ରକ୍ତର ବିକଳ୍ପ ନାହିଁ କି ସୃଷ୍ଟି ନାହିଁ। ଏହା ଏକ ଶରୀରରୁ ଅନ୍ୟ ଏକ ଶରୀରକୁ ପ୍ରବାହିତ କରାଇ ଜୀବନ ବଞ୍ଚାଇ ହୁଏ। ରକ୍ତ ଅଭାବରୁ ଅନେକ ସମୟରେ ବହୁ ମୂଲ୍ୟବାନ ଜୀବନ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏହି ମର୍ମକୁ ହୃଦୟଙ୍ଗମ କରି ରକ୍ତର ଅଭାବ ଦୂରେଇବା ସହିତ ରକ୍ତ ଭଣ୍ଡାରରେ ରକ୍ତର ଉପଲବ୍ଧି ପାଇଁ ଏମିତି ଏକ ନିଆରା ପ୍ରୟାସ ଆରମ୍ଭ କରାଯାଇଛି। ଗ୍ରାମରୁ ରକ୍ତଦାନ ସମ୍ବନ୍ଧୀୟ ସଚେତନତା ଓ ପ୍ରତ୍ୟକ ଘରୁ ରକ୍ତଦାତା ତିଆରି କରିବା ପାଇଁ ସାମାଜିକ ସଙ୍ଗଠନର ସଦସ୍ୟମାନେ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ ତାହା ଆଜି "ରକ୍ତଦାନ ମହୋତ୍ସବ" ଜରିଆରେ ସଫଳ ହେଉଛି।

ରକ୍ତଦାନ ନିମନ୍ତେ ଲୋକମାନଙ୍କ ସଚେତନତା ପାଇଁ ପ୍ରଚାର ଗାଡ଼ି ବୁଲାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ଲୋକମାନେ ଜଣେ ଜଣେ ରକ୍ତଦାତା ଭାବରେ ରକ୍ତଦାନ କେନ୍ଦ୍ରରେ ପହଞ୍ଚି ରକ୍ତଦାନ କରିଥିଲେ। ଯୁବକ ମାନଙ୍କ ଆଗ୍ରହ, ଉତ୍ସାହ ଓ ଅଞ୍ଚଳର ଲୋକମାନଙ୍କ ସୁରକ୍ଷା ପାଇଁ ଜାରି ରହିଥିବା ପ୍ରୟାସକୁ ସମର୍ଥନ ଜଣାଇ ପଟ୍ଟାମୁଣ୍ଡାଇ ଗ୍ରାମୀଣ ଥାନା ଅଧିକାରିଣୀ ଶ୍ରୀମତୀ ପଦ୍ମାଳୟା ପ୍ରଧାନ, ପଟ୍ଟାମୁଣ୍ଡାଇ ଏଚଡିଏଫସି ବ୍ୟାଙ୍କର ମ୍ୟାନେଜର ଦିପ୍ତିମୟୀ ସ୍ୱାଇଁ ଉପସ୍ଥିତ ରହି ଆୟୋଜକମାନଙ୍କୁ ସମାଜ କଲ୍ୟାଣକାରୀ ଉଦ୍ୟମ ପାଇଁ ଅଭିନନ୍ଦନ ଜଣାଇଥିଲେ। ତତ୍ ସହିତ ଥାନା ଅଧିକାରିଣୀ ଶ୍ରୀମତୀ ପ୍ରଧାନ ଉକ୍ତ ରକ୍ତଦାନ ମହୋତ୍ସବରେ ରକ୍ତଦାନ କରିଥିଲେ। ସମସ୍ତଙ୍କ ସହଯୋଗ ଓ ସମର୍ଥନ ଫଳରେ ସମୁଦାୟ ୧୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ୍, କଟକକୁ ହସ୍ତାନ୍ତର କରାଯାଇଥିଲା। ଏମିତି ଏକ ନିଆରା ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ବାଟୋଇ ସାହିତ୍ୟ ପତ୍ରିକା ଉନ୍ମୋଚିତ

**ରାଜନଗର, ୧୧।୧୧ (ସଂଚାର ବ୍ୟୁରୋ):** ରାଜନଗର ଅଞ୍ଚଳରୁ ପରିପ୍ରକାଶ ପାଉଥିବା ରାଜ୍ୟସ୍ତରୀୟ ସାହିତ୍ୟ ପତ୍ରିକା ବାଟୋଇ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟିକ ପ୍ରଫେସର ନଟବର ଶତପଥୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟିକ ଡ଼. ବାବାଜୀ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ବରେଣ୍ୟ କବି ଓ ସାହିତ୍ୟିକ ନିରାକାର ଦାସ, ସମ୍ମାନୀତ ଅତିଥି ବିଶିଷ୍ଟ କବି ଓ ସାହିତ୍ୟିକ ଶତୃଘନ ପାଣ୍ଡବ, ସମ୍ମାନୀତ ଅତିଥି ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟିକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଗାଁ ମାଟିରେ ହିଁ ସାହିତ୍ୟ କାଳଜୟୀ ହୋଇପାରିବ ବୋଲି ବକ୍ତା ମାନେ କହିଥିଲେ। କବି ହେମନ୍ତ କୁମାର ରାଉତଙ୍କ



ପୌରହିତ୍ୟରେ ଅନୁଷ୍ଠିତ ଏହି ସାହିତ୍ୟ ପତ୍ରିକା ଉନ୍ମୋଚିତ କାର୍ଯ୍ୟକ୍ରମରେ ପତ୍ରିକାର ସଂପାଦକ କବି ଶତୃଘନ ତରାଇ ସ୍ୱାଗତ ଭାଷଣ ଦେଇଥିଲେ। ସହ ସଂପାଦକ ନୃସିଂହ ଚରଣ ତରାଇ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ପତ୍ରିକା ଉନ୍ମୋଚନ କରାଯାଇଥିଲା।

## ଧର୍ମଘଟକାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କଲେ ବିଧାୟକ



**କେନ୍ଦ୍ରାପଡ଼ା, ୧୧।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସହିତ ଓଡିଶାର ଅନ୍ୟ ୧୭ ଗୋଟି ଜିଲ୍ଲାର ହାଇୱା ଓ ଟିପର ମାଲିକ ସଂଘ ସେମାନଙ୍କର ନ୍ୟାର୍ଯ୍ୟ ଦାବି ପୁରଣ କରିବା ପାଇଁ ୩ ଦିନ ହେଲା ଧର୍ମଘଟରେ ଜିଲ୍ଲାର ସମସ୍ତ ହାଇୱା ଓ ଟିପର ବନ୍ଦ କରି ମାଲିକ ସଂଘ ଦୁହୁରିଆ ଛକରେ ବସି ରହିଛନ୍ତି । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଖବର ପଇବା ପରେ ଧର୍ମଘଟ ସ୍ଥଳରେ ପହଁଚି ସଂଘର ମାଲିକ ମାନଙ୍କ ସହ ଆଲୋଚନା କରି ଏକ ଦାବିପତ୍ର ଗ୍ରହଣ କରିଛନ୍ତି । ବିଧାୟକ ଶ୍ରୀ ବେହେରା ଖଣି ନିର୍ଦ୍ଦେଶକ, କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଜିଲ୍ଲା ଖଣି ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ବାଟ ବାହାର କରିବେ ବୋଲି ଆନ୍ଦୋଳନ କାରୀଙ୍କୁ ପ୍ରତିଶୃତି ଦେଇଛନ୍ତି । ଦୀର୍ଘ ୩ ଦିନ ଜିଲ୍ଲାର ସମସ୍ତ ହାଇୱା ଓ ଟିପର ବନ୍ଦ ହେବା ଫଳରେ ଲଘୁ ଖଣିଜ ରପ୍ତାନୀ ସଂପୂର୍ଣ୍ଣ ବନ୍ଦ ହୋଇପଡିବା ଫଳରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଧାୟକଙ୍କ ସହ ଆଲୋଚନା ସମୟରେ ସଭାପତି ନାରାୟଣ ସ୍ୱାଇଁ, ସଂପାଦକ କ୍ଷିରୋଦ ଚନ୍ଦ୍ର ଦାସ, ସୁଶାନ୍ତ କୁମାର ପଣ୍ଡା, ଅମୁଲ୍ୟ ମହାପାତ୍ର, ପ୍ରମୋଦ କୁମାର ସ୍ୱାଇଁ, ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଅନାହାରରେ ଗୋରୁପଲ

## ସାତଭାୟାରେ ସ୍ଥିତି ପରଖିଲେ ଜିଲ୍ଲାପାଳ



**ରାଜନଗର, ୧୧।୧୧ (ସଂଚାର ବ୍ୟୁରୋ):** ବଂଗୋପସାଗର କୂଳ ସାତଭାୟାର ପୁରୁଣା ଜନବସତି ଅଞ୍ଚଳରେ ସମୁଦ୍ର କୂଳରେ ଥିବା ପ୍ରାୟ ୮ଶହରୁ ଅଧିକ ଗୋରୁଙ୍କର ଅବସ୍ଥା ଏବେ ସଂକଟଜନକ ସ୍ଥିତିରେ। ବାତ୍ୟା ଦାନା ରେ ଯେତିକି ଗାଈଗୋରୁ ବାତ୍ୟା ଦାନାରେ ମରିଛନ୍ତି, ତା ଠୁଁ ଅଧିକ ଗୋରୁ ଗତ ସପ୍ତାହ ମଧ୍ୟରେ ଅନାହାରରେ ମରିସାରିଲେଣି। ଖବର ପ୍ରକାଶ ପାଇବା ପରେ ଆଜି ସନ୍ଧ୍ୟାରେ କେନ୍ଦ୍ରପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଉପ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଏଡିଏମ ନିଲୁ ମହାପାତ୍ରଙ୍କ ସହିତ କୃଷି, ପଶୁ ଚିକିତ୍ସା ଓ ବନ ବିଭାଗର ଅଧିକାରୀମାନେ ସାତଭାୟାରେ ପହଞ୍ଚିଛନ୍ତି। ବାଉଁଶଗଡ଼ି ନଦୀ ପାର ହୋଇ ମୋଟର ସାଇକେଲ ଯୋଗେ ସାତଭାୟାରେ ପହଞ୍ଚିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ଓ ଜୁଆର ଥିବାରୁ ଅନାହାରରେ ଥିବା ଗୋରୁଙ୍କ ନିକଟରେ ପହଞ୍ଚି ପାରିନଥିଲେ। ମାତ୍ର ପୁରୁଣା ସାତଭାୟାରେ ଲୁଣି ପାଣି ମାଡି ଯାଇଥିବା ଓ ଗାଈ ଗୋରୁଙ୍କ ଖାଦ୍ୟ ଭାବ ପ୍ରସଙ୍ଗରେ ତଦନ୍ତ କରି ଫେରିଛନ୍ତି। ଅନ୍ୟପକ୍ଷରେ ବାତ୍ୟା ଦାନରେ ରାଜନଗର ବ୍ଲକରେ ଗୋଟିଏ ବି ଗୋରୁ ମରିନଥିବା ନେଇ ଜିଲା ପ୍ରଶାସନ ରିପୋର୍ଟ ଦେଇଥିବା ବେଳେ ସାତଭାୟାରେ ୫୦ ରୁ ଊର୍ଦ୍ଧ୍ୱ ଗୋରୁ ମରିଥିବା ସାତଭାୟାବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସାତଭାୟାର ପ୍ରଫୁଲ ଲେଙ୍କା ତାଙ୍କର ୩ ଟି ଗାଈ, ଗୋଟିଏ ବଳଦ, ଗୋଟିଏ ବାଛୁରି, ୫ଟି ମଇଁଷି, ୧୩ ଛେଳି, ବଇଲୋଚନ ବେହେରା ଙ୍କର ଦୁଇଟି ଗାଈ, ଗୋଟିଏ ବାଛୁରି ଓ ୧୨ଟି ଛେଳି ମରିଥିବା ଓ ତ୍ରିଲୋଚନ ବେହେରାଙ୍କର ଗୋଟିଏ ଗାଈ ଓ ଗୋଟିଏ ବାଛୁରି ମରିଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପଶୁ ଚିକିତ୍ସାବିଭାଗ ଟିମ ସାତଭାୟାରେ ପହଞ୍ଚି ତଦନ୍ତ କରି ରିପୋର୍ଟ ଦେବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଧୋୟାଞ୍ଚଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ପଟ୍ଟାମୁଣ୍ଡାଇ, ୧୧।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳରେ ବିଜେଡି ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଅଳପୁଆ ମା ଧାନେଶ୍ୱରୀ ପୀଠରୁ ଆରମ୍ଭ ହୋଇ ଥିବା ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ପ୍ରାକ୍ତନ ବ୍ଲକ ଉପାଧକ୍ଷ ସୁଶାନ୍ତ ଦାସ,ବରିଷ୍ଠ ନେତା ଧନେଶ୍ୱର ପ୍ରଧାନ, ରବୀନ୍ଦ୍ର ପରିଡା, ସୁକାନ୍ତ ରାଉତ, ଚନ୍ଦନ ସାହୁ, ସର ପଞ୍ଚ ପଦ୍ମିନୀ ବେହେରା, ଦେବବ୍ରତ ନାୟକ, ସମିତିସଭ୍ୟ ଅଭୟ ସ୍ୱାଇଁ ନିରଞ୍ଜନ ବାରିକ, ଶଶାଙ୍କ ଶେଖର ବିଶ୍ୱାଳ,ପୂର୍ବତନ ସରପଞ୍ଚ କୈଳାଶ ସେଠୀ, ଅଣ୍ଡରା ସୋସାଇଟି ସଭାପତି ବୃନ୍ଦାବନ ମଲ୍ଲିକ,ବଡ଼ ମୂଳବସନ୍ତ ସୋସାଇଟି ସଭାପତି ସଞ୍ଜୟ ଲେଙ୍କା, ହିମାଂଶୁ ବିଶ୍ୱାଳ, ଅଭିଷେକ ବିଶ୍ୱାଳ, ଜ୍ୟୋତି ରଞ୍ଜନ ପ୍ରଧାନ କେଦାରନାଥ ବିଶ୍ୱାଳ ପୂର୍ଣ୍ଣ ଚନ୍ଦ୍ର ନାୟକ, ଉମେଶ ମହାନ୍ତି ମଳୟ ମଳିକ, ବିଜୟ ମଲ୍ଲିକ, ଗଣେଶ ମଲ୍ଲିକ,ସରୋଜ କୁମାର ମଲ୍ଲିକ, କୁଳମଣି ମଳିକ, ସିଦ୍ଧାର୍ଥ ଦାସ, ଅଭୟ ଜେନା, ତପ ରଞ୍ଜନ ବେହେରା,ସୁରେନ୍ଦ୍ର ମଳିକ ବିଶ୍ୱଜିତ ମହାନ୍ତି , ପ୍ରଭାଷ ରାଉତ, ସୌମ୍ୟ ରଞ୍ଜନ ସାହୁ, ପ୍ରଭାତ ରାଉତ ସୌମେନ୍ଦ୍ର ନାୟକ,ପ୍ରବୋଧ ଖଣ୍ଡାୟୀ, ଚାନ୍ଦ ମହାଳିକ, ବିମଳ ଖଣ୍ଡାୟୀ, ବୈକୁଣ୍ଠ ସେନାପତି ପ୍ରମୁଖ ୧୫ନଂ ଓ ୧୬ନଂ ଜୋନର ବହୁ ବିଜେଡି ନେତା କର୍ମକର୍ତ୍ତା ଓ ପ୍ରମୁଖ ଛାମୁଆ କର୍ମୀ ସାମିଲ ହୋଇ ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ କୃଷ୍ଣଦାସପୁର, ଅଣ୍ଡରା,ଅମୃତ ମଣୋହି, ଆଦି ବିଭିନ୍ନ ଅଂଚଳରେ ପଦଯାତ୍ରା କରିବା ପରେ ବଲୁରିଆ ମହାଦେବ ମନ୍ଦିର ନିକଟରେ ପହଂଚି ବା ପରେ ପଦଯାତ୍ରା ଶେଷ ହୋଇଥିଲା ।

ବିଭିନ୍ନ ସ୍ଥାନରେ ଜନସାଧାରଣ ପଦଯାତ୍ରାକାରୀଙ୍କୁ ସ୍ୱାଗତ କରିବା ସହିତ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଇ ଅବସରରେ ବିଭିନ୍ନ ସ୍ଥାନରେ ଆୟୋଜିତ ପଥପ୍ରାନ୍ତ ସଭାରେ ବିଧାୟକ ଶ୍ରୀ ବେହେରା ଭାଷଣ ଦେଇ ଅଂଚଳର ବିକାଶ ଓ ଜନ ସମସ୍ୟା ତାଙ୍କର ପ୍ରାଥମିକତା ହୋଇ ଥିବାରୁ ବିରୋଧୀ ଦଳରେ ରହି ମଧ୍ୟ ତାଙ୍କର ସଂଗ୍ରାମ ଜାରୀ ରଖିବେ ବୋଲି ପ୍ରକାଶ କରିଥିଲେ । ଏହି ପଦଯାତ୍ରାରେ ୧୫ନଂ ଓ ୧୬ନଂ ଜୋନର ବହୁ ସଂଖ୍ୟକ ବିଜେଡି ନେତା କର୍ମକର୍ତ୍ତା ଓ ଛାମୁଆ କର୍ମୀ ଯୋଗ ଦେଇଥିଲେ ।

## ପିଲା ଚୋରି ସନ୍ଦେହରେ ଫେରିବାଲା ଦମ୍ପତି ଅଟକ

### ନିର୍ଘୁମ ଛେଚିଲେ ଗ୍ରାମବାସୀ
### ଉଦ୍ଧାର କଲା ପୋଲିସ
### ଅଞ୍ଚଳରେ ଆଲୋଡନ

**ପଟ୍ଟାମୁଣ୍ଡାଇ, ୧୧।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଶାସନ ଗ୍ରାମରେ ଆଜି ଏକ ୫ବର୍ଷର ଶିଶୁକୁ ଚୋରି କରି ନେଉଥିବା ସନ୍ଦେହରେ ୨ଜଣ ଅଣଓଡ଼ିଆ ଫେରିବାଲା ଦମ୍ପତିଙ୍କୁ ଶାସନ ଗ୍ରାମବାସୀ ନିର୍ଘୁମ ଛେଚିବା ସହିତ ପଂଚାୟତ ଘରେ ଅଟକ ରଖିଥିଲେ । ଖବର ପାଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଗ୍ରାମବାସୀଙ୍କ ଠାରୁ କ୍ଷତାକ୍ତ ଅବସ୍ଥାରେ ୨ ଅଣଓଡ଼ିଆ ଫେରିବାଲା ଦମ୍ପତିଙ୍କୁ ଥାନାକୁ ଧରି ଆଣି ଘଟଣାର ତଦନ୍ତ ଆରମ୍ଭ କରିଛି । ଏହି ଘଟଣା ସମଗ୍ର ଅଂଚଳରେ ଆଲୋଡନ ସୃଷ୍ଟି କରିଛି ।

ପୋଲିସ ସୂତ୍ରରୁ ପ୍ରକାଶ ଯେ ଆଜି ସକାଳ ୮ଟା ସମୟରେ ମଧ୍ୟ ପ୍ରଦେଶର ଫେରିବାଲା ଦମ୍ପତି ସନ୍ତୋଷ ବାନଞ୍ଜାରା ଓ ପତ୍ନୀ ମମତା ବାନଞ୍ଜାରା ପାଣି ଡ୍ରମ ବିକ୍ରି କରିବା ପାଇଁ ମୋଟର ସାଇକେଲ ଯୋଗେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନିମପୁର ଶାସନ ଗ୍ରାମ ଦେଇ ଯାଉଥିବାବେଳେ ରାସ୍ତା ଉପରେ ଝାଡା ଫେରୁଥିବା ଶାସନ ଗ୍ରାମର ଅରୁଣ ମଲିକଙ୍କ ୫ବର୍ଷର ଶିଶୁ ପୁଅକୁ ଅପହରଣ ଉଦ୍ୟମ କରିଥିଲେ। ମାତ୍ର ଅନ୍ୟ ଏକ ଛୋଟ ପିଲା ଏହା ଦେଖି ଖୁବ ଜୋରରେ ପାଟି କରିବାରୁ ସାହିପଡିଶା ଓ ଗ୍ରାମବାସୀ ତତ୍‌କ୍ଷଣାତ ସେମାନଙ୍କ ପିଛା କରି ମାଳିପୁର ଛକ ପୂର୍ବରୁ ଧରି ଆଣି ପିଲା ଚୋରି ସନ୍ଦେହରେ ନିର୍ଘୁମ ଛେଚିବା ସହିତ ଶାସନ ପଂଚାୟତ ଅଫିସ ନିକଟକୁ ଆଣି ଅଟକ ରଖିଥିଲେ । ଶାସନ ସରପଞ୍ଚ ସଂଗ୍ରାମ ବାରିକ ପଂଚାୟତ ଅଫିସରେ ପହଂଚି ଉତ୍ୟକ୍ତ ଲୋକଙ୍କ ଠାରୁ ଫେରିବାଲା ଦମ୍ପତିକୁ ଆଣି ପଂଚାୟତ ଅଫିସ ମଧ୍ୟରେ ରଖିଥିଲେ । ଲୋକଙ୍କ ଆକ୍ରମଣରେ ଫେରିବାଲା ଦମ୍ପତି ୨ଜଣ କ୍ଷତାକ୍ତ ହୋଇଥିଲେ । ଖବର ପାଇ ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ପଦ୍ମାଳୟା ପ୍ରଧାନଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କ କବଳରୁ ୨ଅଣ ଓଡ଼ିଆ ଫେରିବାଲା ଦମ୍ପତିଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରି ଥାନା ଆଣିଥିଲେ ।

ସ୍ଥାନୀୟ ପୋଲିସ ଫେରିବାଲା ଦମ୍ପତିଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ସ୍ପର୍ଶକାତର ଘଟଣାର ପର୍ଦାଫାଶ କରିବା ସହିତ ସତ୍ୟାସତ୍ୟ ଜାଣିବା ପାଇଁ ଗ୍ରାମାଞ୍ଚଳ ଥାନା ପୋଲିସ ଉଭୟ ଫେରିବାଲା ଦମ୍ପତି ଓ ସ୍ଥାନୀୟ ଲୋକମାନଙ୍କୁ ପଚରା ଉଚରା କରୁଛି। ଏହି ଘଟଣାର ସତ୍ୟାସତ୍ୟ ଜଣାପଡିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ ପ୍ରକାଶ କରିଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ପ୍ରକାଶ ପାଇଛି ।

# ସ୍ୱାମୀନାରାୟଣ ମନ୍ଦିରର ୨୦୦ତମ ବାର୍ଷିକ ଉତ୍ସବ

**ନୂଆଦିଲ୍ଲୀ,୧୧।୧୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ଭଡ଼ତାଲସ୍ଥିତ ଶ୍ରୀ ସ୍ୱାମୀନାରାୟଣ ମନ୍ଦିରର ୨୦୦ତମ ବାର୍ଷିକୀ ଉତ୍ସବରେ ଅଂଶ ଗ୍ରହଣ କରିଛନ୍ତି। ଭିଡିଓ କନଫରେନ୍ସିଂ ଜରିଆରେ ସମବେତ ଜନତାକୁ ଉଦବୋଧନ ଦେଇ ସେ କହିଥିଲେ, ୨୦୦ତମ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହେବା ଶ୍ରୀ ସ୍ୱାମୀନାରାୟଣଙ୍କ ଆଶୀର୍ବାଦ। ସମଗ୍ର ବିଶ୍ୱର ଭକ୍ତମାନଙ୍କୁ ସେ ସ୍ୱାଗତ କରି କହିଥିଲେ, ସେବା ହିଁ ସ୍ୱାମୀନାରାୟଣ ମନ୍ଦିରର ମୂଳ ପରମ୍ପରା ଏବଂ ଭକ୍ତମାନେ ଆଜି ସେବାରେ ହିଁ ତଲ୍ଲୀନ ହୋଇଛନ୍ତି। ଗଣମାଧ୍ୟମରେ ଏବେ ଉତ୍ସବକୁ ଦେଖି ସେ ଅତ୍ୟନ୍ତ ପ୍ରସନ୍ନ ହୋଇଥିବା କହିଥିଲେ। ସେ କହିଥିଲେ, ଭଡ଼ତାଲ ଧାମରେ ୨୦୦ତମ ବାର୍ଷିକୀ ଉତ୍ସବ କେବଳ ଏକ ଇତିହାସ ନୁହେଁ, ଭଡ଼ତାଲ ଧାମ ପ୍ରତି ବିଶ୍ୱାସ ରଖି ବଢ଼ି ଆସିଥିବା ତାଙ୍କ ସମେତ ଅନେକ ଭକ୍ତଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ସେ କହିଥିଲେ, ଏହି ମୁହୂର୍ତ୍ତ ଭାରତୀୟ ସଂସ୍କୃତିର ଶାଶ୍ୱତ ପ୍ରବାହର ଏକ ପ୍ରମାଣ। ଶ୍ରୀ ମୋଦୀ କହିଥିଲେ, ଏପରିକି ଶ୍ରୀ ସ୍ୱାମୀନାରାୟଣଙ୍କ ଦ୍ୱାରା ଭଡ଼ତାଲ ଧାମ ପ୍ରତିଷ୍ଠାର ୨୦୦ ବର୍ଷ ପରେ ମଧ୍ୟ ତାଙ୍କ ଆଧ୍ୟାତ୍ମିକ ଚେତନା ଜାଗୃତ ହୋଇ ରହିଛି। ଆଜି ମଧ୍ୟ ଭଗବାନ ଶ୍ରୀ ସ୍ୱାମୀନାରାୟଣଙ୍କ ଶିକ୍ଷା ଓ ଶକ୍ତିକୁ ଅନୁଭବ କରିହୁଏ। ଶ୍ରୀ ମୋଦୀ ମନ୍ଦିରର ୨୦୦ ତମ ବାର୍ଷିକୀ ଉତ୍ସବରେ ସମସ୍ତ ଭକ୍ତ ଓ ଶିଷ୍ୟମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ଭାରତ ସରକାର ଏକ ୨୦୦ ଟଙ୍କାର ରୌପ୍ୟ ମୁଦ୍ରା ଏବଂ ସ୍ମାରକୀ ଡାକ ଟିକଟ ପ୍ରକାଶ କରିଥିବାରୁ ମୋଦୀ ସନ୍ତୋଷ ପ୍ରକାଶ କରିଥିଲେ। ସେ କହିଥିଲେ ଏହି ପ୍ରତୀକ ଗୁଡ଼ିକ ବର୍ତ୍ତମାନର ମହାନ ମୁହୂର୍ତ୍ତକୁ ଆଗାମୀ ପିଢ଼ିଙ୍କ ମନରେ ଜୀବନ୍ତ କରି ରଖିବ। ପ୍ରଧାନମନ୍ତ୍ରୀ କହିଥିଲେ, ସ୍ୱାମୀନାରାୟଣଙ୍କ ସହ ଯୋଡ଼ି ହୋଇ ରହିଥିବା ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତି ଏହି ପରମ୍ପରା ସହ ତାଙ୍କର ଦୃଢ଼ ବ୍ୟକ୍ତିଗତ, ଆଧ୍ୟାତ୍ମିକ ଓ ସାମାଜିକ ସମ୍ପର୍କ କେତେ। ସେ କହିଥିଲେ, ସେ ଅତୀତରେ ସନ୍ଥମାନଙ୍କ ସତସଙ୍ଗ ଓ ସାନିଧ୍ୟ ପାଇଛନ୍ତି। ଏବେ ମଧ୍ୟ ଦେଶର ବିକାଶରେ ଫଳପ୍ରଦ ପ୍ରତିଫଳନ ସହ ତାହା ସେ ଅନୁଭବ କରିପାରୁଛନ୍ତି। ଅନ୍ୟାନ୍ୟ କାର୍ଯ୍ୟକ୍ରମର ବ୍ୟସ୍ତତା ଯୋଗୁଁ ସେ ବ୍ୟକ୍ତିଗତ ଭାବେ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇପାରିନଥିଲେ ମଧ୍ୟ ମାନସିକ ଭାବେ ଭଡ଼ତାଲରେ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ମୋଦୀ କହିଥିଲେ, ସନ୍ଥ ପରମ୍ପରା ଭାରତର ବିଶେଷତ୍ୱ ଏବଂ ଯେତେବେଳେ ଦେଶର କଠିନ ସମୟ ଆସିଛି ସନ୍ଥ, ଋଷି ଓ ମହାତ୍ମାଙ୍କ ଆବିର୍ଭାବ ହୋଇଛି। ସେହିପରି ଦେଶ ଯେତେବେଳେ ଶତାଧିକ ବର୍ଷ ଧରି ଦାସତ୍ୱ ଯୋଗୁଁ ଦୁର୍ବଳ ହୋଇଥିଲା ଏବଂ ନିଜ ଉପରେ ବିଶ୍ୱାସ ହରାଇଥିଲା, ସେହି ସମୟରେ ଭଗବାନ ସ୍ୱାମୀନାରାୟଣଙ୍କ ଅବିର୍ଭାବ ହୋଇଥିଲା। ମୋଦୀ କହିଥିଲେ ଯେ ଭଗବାନ ସ୍ୱାମୀନାରାୟଣ ଏବଂ ସେ ସମୟରେ ଆବିର୍ଭାବ ହୋଇଥିବା ସମସ୍ତ ସନ୍ଥ ଯେ କେବଳ ଆଧ୍ୟାତ୍ମିକ ଶକ୍ତି ସୃଷ୍ଟି କରିଥିଲେ ତାହା ନୁହେଁ, ବରଂ ଆମର ଆତ୍ମସମ୍ମାନକୁ ଜାଗ୍ରତ କରିବା ସହ ପରିଚୟକୁ ପୁନଃସ୍ଥାପନ କରିଥିଲେ।



## ଓଡ଼ିଶା ଗୌରବାନ୍ୱିତ

## କିଟ୍ ଫେସନ୍ ସ୍କୁଲ୍‌ର ତ୍ରିଷ୍ଟା ମିସ୍ ଟିନ୍ ୟୁନିଭର୍ସ



**ଭୁବନେଶ୍ୱର,୧୧।୧୧(ସଂଚାର ବ୍ୟୁରୋ):** ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ମିସ୍ ଟିନ୍ ୟୁନିଭର୍ସ ୨୦୨୪ ସୁନ୍ଦରୀ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ଫେସନ୍ ସ୍କୁଲ୍ ଛାତ୍ରୀ ତ୍ରିଷ୍ଟା ରାୟ ବିଜୟୀ ହୋଇ ମିସ୍ ଟିନ୍ ୟୁନିଭର୍ସ ୨୦୨୪ ଟାଇଟଲ୍ ହାସଲ କରିଛନ୍ତି । କିଟ୍ ଫେସନ୍ ଟେକ୍ନୋଲୋଜି ସ୍କୁଲ୍‌ର ଛାତ୍ରୀ ତ୍ରିଷ୍ଟା ଏହି ଟାଇଟଲ୍ ହାସଲ କରି କିଟ୍ ତଥା ଓଡ଼ିଶା ଓ ଭାରତକୁ ଗୌରବ ଆଣି ଦେଇଛନ୍ତି। ନଭେମ୍ବର ୧ରୁ ୯ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସମଗ୍ର ବିଶ୍ୱରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। କର୍ଣ୍ଣେଲ୍ ଦିଲ୍ଲୀପ କୁମାର ରାୟ ଏବଂ ରାଜଶ୍ରୀଙ୍କ ଝିଅ ତ୍ରିଷ୍ଟା ଏହି ପ୍ରତିଯୋଗିତାରେ ଭାଗ ନେବାପାଇଁ ପ୍ରୟାସ କରିଆସୁଥିଲେ। ତାଙ୍କର ଭିସା ସମସ୍ୟା ଯୋଗୁଁ ସେ ଗତବର୍ଷ କଲମ୍ବିଆ ଓ ଡ଼ୋମିନିକାନ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରି ନ ଥିଲେ । ତାଙ୍କର କଠିନ ଅଧ୍ୟବସାୟ ଓ ନିଷ୍ଠା ପାଇଁ ସେ ଏହି ଅନ୍ତର୍ଜାତୀୟ ସଫଳତା ପାଇପାରିଛନ୍ତି। ତ୍ରିଷ୍ଟାଙ୍କ ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଓଡ଼ିଶା ଅର୍ଥୋସ୍କୋପି ସୋସାଇଟିର ୨ ଦିନିଆ ସମ୍ମିଳନୀ



**ଭୁବନେଶ୍ୱର,୧୧।୧୧(ସଂଚାର ବ୍ୟୁରୋ):** ବର୍ତ୍ତମାନ ଚିକିତ୍ସା ବିଜ୍ଞାନ ପାରମ୍ପରିକ ଚିକିତ୍ସା ପଦ୍ଧତିରୁ ଉର୍ଦ୍ଧ୍ୱକୁ ଗଲାଣି। ପୂର୍ବରୁ ଡାକ୍ତରମାନେ ବିଭିନ୍ନ ରୋଗ ପାଇଁ ଔଷଧ ଲେଖିପାରୁଥିଲେ। ମାତ୍ର ଏହି ଧାରାରେ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ସ୍ୱତନ୍ତ୍ର ରୋଗ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ଡାକ୍ତର ଚକିତ୍ସା ନିମନ୍ତେ ପରାମର୍ଶ ଦେଉଛନ୍ତି। ବିଭିନ୍ନ ରୋଗକୁ ନେଇ ସୁପର ସ୍ପେଶିଆଲିଷ୍ଟ ବିଭାଗ ଖୋଲିଛି। ଆଉ ଗବେଷଣାତ୍ମକ ପଦ୍ଧତିକୁ ନେଇ ଚିକିତ୍ସା ଜାରି ରହିଛି। ପୂର୍ବରୁ ଅସ୍ଥିଶଲ୍ୟ ବିଭାଗ ଡାକ୍ତରମାନେ ଅସ୍ତ୍ରୋପଚାର ସମୟରେ ଯେଉଁ ପଦ୍ଧତି ପ୍ରୟୋଗ କରୁଥିଲେ ସେଥିରେ ଅନେକ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ନୂଆ ଜ୍ଞାନ କୌଶଳ ମାଧ୍ୟମରେ ସଠିକ୍ ଭାବେ ଅତି ସହଜରେ ଅସ୍ତ୍ରୋପଚାର ହେଉଛି। ଏହା ସ୍ୱଳ୍ପ ସମୟ, ସ୍ୱଳ୍ପ ଯନ୍ତ୍ରଣା ଓ ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହୋଇପାରୁଛି। ଚିକିତ୍ସା ବିଜ୍ଞାନରେ ନୂଆ ନୂଆ କୌଶଳ ଆସୁଛି ତାହା ଆଗାମୀ ଦିନରେ ସମଗ୍ର ମାନବ ସମାଜ ପାଇଁ ବିରାଟ ସୁଯୋଗ ସୃଷ୍ଟି କରିବ ବୋଲି ଓଡ଼ିଶାର ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଠାରେ ଓଡ଼ିଶା ଅର୍ଥୋସ୍କୋପି ସୋସାଇଟିର ୨-ଦିନିଆ ୫ମ ବାର୍ଷିକ ସମ୍ମିଳନୀକୁ ଶନିବାର ଦିନ ଉଦ୍‌ଘାଟନ କରି ଶ୍ରୀ ହରିଚନ୍ଦନ କହିଥିଲେ ଯେ, ବର୍ତ୍ତମାନ ସମସ୍ତ ପ୍ରକାର ରୋଗର ଚିକିତ୍ସା ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ସମ୍ଭବ ହୋଇପାରିଛି। ସମ୍ ହସ୍ପିଟାଲ୍ ଯେଉଁଭଳି ଭାବେ ଏଠାରେ ନୂଆ ଉଦ୍ୟମ ଆରମ୍ଭ କରିଛି ତାହା ରୋଗୀଙ୍କ ପାଇଁ ଆଶ୍ୱସ୍ତିର ବାତାବରଣ ସୃଷ୍ଟି କରିବ ବୋଲି ସେ କହିଥିଲେ। ସମ୍ ହସ୍ପିଟାଲର ବିଭିନ୍ନ ଚିକିତ୍ସା କ୍ଷେତ୍ରରେ ଯେଉଁ ସବୁ ଦକ୍ଷତା ରହିଛି ତାହା ଆଗକୁ ଆହୁରି ଅଗ୍ରଗତି କରିବ ବୋଲି ସେ କହିଥିଲେ। ଶ୍ରୀ ହରିଚନ୍ଦନ କହିଥିଲେ ଯେ ଆଗାମୀ ଦିନରେ ସମାଜ ପାଇଁ ବଡ଼ ଆହ୍ୱାନ ରହିଛି। ଜନସଂଖ୍ୟା ଇଣ୍ଡେକ୍ସରୁ ଜଣାପଡୁଛି ୨୦୩୬ ବେଳକୁ ଭାରତରେ ବୟସ୍କଙ୍କ ସଂଖ୍ୟା ବଢ଼ିବ। ତେଣୁ ବହୁବିଧ ବୟସ୍କଙ୍କ ରୋଗର ଚିକିତ୍ସା ନେଇ ଅଧିକ ଆବଶ୍ୟକତା ପଡ଼ିବ। ଏହି ଦିଗରେ ବର୍ତ୍ତମାନଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଇ ସଭାରେ ଯୋଗ ଦେଇ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର କହିଥିଲେ ଯେ ଆଗକୁ ବୟସ୍କଙ୍କ ସଂଖ୍ୟା ବୃଦ୍ଧିପାଇବ। ତେଣୁ ବୟସ୍କଙ୍କ ପାଇଁ ଅସ୍ଥିଶଲ୍ୟ ଚିକିତ୍ସାର ଗୁରୁତ୍ୱ ବଢ଼ିବ। ଏଭଳି ସମ୍ମିଳନୀରେ ଡାକ୍ତରମାନେ ନୂଆ ନୂଆ ଜ୍ଞାନ କୌଶଳ ସମ୍ପର୍କରେ ଜାଣିପାରିବେ। ସେଥିପାଇଁ ସମ ହସ୍ପିଟାଲ୍ ସବୁବେଳେ ଏଭଳି କାର୍ଯ୍ୟକ୍ରମକୁ ଆୟୋଜନ କରୁଛି। ଏହି କାର୍ଯ୍ୟକ୍ରମରେ ଯୁବ ଡାକ୍ତରଙ୍କ ପାଇଁ ନୂତନ ଜ୍ଞାନ ମିଳିବ। ତୃଣମୂଳ ସ୍ତରରେ ଡାକ୍ତରମାନେ ଯାଇ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇବାରେ ସହାୟକ ହେବ।

## ଇଏମ୍ଆର୍ଏସ୍ ସାଂସ୍କୃତିକ ଓ ସାହିତ୍ୟ ମହୋତ୍ସବରେ ଯୋଗଦେବେ ଜୁଏଲ



**ନୂଆଦିଲ୍ଲୀ,୧୧।୧୧:** ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଥିବା ଜାତୀୟ ଶିକ୍ଷା ସମିତି (ଏନଇଏସଟିଏସ୍) ପକ୍ଷରୁ ୫ମ ଜାତୀୟ ଇଏମ୍ଆରଏସ୍ ସାଂସ୍କୃତିକ ଓ ସାହିତ୍ୟ ଉତ୍ସବ ଏବଂ କଳା ଉତ୍ସବ-୨୦୨୪ ଅନୁଷ୍ଠିତ ହେବ। ଆସନ୍ତା ନଭେମ୍ବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଶିକ୍ଷା 'ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ମଡେଲ୍ ଜନଜାତି ଶିକ୍ଷା ସମିତି (ଓଏମଟିଇଏସ୍) ପକ୍ଷରୁ ଏହି ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆୟୋଜିତ ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ଯୋଗଦେବେ। ଚଳିତ ବର୍ଷର ସାଂସ୍କୃତିକ ଉତ୍ସବର ବିଷୟବସ୍ତୁ ହେଉଛି 'ଭଗବାନ ବିର୍ସା ମୁଣ୍ଡା ଓ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି' ଏବଂ ଏହା ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଏହି ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱ ବଢ଼ାଇଛି। ଇଏମଆରଏସ ସାଂସ୍କୃତିକ ଉତ୍ସବ ଆଦିବାସୀ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ ଏବଂ କଳାତ୍ମକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିଛି। ସାଂସ୍କୃତିକ ଅଭିବ୍ୟକ୍ତି ମାଧ୍ୟମରେ ଆଦିବାସୀ ଶିକ୍ଷା ଓ ସଶକ୍ତୀକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା, ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ କୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କର ସାମାଜିକ ଓ ଶୈକ୍ଷିକ ସମ୍ପର୍କ ବୃଦ୍ଧି କରିବା ପାଇଁ ଏନଇଟିଏସ୍ ଲକ୍ଷ୍ୟ ରଖିଛି।

## ୱାକଫ୍ ଆଇନରେ ସଂଶୋଧନ ପ୍ରସ୍ତାବ

### ଓଡିଶାରୁ ମତାମତ ନେଲା ସଂସଦୀୟ ଯୁଗ୍ମ କମିଟି



**ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ୱାକଫ୍ ବୋର୍ଡ ସଂସଦୀୟ ଯୁଗ୍ମ କମିଟି ବୈଠକରେ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ସେମାନଙ୍କ ମତ ରଖିଛନ୍ତି। ଜଗଦମ୍ବିକା ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟିର ସଦସ୍ୟ ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସଂଖ୍ୟାଲଘୁ ସମ୍ପ୍ରଦାୟର ୬ଟି ଗ୍ରୁପର ୩୨ ଜଣ ସଦସ୍ୟଙ୍କ ସହ ଆଲୋଚନା ହୋଇଥିବା ସୂଚନା ମିଳିଛି। ୱାକଫ୍ ବୋର୍ଡ ସଂସଦୀୟ ଯୁଗ୍ମ କମିଟି ଗତ ୩ ମାସ ହେବ ବିଭିନ୍ନ ସଂଗଠନର ମତାମତ ଗ୍ରହଣ କରୁଛି। ମତାମତ ଗ୍ରହଣ ପରେ କେନ୍ଦ୍ର ସରକାରଙ୍କ ପାଖରେ ରିପୋର୍ଟ ଦାଖଲ କରାଯିବ। ସଂସଦୀୟ ଯୁଗ୍ମ କମିଟି ଆଜି ଦିନ ସାରା ବିଭିନ୍ନ ଅଞ୍ଚଳରୁ ଆସିଥିବା ଭିନ୍ନ ଭିନ୍ନ ସଂଗଠନ, ରାଜ୍ୟ ୱାକଫ୍ ବୋର୍ଡ ଓ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜେପିସି ଅଧ୍ୟକ୍ଷ ଜଗଦମ୍ବିକା ପାଲ କହିଛନ୍ତି ଯେ, କମିଟି ପାଖରେ ଏହି ବିଲ୍ ସପକ୍ଷବାଦୀ ଓ ବିପକ୍ଷବାଦୀ ନିଜ ନିଜର ଯୁକ୍ତି ରଖିଥିଲେ। ଦିଲ୍ଲୀରେ ବିଭିନ୍ନ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ସାଙ୍ଗରେ ଆଲୋଚନା ହୋଇଛି। ମହାରାଷ୍ଟ୍ର, ଗୁଜରାଟ, ତାମିଲନାଡୁ, କର୍ଣ୍ଣାଟକ, କେରଳ, ତେଲେଙ୍ଗାନା, ଉତ୍ତରପ୍ରଦେଶ, ଆସାମ ଏବଂ ଓଡ଼ିଶା ଭଳି ରାଜ୍ୟରେ ସରକାର ଓ ବିଭିନ୍ନ ସଂଗଠନ ସହ ଆଲୋଚନା କରିଛୁ। ଗରିବ ମୁସଲମାନ, ମହିଳାଙ୍କୁ ଏହି ବୋର୍ଡ ମାଧ୍ୟମରେ ଅଧିକରୁ ଅଧିକ ସୁବିଧା ଯୋଗାଇବା ସରକାରଙ୍କ ଲକ୍ଷ୍ୟ ବୋଲି ଜେପିସି ଅଧ୍ୟ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମୁସଲମାନ ସଂପ୍ରଦାୟରେ ଦାନକୁ ୱାକଫ୍ ବୋଲି କୁହନ୍ତି। ଦାନରେ ଯେଉଁ ସମ୍ପତ୍ତି ମିଳେ, ତାହାର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ୱାକଫ୍ ବୋର୍ଡ ହାତରେ ରହିଥାଏ। ହେଲେ ୱାକଫ୍ ବୋର୍ଡ ମାଧ୍ୟମରେ ସମ୍ପତ୍ତି ଜବରଦଖଲ ହେଉଛି ବୋଲି ଅଭିଯୋଗ ଆସିବା ପରେ କେନ୍ଦ୍ର ସରକାର ଏହାର ସଂଶୋଧନ ଚାହୁଁଛନ୍ତି। ୱାକଫ୍ ଆଇନ ୧୯୯୫ରେ ୪୪ଟି ସଂଶୋଧନ ଆଣିବାକୁ କେନ୍ଦ୍ର ସରକାର ନୂଆ ବିଲ୍ ଆଣିଛନ୍ତି।

## ସମନ୍ୱିତ ଜଳସେଚନ ପ୍ରକଳ୍ପର ସମୀକ୍ଷା କଲେ ଉନ୍ନୟନ କମିଶନର



**ଭୁବନେଶ୍ୱର,୧୧।୧୧(ସଂଚାର ବ୍ୟୁରୋ):** ରାଜ୍ୟ ଉନ୍ନୟନକମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଗତକାଲି ରବିବାର ଗଞ୍ଜାମ ଜିଲ୍ଲା ଗସ୍ତ କରି ଜଳବାୟୁ ସହନଶୀଳ କୃଷି ପାଇଁଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆରଏ) ଅଧିନରେ କାର୍ଯ୍ୟକାରୀ ହେଉଥିବା ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଗର୍ଗ, ଓଆଇଆଇପିସିଆରଏ ମାଧ୍ୟମରେଉନ୍ନତିକରଣ କରାଯାଇଥିବା ଛତ୍ରପୁର ବ୍ଲକର ଇଟାଗଡିଆ ବନ୍ଧ ଏମଆଇପି ଅଧୀନସ୍ଥ ରାଧାକୃଷ୍ଣ ପାଣି ପଞ୍ଚାୟତର ସଭ୍ୟମାନଙ୍କ ସହ ଆଲୋଚନା କରିଜଳବାୟୁ ସହନଶୀଳ ପଦ୍ଧତି ଓ ଜ୍ଞାନକୌଶଳ ଅବଲମ୍ବନ କରି ସେମାନେ କିପରି ଲାଭପାଉଛନ୍ତିସେ ସମ୍ପର୍କରେ ସେମାନଙ୍କଠାରୁ ପଚାରି ବୁଝିଥିଲେ । ଏହି ପ୍ରକଳ୍ପରେ ଟ୍ୟାଙ୍କ ବା ପୋଖରୀର ହେଡ୍ ୱାର୍କରେ ଉନ୍ନତି ଅଣାଯିବା ସହ ପାଣିର ଉପଯୁକ୍ତ ବ୍ୟବହାର ପାଇଁ କେନାଲ ଓ କ୍ଷେତ୍ର ପ୍ରଣାଳୀ ନିର୍ମାଣ କରାଯାଇଛି। ସୋଲାର ବୋର କୂଅ ମଧ୍ୟ ସ୍ଥାପନ କରାଯାଇ ଜଳର ସଠିକ ବ୍ୟବହାରକୁ ସୁନିଶ୍ଚିତ କରାଯାଇଛି ।ଏହି ଅବସରରେ ସେମାନଙ୍କ ଦ୍ୱାରା ସବୁଜ ଖତ, ଧାନ ବୁଣାଯିବା କୃଷିଯାନ୍ତ୍ରିକ ଉପକରଣ, ରାଗି, ମୁଗ, ସୂର୍ଯ୍ୟମୁଖୀର ଉନ୍ନତ ପ୍ୟାକେଜ୍ ପ୍ରସ୍ତୁତି ଏବଂ ଉତ୍ତମ ଅଭ୍ୟାସପ୍ରଦର୍ଶନ କରାଯାଉଛି । ପାଣି ପଞ୍ଚାୟତ ସ୍ତରରେ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଉପଲବ୍ଧ କରାଇବା ପାଇଁ କଷ୍ଟମ ହାୟାରିଂ ସେଣ୍ଟର (ସିଏଚସି) ବିକଶିତ କରାଯାଇଛି। ଏହାବ୍ୟତୀତମିନି ଡାଲି ମିଲ୍ସ, କ୍ଷୁଦ୍ର ତୈଳଘଣା ୟୁନିଟ୍ ଏବଂ କ୍ଷୁଦ୍ର ଶସ୍ୟ (ମିଲେଟ୍ ) ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସଶକ୍ତ କରାଯାଇଛି । ହାଇବ୍ରିଡ୍ ପନିପରିବା ଚାଷ କରାଯାଉଥିବା ଅଞ୍ଚଳକୁ ସମ୍ପ୍ରସାରିତ କରାଯାଇଛି ଏବଂ ଛତୁ ଏବଂ ଭର୍ମିକମ୍ପୋଷ୍ଟ (ଜିଆଖତ) ୟୁନିଟ୍ ସ୍ଥାପନ କରାଯାଇ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆୟ ବୃଦ୍ଧି କରାଯାଇଛି । ଅମଳ ପରବର୍ତ୍ତୀ କ୍ଷତିକୁ ହ୍ରାସ କରିବା ପାଇଁ ସଂରକ୍ଷଣ ୟୁନିଟ୍ ଏବଂ ପ୍ୟାକ୍ ହାଉସ୍ ମଧ୍ୟ ବିକଶିତ କରାଯାଇଛି । ଉଲ୍ଲେଖ ଯୋଗ୍ୟ ଯେ, ଏହି ପ୍ରକଳ୍ପ ରାଜ୍ୟର୧୫ଟି ଜିଲ୍ଲାରେ ଥିବା କ୍ଷୁଦ୍ର ଜଳସେଚନ (ଏମଆଇ)ର ସେଚାଞ୍ଚଳରେ ଜଳବାୟୁ ସହନଶୀଳକୃଷି ଉତ୍ପାଦନ ବୃଦ୍ଧିଓ ଫସଲବିବିଧିକରଣକୁ ବ୍ୟାପକ କରିବାର ଲକ୍ଷ୍ୟ ରଖିଛି।ଏହି ପ୍ରକଳ୍ପ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ମୁଖ୍ୟତଃ କୃଷି ବ୍ୟାପକକରଣ ଓ କୃଷି ବିବିଧିକରଣଏବଂ ଜଳସେଚନର ଉପଯୁକ୍ତ ବ୍ୟବହାର କରି ଏହାର ଉପାଦକତା ବୃଦ୍ଧି, ସଂସ୍ଥାଗତ ଦକ୍ଷତା ବୃଦ୍ଧି ପୂର୍ବକ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଏବଂ ଫଳଚାଷ ଆଦି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି ।

## ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



**ଭୁବନେଶ୍ୱର,୧୧।୧୧(ସଂଚାର ବ୍ୟୁରୋ):** ଜନ ସାଧାରଣଙ୍କୁ ହାତ ପାଆନ୍ତାରେ ସେମାନଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଓ ସମସ୍ୟା ଗୁଡ଼ିକୁ ସମାଧାନ କରି ସେମାନଙ୍କୁ ଉପଯୁକ୍ତ ନ୍ୟାୟ ଓ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସ୍ତରରୁ, ଜିଲ୍ଲା,ବ୍ଲକ ଏବଂ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଇ ଜନ ସାଧାରଣଙ୍କ ଆପତ୍ତି ଅଭିଯୋଗ ଗୁଡ଼ିକୁ ସମାଧାନ କରାଯାଉଅଛି। ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜନ ସାଧାରଣଙ୍କୁ ତ୍ୱରିତ ସେବା ପ୍ରଦାନ କରିବାରେ ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ସମସ୍ତ ଅଧିକାରୀ ନିଷ୍ଠା ଓ ଆନ୍ତରିକତା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ସମାଜର ତୃଣମୂଳ ସ୍ତରରୁ ଆସୁଥିବା ଅଭିଯୋଗ ଗୁଡ଼ିକୁ ସମାଧାନ କରିବାକୁ ଆଜି ପୂର୍ବାହ୍ନରେ ବାଲିପାଟଣା ବ୍ଲକ ଅନ୍ତର୍ଗତ ଦେଉଳିଧରପୁର ଗ୍ରାମ ପଞ୍ଚାୟତ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧ୍ୟକ୍ଷତା କରି ଜିଲ୍ଲା ପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଞ୍ଚଳ ରାଣା ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ଜିଲାପାଳ ଙ୍କ ଅଭିଯୋଗ ପ୍ରକୋଷ୍ଠରୁ ପଠାଯାଉଥିବା ଅଭିଯୋଗ ଦରଖାସ୍ତ ଗୁଡ଼ିକ ଉପରେ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରି ତୁରନ୍ତ ସମାଧାନ ସହ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ଲାଇଟ୍ କ୍ୟାମେରା ଗୋଆ: ଆଇଏଫ୍ଏଫ୍ଆଇ ପାଇଁ ମଞ୍ଚ ପ୍ରସ୍ତୁତ



**ନୂଆଦିଲ୍ଲୀ,୧୧।୧୧:** ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ (ଏନ୍ଏଫଡିସି) ଏବଂ ଏଣ୍ଟରଟେନମେଣ୍ଟ ସୋସାଇଟି ଅଫ୍ ଗୋଆ (ଇଏସଜି)ର ମିଳିତ ସହଯୋଗରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଆସନ୍ତା ନଭେମ୍ବର ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋଆରେ ୫୫ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ) ଆୟୋଜନ କରିବାକୁ ଯାଉଛି। ୫୫ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ) ଏକ ଜୀବନ୍ତ ଏବଂ ବିବିଧ କାର୍ଯ୍ୟକ୍ରମ ସହିତ ଆରମ୍ଭ ହେବାକୁ ଯାଉଥିବାରୁ କାହାଣୀକାର ଓ ସିନେମା ପ୍ରେମୀମାନେ ଖୁସିର କାରଣ ନେଇ ଆସିଛି, ଯାହା ବିଶ୍ୱ ସିନେମାର ଏକ ଅବିସ୍ମରଣୀୟ ଉତ୍ସବର ପ୍ରତିଶ୍ରୁତି ଦେଉଛି। କେନ୍ଦ୍ର ସୂଚନା ଓ ପ୍ରସାରଣ ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍ ମୁରୁଗନ୍, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ନୀରଜ ଶେଖର ଶେଖର, ଆଇଏଫଏଫଆଇର ମହୋତ୍ସବ ନିର୍ଦ୍ଦେଶିକା ଶେଖର କପୁରଙ୍କ ଉପସ୍ଥିତିରେ ଆଜି ୫୫ତମ ଆଇଏଫଏଫଆଇର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସିବିଏଫସି ଶ୍ରୀ ପ୍ରସୁନ ଯୋଶୀ ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ। ଡ. ଏଲ୍ ମୁରୁଗାନ୍ ତାଙ୍କ ଅଭିଭାଷଣରେ ମହୋତ୍ସବର ସମ୍ମାନଜନକ ଭୂମିକା ଉପରେ ବିଶ୍ୱ ମଞ୍ଚରେ ଆଲୋକପାତ କରିଥିଲେ। ଆଇଏଫଏଫଆଇ କେବଳ ଭାରତ ପାଇଁ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଏକ ଐତିହାସିକ ମହୋତ୍ସବରେ ପରିଣତ ହୋଇଛି, ଯାହା କି କାନ୍ସ ଭଳି ବିଶ୍ୱ ସ୍ତରୀୟ ଉତ୍ସବ ସହିତ ତୁଳନୀୟ ବୋଲି ସେ କହିଥିଲେ।

## ରାଜନୈତିକ ସ୍ଥିରତା ପୋଷାକ ଶିଳ୍ପକୁ ପ୍ରୋତ୍ସାହିତ କରିଛି

**ନୂଆଦିଲ୍ଲୀ,୧୧।୧୧:** ଆମେରିକାର ଅନ୍ତର୍ଜାତୀୟ ବାଣିଜ୍ୟ ଆୟୋଗ (ୟୁଏସ୍ ଆଇଟିସି)ର ଏକ ସଦ୍ୟ ରିପୋର୍ଟ ମାଧ୍ୟମରେ ବିଶ୍ୱ ସ୍ତରୀୟ ପୋଷାକ ଉତ୍ପାଦନ କେନ୍ଦ୍ର ଭାବରେ ଭାରତର ବୃଦ୍ଧି ପାଉଥିବା ଆକର୍ଷଣକୁ ସ୍ୱୀକାର କରାଯାଇଛି, ଯେଉଁଥିରେ ରାଜନୈତିକ ସ୍ଥିରତାକୁ ଏକ ପ୍ରମୁଖ କାରଣ ଭାବରେ ଦର୍ଶାଯାଇଛି ଯାହା ଆମେରିକୀୟ କ୍ରେତାମାନଙ୍କୁ ଭାରତରୁ ଅଧିକ ପୋଷାକ ଉତ୍ପାଦନ କରିବାକୁ ପ୍ରେରଣା ଦେଉଛି। ଯେହେତୁ ବିଶ୍ୱ ପୋଷାକ ଯୋଗାଣ ଶୃଙ୍ଖଳା ଅଧିକ ଜଟିଳ ହେବାରେ ଲାଗିଛି, ଉତ୍ପାଦନ ସମୟ ସୀମା ନିଶ୍ଚିତ କରିବା ଏବଂ ରାଜନୈତିକ ଅସ୍ଥିରତା ସହିତ ଜଡ଼ିତ ବିପଦକୁ ହ୍ରାସ କରିବାର କ୍ଷମତା ଆମେରିକୀୟ କ୍ରେତାମାନଙ୍କ ପାଇଁ ଭାରତକୁ ଏକ ଆକର୍ଷଣୀୟ ବିକଳ୍ପରେ ପରିଣତ କରିଛି। ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତ ଏହାର ସ୍ଥିର ରାଜନୈତିକ ବାତାବରଣ ସହିତ ଉଚ୍ଚ ମୂଲ୍ୟର ଫ୍ୟାସନ ସାମଗ୍ରୀ ପାଇଁ ଏକ ବିଶ୍ୱସନୀୟ ଏବଂ ସ୍କେଲେବଲ୍ ସମାଧାନ ପ୍ରଦାନ କରେ ତଥା ଏହାକୁ ବିଶ୍ୱ ପୋଷାକ ବଜାରରେ ଏକ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଅବସ୍ଥାପିତ କରିଛି।

## ନିରନ୍ତର ଯାତ୍ରା ସୁନିଶ୍ଚିତ କରିଛି ପୂର୍ବତଟ ରେଳବାଇ

**ଭୁବନେଶ୍ୱର,୧୧।୧୧(ସଂଚାର ବ୍ୟୁରୋ):** ପୂଜା ମହୋତ୍ସବରେ ଅତ୍ୟଧିକ ଟ୍ରେନ ଯାତ୍ରା ଚାହିଦା ପୂରଣ କରିବା ଏବଂ ଯାତ୍ରୀମାନଙ୍କ ପାଇଁ ନିରାପଦ ଏବଂ ସୁଗମ ପରିବହନକୁ ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳବାଇ ବିଶେଷ ଭାବେ ପୂର୍ବତଟ ରେଳପଥ ଚଳିତ ବର୍ଷ ରେକର୍ଡ ସଂଖ୍ୟକ ବିଶେଷ ଟ୍ରେନ ଚଳାଚଳ କରାଇବା ସହିତ ଅସାଧାରଣ ପଦକ୍ଷେପ ନେଇଛି। ବିଶେଷ ଟ୍ରେନ୍ ଚଳାଚଳ ଏବଂ ବର୍ଦ୍ଧିତ ଯାତ୍ରୀ ଭିଡ଼ ପରିଚାଳନାକୁ ପୂର୍ବତଟ ରେଳପଥ ଗୁରୁତ୍ୱାରୋପ କରିଅଛି। ଏହି ପ୍ରୟାସଗୁଡ଼ିକ ଏହି ଶିଖର ସମୟ ମଧ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଆରାମଦାୟକ ଯାତ୍ରା ସୁବିଧା ଏବଂ ନିରାପତ୍ତା ଯୋଗାଇବା ପାଇଁ ଉଦ୍ଦିଷ୍ଟ ଅଟେ। ସ୍ୱତନ୍ତ୍ର ଟ୍ରେନ୍ ଏବଂ ଯାତ୍ରୀ ଗମନାଗମନ ସମୀକ୍ଷା। ଭାରତୀୟ ରେଳବାଇ ୨୦୨୪ ମସିହା ପାର୍ବଣ ଋତୁରେ ୭୭୦୦ ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇ ଗତ ପାର୍ବଣ ସମୟରେ ଚଳାଚଳ କରୁଥିବା ୪୫୦୦ ସ୍ୱତନ୍ତ୍ର ଟ୍ରେନ୍ ଠାରୁ ଯଥେଷ୍ଟ ଭାବେ ବିଶେଷ ଟ୍ରେନ ଚଳାଚଳରେ ଏକ ଉଲ୍ଲେଖନୀୟ ବୃଦ୍ଧି। ଏହି ଟ୍ରେନ୍ ଗୁଡ଼ିକ ସମଗ୍ର ଭାରତର ଲୋକପ୍ରିୟ ଗନ୍ତବ୍ୟସ୍ଥଳକୁ ଯାଉଥିବା ଯାତ୍ରୀମାନଙ୍କ ଯାତ୍ରାକୁ ସୁଗମ କରିବା ପାଇଁ ଚଳାଚଳ କରାଯାଇଅଛି।

# ଅନିଶ୍ଚିତତାରେ ମୁକ୍ତା ଯୋଜନା

**ଭୁବନେଶ୍ୱର,୧୧।୧୧:** ସହରାଞ୍ଚଳରେ ଲୋକଙ୍କ ହାତକୁ କାମ ଯୋଗାଇଦେବା ସହିତ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି କାର୍ଯ୍ୟକାରୀ ହେଉଥିବା ମୁକ୍ତା ଯୋଜନା ଏବେ ଅନିଶ୍ଚିତତା ଭିତରେ। ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କ ଆଉ ଚାକିରି ନଥିବାବେଳେ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ିବ କି ନାହିଁ ସେ ସଂକ୍ରାନ୍ତରେ କିଛି ସ୍ପଷ୍ଟ ହେଉନାହିଁ। ଫଳରେ ଅନେକ ଅଧାପନ୍ତରିଆ ପ୍ରକଳ୍ପ ଏବେ ଅନିଶ୍ଚିତତା ଭିତରକୁ ଠେଲିହୋଇ ଯାଇଛି। ରାଜ୍ୟର ୫ଟି ମହାନଗର ନିଗମ ସହିତ ମୋଟ୍ ୩୧୪ଟି ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉଛି ମୁକ୍ତା ଯୋଜନା। ସହରାଞ୍ଚଳରେ ବୃକ୍ଷରୋପଣ ଠାରୁ ଆରମ୍ଭ କରି ବର୍ଷାଜଳ ସଂରକ୍ଷଣ, ପାର୍କ ନିର୍ମାଣ ଓ ପୁନରୁଦ୍ଧାର ଆଦି ଅନେକ ଶ୍ରମଭିତ୍ତିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହିସବୁ ପ୍ରକଳ୍ପକୁ କାର୍ଯ୍ୟକାରୀ ପାଇଁ ପ୍ରତ୍ୟେକ ପୌରାଞ୍ଚଳରେ ଜଣେ ପ୍ରୋଗ୍ରାମ ମାନେଜର, ଜଣେ ଅର୍ଥ ବିଶେଷଜ୍ଞ ଓ ଜଣେ କାର୍ଯ୍ୟ ବିଶେଷଜ୍ଞଙ୍କୁ ନିୟୋଜିତ କରାଯାଇଥିଲା। ତେବେ ମହାନଗର ନିଗମରେ ଏମାନଙ୍କ ସଂଖ୍ୟା ଅଧିକ ରହିଥିଲା। ମୁକ୍ତା ପ୍ରକଳ୍ପରେ ସମସ୍ତ ପୌରାଞ୍ଚଳରେ ପାଖାପାଖି ୪୦୦ କର୍ମଚାରୀ ନିଯୁକ୍ତ ହୋଇ ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେଉଥିବାବେଳେ ଏମାନଙ୍କ ଚାକିରି ସେପ୍ଟେମ୍ବର ଶେଷରୁ ସରିଯାଇଛି। ନିଯୁକ୍ତିର ନବୀକରଣ ହେବ କି ନାହିଁ ସେଥିନେଇ କୌଣସି ସ୍ପଷ୍ଟତା ନଥିବାବେଳେ କର୍ମଚାରୀମାନେ କିନ୍ତୁ ଆଶାବାନ୍ଧି ବିନା ଦରମାରେ ଆସି କାମ କରୁଛନ୍ତି। ନିକଟରେ ଉପକୂଳ ଓଡ଼ିଶାରେ ଆସିଥିବା ବାତ୍ୟା ଦାନାର ପ୍ରକୋପ ସମୟରେ ଉପକୂଳରେ ଥିବା ପୌରାଞ୍ଚଳରେ ଏହି କର୍ମଚାରୀମାନେ ହିଁ ବାତ୍ୟା ମୁକାବିଲାର ମଙ୍ଗ ଧରିଥିଲେ। ତେବେ କର୍ମଚାରୀମାନେ ଅନିଶ୍ଚିତତାରେ ଥିବାରୁ ବିଭିନ୍ନ ପୌରାଞ୍ଚଳରେ ପ୍ରକଳ୍ପ କାର୍ଯ୍ୟ ବି ଆଗେଇ ପାରୁନାହିଁ। ମୁକ୍ତା ଯୋଜନାରେ ଅର୍ଥ ରହିଥିଲେ ମଧ୍ୟ କାହିଁକି କର୍ମଚାରୀମାନଙ୍କର ନିଯୁକ୍ତି ଅବଧିର ନବୀକରଣ ହେଉନାହିଁ ଏବଂ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେଉନାହିଁ ତାହାର ଉତ୍ତର କାହା ପାଖରେ ନାହିଁ। ଇତି ମଧ୍ୟରେ ମୁକ୍ତାରେ ମୋଟ୍ ୭୬୨୦ ଟି ପ୍ରକଳ୍ପ ମଞ୍ଜୁର ହୋଇଥିବାବେଳେ ଏଥିରୁ ୫୩୮୫ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୨୨୩୫ଟି ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି। ତେବେ ଆସନ୍ତା ଡିସେମ୍ବର ସୁଦ୍ଧା ୩୦୦ ଟି ପ୍ରକଳ୍ପ ସାରିବାକୁ ଲକ୍ଷ୍ୟ ଥିବାବେଳେ ସରିଛି ମାତ୍ର ୨୫ଟି। ଅକ୍ଟୋବର ମାସରେ ୩୦ଟି ପ୍ରକଳ୍ପ ପାଇଁ ଲକ୍ଷ୍ୟ ଥିବାବେଳେ ସରିଛି ୪ଟି। ଏଭଳି ସ୍ଥିତିରେ ଲୋକଙ୍କ ହାତକୁ ତତ୍କାଳ କାମ ଯୋଗାଉଥିବା ମୁକ୍ତା ଆଗକୁ ବଢ଼ିବ କି ଅଧାପନ୍ତରିଆ ହୋଇ ରହିବ ତାହା ଅନିଶ୍ଚିତତାରେ ଥିବାବେଳେ ଶତାଧିକ କର୍ମଚାରୀଙ୍କ ଭାଗ୍ୟ ବି ସୂତାଖିଅରେ ଝୁଲୁଛି। ତେଣୁ ରାଜ୍ୟ ସରକାର ତୁରନ୍ତ ଏହା ଉପରେ ନିଷ୍ପତ୍ତି ନେବାପାଇଁ ମତପ୍ରକାଶ ପାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ଈଶ୍ୱର ଉପଲବ୍ଧି-ଯେଉଁ ହସ୍ତ କେବେ ପିତାମାତାଙ୍କ ସେବା କରିନାହିଁ, ଯେଉଁ ମସ୍ତକ କେବେ ଗୁରୁପାଦ ଛୁଇଁ ନାହିଁ, ଯେଉଁ ତନୁ ଓ ମନ କେବେ ପରୋପକାରରେ ଆସିନାହିଁ, ସେ ଈଶ୍ୱରଙ୍କୁ କେବେ ବୁଝିପାରିବ ନାହିଁ।

SANCHAR

ସଂଚାର

୪ ମଙ୍ଗଳବାର ୧୨ ନଭେମ୍ବର ୨୦୨୪, ଭୁବନେଶ୍ୱର

Tuesday 12 November 2024 Bhubaneswar


# ଉପତ୍ୟକାରେ ଆତଙ୍କ

ସମ୍ପ୍ରତି ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀମାନେ ଅତିମାତ୍ରାରେ ସକ୍ରିୟ ହୋଇଉଠିଛନ୍ତି। ଲୋକସଭା ନିର୍ବାଚନ ପୂର୍ବରୁ ଅନୁପ୍ରବେଶ ବଢ଼ିବା ସହିତ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିଥିଲା। ସେନାବାହିନୀର କଡ଼ା ପଦକ୍ଷେପ ଯୋଗୁଁ ଏହା ନିୟନ୍ତ୍ରିତ ହୋଇଥିଲା। ଏବେ ଜାମ୍ମୁ-କାଶ୍ମୀରରେ ଓମାର ଅବଦୁଲ୍ଲାଙ୍କ ନେତୃତ୍ୱରେ ଏକ ନିର୍ବାଚିତ ସରକାର ଗଠିତ ହେବା ପରେ ଉପତ୍ୟକାରେ ପୁଣି ଆତଙ୍କବାଦୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବା ଲକ୍ଷ୍ୟ କରାଯାଉଛି। ଚଳିତ ବର୍ଷ ଆତଙ୍କବାଦୀଙ୍କ ଗୁଳିରେ ୧୩ ଜଣ ସୁରକ୍ଷା କର୍ମୀ ନିହତ ହୋଇଥିବାବେଳେ ୧୪ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ମୋଟ ୪୪ ଜଣ ପ୍ରାଣ ହରାଇଲଣି। ରବିବାର ଆତଙ୍କବାଦୀଙ୍କ ଗଚଳିରେ ଜଣେ ସେନାଧିକାରୀ ନିହତ ହୋଇଛନ୍ତି। ଏହାର ଦୁଇଦିନ ପୂର୍ବରୁ ଦୁଇଜଣ ଗ୍ରାମ ରକ୍ଷୀ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ଏହି ସମସସ୍ତ ଘଟଣାରେ ପାକିସ୍ତାନୀ ଆତଙ୍କବାଦୀଙ୍କ ହାତ ରହିଛି। ସୀମା ଆରପଟୁ ଆତଙ୍କବାଦୀ ମାନେ ଭାରତ ସୀମାରେ ପ୍ରବେଶ କରି ଏଭଳି ହିଂସାକାଣ୍ଡ କରୁଛନ୍ତି। ରାଜ୍ୟରେ ଏକ ନିର୍ବାଚିତ ସରକାର ରହିଛି। କିନ୍ତୁ ଏହି ସରକାରର ଆତଙ୍କବାଦୀଙ୍କ ପ୍ରତି କୋହଳ ଆଭିମୁଖ୍ୟ ଯୋଗୁଁ ଆତଙ୍କବାଦୀମାନେ ସାହସ ପାଉଛନ୍ତି। ଜାମ୍ମୁ-କାଶ୍ମୀର ବିଧାନସଭାରେ ଶାସକ ନ୍ୟାସନାଲ କନଫରେନ୍ସର ବିଧାୟକମାନେ ଧାରା ୩୭୦ ପ୍ରତ୍ୟାହର ନିଷ୍ପତ୍ତିକୁ ବିରୋଧ କରି ହଟ୍ଟଗୋଳ କରିଛନ୍ତି। ଏହା ପାକିସ୍ତାନକୁ ସୁହାଇଛି। ଏଥିରୁ କୁହାଯାଇପାରେ ଯେ, ଜାମ୍ମୁ-କାରଶ୍ମୀରରେ ଗଣତାନ୍ତ୍ରିକ ପ୍ରକ୍ରିୟା ଆରମ୍ଭ କରିବା ଏକ ଭୁଲ ନିଷ୍ପତ୍ତି ଥିଲା। କହିବା ବାହୁଲ୍ୟ ଯେ, ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦର ମୂଳ କାରଣ ହେଲା କାଶ୍ମୀର। ଧର୍ମ ଭିତ୍ତିରେ ଦେଶ ବିଭାଜନ ପରେ ପାକିସ୍ତାନ ମୁସଲମାନ ବହୁଳ କାଶ୍ମୀରକୁ ଅକ୍ତିଆର କରିବାକୁ ଚାହିଁଥିଲା। କିନ୍ତୁ ତତ୍କାଳୀନ କାଶ୍ମୀର ମହାରାଜା ଭୀମ ସିଂହ ଭାରତ ସହ ମିଶ୍ରଣ ପାଇଁ ଚୁକ୍ତି କରିଥିଲେ। ସେବେଠାରୁ ପାକିସ୍ତାନ ସବୁ ବେଳେ କାଶ୍ମୀରକୁ ଅକ୍ତିଆର କରିବାକୁ ସବୁ ପ୍ରକାର ଉଦ୍ୟମ କରି ଆସୁଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବାରମ୍ବାର ଏଥିଲାଗି ଯୁଦ୍ଧ ହୋଇଛି, ସବୁ ବେଳେ ପାକିସ୍ତାନ ପରାଜିତ ହୋଇଛି। ସମ୍ମୁଖ ଯୁଦ୍ଧରେ ବାରମ୍ବାର ପରାଜିତ ହେବା ପରେ ପାକିସ୍ତାନ ଆତଙ୍କବାଦ ମାଧ୍ୟମରେ ଭାରତ ସହ ଛାୟା ଯୁଦ୍ଧ ଚଳାଇଛି। ଆଉ କାଶ୍ମୀର ବିବାଦକୁ ବିଭିନ୍ନ ଆନ୍ତର୍ଜାତୀୟ ସ୍ତରରେ ଉଠାଇ ଭାରତ ବିରୋଧରେ ଏକ ମେଣ୍ଟ ଗଠନ କରିବାକୁ ଉଦ୍ୟମ କରୁଛି। କିନ୍ତୁ ପାକିସ୍ତାନର ଏହି କୌଶଳ ବି କାମ ଦେଉନି। ଧାରା ୩୭୦ ହଟିବା ପରେ କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଏହାକୁ ପାକିସ୍ତାନ ସ୍ୱୀକାର କରିପାରୁନାହିଁ। ଏମିତି କାଶ୍ମୀର ଉପତ୍ୟକାର ଏକ ବଡ଼ ଅଂଶକୁ ପାକିସ୍ତାନ ଜୋରଜବରଦସ୍ତ ମାଡ଼ି ବସିଛି। ଏହାକୁ ପିଓକେ ବା ପାକିସ୍ତାନ ଅଧିକୃତ କାଶ୍ମୀର କୁହାଯାଉଛି। ଭାରତ ଏହାକୁ ନିଜର ଅଞ୍ଚଳ ବୋଲି ଦାବି କରିଆସୁଛି। ଭାରତର ଦାବି କେତେଦୂର ଯଥାର୍ଥ ଏବଂ ଏଥିପାଇଁ କିଏ ଦାୟୀ, କାହିଁକି ଭାରତ ବାରମ୍ବାର ପାକିସ୍ତାନକୁ ସମ୍ମୁଖ ଯୁଦ୍ଧରେ ପରାସ୍ତ କରିବା ସତ୍ତ୍ୱେ ପାକ ଅଧିକୃତ କାଶ୍ମୀରକୁ ନିଜ ଦଖଲକୁ ନେଲା ନାହିଁ ତାହା ଏକ ବଡ଼ ପ୍ରଶ୍ନ ଏବଂ ଏହା ଉପରେ ବିତର୍କର ଆବଶ୍ୟକତା ରହିଛି। ଭାରତବାସୀ ପ୍ରକୃତ ସତ୍ୟ କ'ଣ ତାହା ଜାଣିବା ଉଚିତ। ତେବେ କାଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ଏବଂ ଏହାର ସମାଧାନ କେବଳ ଉଭୟ ରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ସମ୍ଭବ। ୧୯୭୧ରେ ସିମଲା ରାଜିନାମାରେ ଏହା ସ୍ପଷ୍ଟ ହୋଇଯାଇଛି। ତେଣୁ ଏଥିରେ ତୃତୀୟ ପକ୍ଷ ମୁଣ୍ଡ ଖେଳାଇବା ଅନୁଚିତ। କାଶ୍ମୀର ଏକ ଦ୍ୱିପାକ୍ଷିକ ବିବାଦ ଏବଂ ଏଥିରେ ଅନ୍ୟ କେହି ମୁଣ୍ଡ ଖେଳାଇବା ଅନୁଚିତ ଏହାକୁ ଆମେରିକା ଏବଂ ରୁଷ ମଧ୍ୟ ସ୍ୱୀକାର କରିଛନ୍ତି। କିନ୍ତୁ ପାକିସ୍ତାନ ବାରମ୍ବାର ଏହାକୁ ଜାତିସଂଘରେ ଉଠାଇ ଏହାକୁ ଏକ ଅନ୍ତର୍ଜାତିକ ବିବାଦ ରୂପ ଦେବାକୁ ବିଫଳ ପ୍ରୟାସ କରିଆସୁଛି। ପାକିସ୍ତାନର ଏହି ପ୍ରୟାସ ବାରମ୍ବାର ବିଫଳ ହେଲେ ମଧ୍ୟ ପାକିସ୍ତାନ ଏଥିରୁ ନିବୃତ୍ତ ହେଉନାହିଁ। ଧାରା ୩୭୦ ହଟିବା ପରେ ସେଠାରେ ଶାନ୍ତି ପ୍ରତିଷ୍ଠା ହୋଇଛି ଏବଂ କାଶ୍ମୀର ଉପତ୍ୟକା ଏବେ ବିକାଶ ମାର୍ଗରେ ପରିଚାଳିତ ହେଉଛି। କାଶ୍ମୀରବାସୀ ଏହାକୁ ସ୍ୱାଗତ କରିଛନ୍ତି। ଉପତ୍ୟକାରେ ଆତଙ୍କବାଦ ମଧ୍ୟ ଯଥେଷ୍ଟ ହ୍ରାସ ପାଇଛି। ପାକିସ୍ତାନର ଦୂରବସ୍ଥା ଏବଂ ଭାରତର ସମୃଦ୍ଧିକୁ ଦେଖି ପିଓକେବାସିନ୍ଦା ଏବେ ଭାରତରେ ମିଶିବାକୁ ବ୍ୟଗ୍ର। କିନ୍ତୁ ଏହି ବାସ୍ତବତାକୁ ଅନେକ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାଁନ୍ତି। ଭାରତର ବିକାଶ ଏବଂ କାଶ୍ମୀରରେ ଶାନ୍ତି ପ୍ରତିଷ୍ଠାକୁ ସେମାନେ ସହ୍ୟ କରିପାରୁନାହାଁନ୍ତି। ଏଭଳି ଏକ ଦେଶ ହେଲା ତୁର୍କୀ। ସ୍ୱାଧୀନତା ପରଠାରୁ ତୁର୍କୀ ସବୁ ବେଳେ ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରି ଆସିଛି ଏବଂ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନକୁ ସମର୍ଥନ କରି ଆସିଛି। ଏହା ପଛରେ ରହିଛି କେବଳ ଧାର୍ମିକ ସଂକୀର୍ଣ୍ଣତା ଏବଂ ଭାରତ ପ୍ରତି ଅସହିଷ୍ଣୁତା। ତୁର୍କୀର ଏହି ଆଭିମୁଖ୍ୟ ଏବେ ବି ଅପରିବର୍ତ୍ତିତ ରହିଛି। ତୁର୍କୀ ସରକାର ସେ ଦେଶର ନାଗରିକଙ୍କୁ ସବୁ ବେଳେ ଭାରତ ନେଇ ଭୁଲ ତଥ୍ୟ ପ୍ରଦାନ କରି ବିଭ୍ରାନ୍ତ କରି ଆସିଛନ୍ତି। କିଛି ମାସ ତଳେ ତୁର୍କୀରେ ଭୟାବହ ଭୂମିକମ୍ପରେ ହଜାର ହଜାର ବ୍ୟକ୍ତି ପ୍ରାଣ ହରାଇଲେ ଏବଂ ବ୍ୟାପକ କ୍ଷୟକ୍ଷତି ହେଲା। କିନ୍ତୁ ଭାରତ ସବୁ ବିବାଦକୁ ଭୁଲି ମାନବିକତାର ଚରମ ନିଦର୍ଶନ ପରିପ୍ରକାଶ କରିଥିଲା। ଭାରତ ପ୍ରଥମ ଦେଶ ଭାବେ ତୁର୍କୀରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ କାର୍ଯ୍ୟରେ ସହାୟତାର ହାତ ବଢ଼ାଇଥିଲା। ଭାରତୀୟ ଡାକ୍ତର ଏବଂ ସେବିକାଙ୍କ ଉତ୍ସର୍ଗୀକୃତ ସେବା ଯତ୍ନରେ ଅନେକ ନୂଆ ଜୀବନ ପାଇଲେ। ଭାରତର ଏହି ସହାୟତାକୁ ଦେଖି ତୁର୍କୀବାସୀଙ୍କର ଭାରତ ପ୍ରତି ରହିଥିବା ଭୁଲ ଧାରଣା ଦୂର ହୋଇଗଲା। କିନ୍ତୁ ତୁର୍କୀ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସୁନି। ନିକଟରେ ଜାତିସଂଘରେ ତୁର୍କୀ ପୁଣି କାଶ୍ମୀର ପ୍ରସଙ୍ଗ ଉଠାଇଛି ଏବଂ ପାକିସ୍ତାନ ସପକ୍ଷରେ ସ୍ୱର ଉତ୍ତୋଳନ କରିଛି। କଥାରେ ଅଛି କୁକୁର ଲାଙ୍ଗୁଡ଼ କେବେ ସିଧା ହେବ ନାହିଁ। ତୁର୍କୀ ପାଇଁ ଏହା ପ୍ରଯୁଜ୍ୟ। ତୁର୍କୀ ଏକ କୃତଘ୍ନ ରାଷ୍ଟ୍ର ଏହା ପ୍ରମାଣିତ ହୋଇଗଲା। ଆଫଗାନିସ୍ତାନରେ ଯେପରି ଭାରତର କୋଟି କୋଟି ଟଙ୍କାର ନିବେଶ ନଷ୍ଟ ହୋଇଗଲା, ଠିକ ସେମିତି ତୁର୍କୀକୁ ବିପଦ ବେଳେ ସହାୟତା କରି ଭାରତର ମାନବିକତାର କିଛି ମୂଲ୍ୟ ରହିଲା ନାହିଁ। କାଶ୍ମୀର ପ୍ରସଙ୍ଗରେ ତୁର୍କିର କିଛି ଦେବା ନେବାର ସମ୍ଭାବନା ନାହିଁ। କେବଳ ପାକିସ୍ତାନ ଏକ ଇସଲାମିକ ରାଷ୍ଟ୍ର ହୋଇଥିବାରୁ ତୁର୍କୀ ଏହାକୁ ସମର୍ଥନ କରୁଛି। କିନ୍ତୁ ତୁର୍କୀ ଭୁଲି ଯାଉଛି ଯେ, ଭାରତରେ ବସବାସ କରୁଥିବା ମୁସଲମାନ ଧର୍ମାବଲମ୍ବୀଙ୍କ ସଂଖ୍ୟା ପାକିସ୍ତାନର ମୋଟ ଜନସଂଖ୍ୟାଠାରୁ ଅଧିକ। ଏଠାରେ ବସବାସ କରୁଥିବା ମୁସଲମାନ ଭାଇଭଉଣୀମାନେ ସମାନ ସ୍ୱାଧିନତା ଉପଭୋଗ କରୁଛନ୍ତି ଏବଂ ସେମାନେ ବିନା ଭୟରେ ସ୍ୱଚ୍ଛନ୍ଦରେ ବସବାସ କରୁଛନ୍ତି। ଭାରତୀୟ ମୁସଲମାନ ବା କାଶ୍ମୀରବାସୀ ପାକିସ୍ତାନରେ ସାମିଲ ହେବାକୁ ଇଚ୍ଛୁକ ନୁହଁନ୍ତି। ବରଂ ପାକିସ୍ତାନର ଅର୍ଦ୍ଧାଧିକ ନାଗରିକ ଭାରତରେ ସାମିଲ ହେବାକୁ ଆଗ୍ରହୀ। ଭାରତ ବିଭାଜନ ଲାଗି ସେମାନେ ଏବେ ପସ୍ତାଉଛନ୍ତି ଏବଂ ପାକିସ୍ତାନର ଜନକ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କୁ ନିନ୍ଦା କରୁଛନ୍ତି। କାରଣ ପାକିସ୍ତାନରେ ସେମାନଙ୍କୁ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡୁଛି। ଭାରତର ବିକାଶ ଏବଂ ସମୃଦ୍ଧି ଯୋଗୁଁ ସେମାନେ ଭାରତର ନାଗରିକତ୍ୱ ଗ୍ରହଣ କରିବାକୁ ଆଗ୍ରହୀ। ତେଣୁ ତୁର୍କୀ କାଶ୍ମୀର ପ୍ରସଙ୍ଗ ନୁହେଁ, ଜାତିସଂଘରେ ପିଓକେ ପ୍ରସଙ୍ଗ ଉଠାଇବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ଇସ୍କନ ପରମ୍ପରାକୁ ସମ୍ମାନ ଦେଉ

**ମହାଶୟ,**

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ। ସେ ସାରା ବିଶ୍ୱର ଠାକୁର। ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ତାଙ୍କୁ ଦର୍ଶନ କରିବା ଏବଂ ପୂଜା କରିବାର ଅଧିକାର ପାଇଛନ୍ତି। କିନ୍ତୁ ଜଗନ୍ନାଥଙ୍କ ନୀତି ନିୟମ ଏବଂ ପରମ୍ପରାକୁ ଅସମ୍ମାନୀତ କରିବା ଏବଂ ଏହାକୁ ଅବମାନନା କରିବାର ଅଧିକାର କାହାର ନାହିଁ। ଦୁର୍ଭାଗ୍ୟର ବିଷୟ ହେଲା ଇସ୍କନ ଏହାକୁ ବାରମ୍ବାର ଅମାନ୍ୟ କରିବାର ପ୍ରୟାସ କରୁଛି। ଏହା ଏକ ଗର୍ହିତ ଅପରାଧ। ହିନ୍ଦୁ ଧର୍ମର ବିଭିନ୍ନ ପୂଜା ପାର୍ବଣ ନିମନ୍ତେ ସ୍ୱତନ୍ତ୍ର ଦିନ ଧାର୍ଯ୍ୟ ହୋଇଛି। ଅଦିନରେ ଦଶହରା, ଗଣେଶ ପୂଜା ବା ରକ୍ଷାବନ୍ଧନ ଗ୍ରହଣୀୟ ନୁହେଁ। ସେହିପରି ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ମଧ୍ୟ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ ହୋଇଛି। ଇସ୍କନ ଏହାକୁ ଅମାନ୍ୟ କରି ଅଦିନରେ ରଥଯାତ୍ରା ଆୟୋଜନ ପାଇଁ ବାରମ୍ବାର ଉଦ୍ୟମ କରୁଛି। ଏହା ଜଗନ୍ନାଥ ପ୍ରେମୀଙ୍କ ପାଇଁ ସ୍ୱୀକାରଯୋଗ୍ୟ ନୁହେଁ। ମହାପ୍ରଭୁଙ୍କ ପ୍ରତିଦିନ ପୂଜା କରିପାର। କିନ୍ତୁ ଅଦିନର ସ୍ନାନଯାତ୍ରା, ରଥଯାତ୍ରା ଗ୍ରହଣୀୟ ନୁହେଁ।

ମହେଶ୍ୱର ମହାପାତ୍ର, ମାଟିଆପଡ଼ା, ପୁରୀ

# ଦରଦୀ ଠାକୁର କାଳିଆ ଠାକୁର



ଆଶୁତୋଷ ନାୟକ

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ। ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ। ସେଥିପାଇଁ ଶ୍ରୀମଦଭାଗବତମଂ ୭/୬/୨ରେ ଏହା ବର୍ଣ୍ଣିତ ଅଛି,

'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ।
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟଙ୍କୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ। ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ। ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ। ଏହା ଚିରନ୍ତନ ସତ୍ୟ। ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ। ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ୍ୟ ଅତି ସଂକ୍ଷିପ୍ତ। ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଈଶ୍ୱରଙ୍କ ସବୁଠାରୁ ଶେଷ୍ଠ ସଂରଚନା ହେଉଛି ମନୁଷ୍ୟ। ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶେଷ୍ଠଜୀବ ମନୁଷ୍ୟ।ନିଜର ବୃଦ୍ଧି ଓ ବିବେକ ପାଇଁ ଶେଷ୍ଠତ୍ୱର ଆସନ ଅଳଙ୍କୃତ କରିଛି ମନୁଷ୍ୟ।ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ। ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୁଲଭ।ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋଉପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ।

କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ବିଶ୍ୱର ଶେଷ୍ଠ ଜୀବ ବୋଲି ଡିଣ୍ଡିମ ପିଟୁଥିବା ମନୁଷ୍ୟ ଅନେକ କ୍ଷେତ୍ରରେ ମାନବିକତା ଶୂନ୍ୟ ଏବଂ ସମ୍ବେଦନହୀନତାର ପରିଚୟ ଦେଇ ସମଗ୍ର ମାନବ ଜାତିକୁ କଳଙ୍କିତ କରିଛି।ଏପରି ଅନେକ ଦୃଷ୍ଟାନ୍ତ ରହିଛି।ଏକବିଂଶ ଶତାବ୍ଦୀର ଅର୍ଥସର୍ବସ୍ୱ ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସବୁକିଛି ହୋଇପଡ଼ିଛି ତା ପାଖରେ ଦୟା, ମାନବିକତା, ପ୍ରେମ, ସ୍ନେହ, ମମତା, ଆବିଳତା ଯେପରି ମୂଲ୍ୟହୀନ ହୋଇପଡ଼ିଛି।ସାମାନ୍ୟ ଅର୍ଥ ଲାଳସାରେ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ଲୋଭରେ ଆମ ସମାଜରେ ଅନେକ ବ୍ୟକ୍ତି ଖାଦ୍ୟଦ୍ରବ୍ୟ ଠାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ମେଡ଼ିସିନ ପ୍ରଯ୍ୟନ୍ତ ବ୍ୟାପକ ଅପମିଶ୍ରଣ କରି ଅନେକ ନିରୀହ ବ୍ୟକ୍ତିଙ୍କ ଜୀବନକୁ ବିପଦରେ ପକାଉଛନ୍ତି।

ଏପରି ଅନେକ ଦୃଷ୍ଟାନ୍ତ ଅଛି ଯେଉଁଠି ନିରୀହ ପଶୁପକ୍ଷୀ ତଥା ସରଳ ସାଧାରଣ ବ୍ୟକ୍ତିଙ୍କୁ ଅକଥନୀୟ ଅତ୍ୟାଚାର ସହିବାକୁ ପଡ଼ିଛି।ନିଜର ସ୍ୱାର୍ଥସାଧନ ପାଇଁ ଯେଉଁଠି କିଛି ସନ୍ତାନ, ସନ୍ତତି ନିଜର ଜନ୍ମ କଲା ବୃଦ୍ଧ ପିତାମାତାଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ତିଳେମାତ୍ର ପଛଘୁଞ୍ଚା ଦିଅନ୍ତି ନାହିଁ। ଏପରି ଅନେକ ଦୃଷ୍ଟାନ୍ତ ଅଛି ଯେଉଁଠି ନିରୀହ ପଶୁପକ୍ଷୀ ତଥା ସରଳ ସାଧାରଣ ବ୍ୟକ୍ତିଙ୍କୁ ଅକଥନୀୟ ଅତ୍ୟାଚାର ସହିବାକୁ ପଡ଼ିଛି।ନିଜର ସ୍ୱାର୍ଥସାଧନ ପାଇଁ ଯେଉଁଠି କିଛି ସନ୍ତାନ, ସନ୍ତତି ନିଜର ଜନ୍ମ କଲା ବୃଦ୍ଧ ପିତାମାତାଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ତିଳେମାତ୍ର ପଛଘୁଞ୍ଚା ଦିଅନ୍ତି ନାହିଁ।

ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟନ୍ତ୍ରଣରେ ନଥାଏ।ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ।କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ।ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା। ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ। ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା। ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ। ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର।ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି। ଏହାଛଡା ନିରୀହ ପଶୁ, ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି। କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି।

ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମ କୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱ କୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି। ସେଥିପାଇ କୁହାଯାଇଛି

'ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ। ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ। ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ।

ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ର ର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ। ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁ ର।

ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ। ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ। ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ। ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ। ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ। ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ। ଇତିହାସରୁ ଜଣାଯାଏ ଯେ ଶ୍ରୀମନ୍ଦିର ଉପରେ ସମୁଦାୟ ଅଠରଥର ଆକ୍ରମଣ ହୋଇଥିଲା। ଏଥିମଧ୍ୟରୁ ପାଞ୍ଚଥର ଆକ୍ରମଣର ସବିଶେଷ ବିବରଣୀ ଗବେଷଣା ହୋଇ ଆଲୋଚନା ପରିସରକୁ ଆସିନାହିଁ। ତେରଥର ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିର ରତ୍ନବେଦିରୁ ଯାଇ ଓଡ଼ିଶାର ବିଭିନ୍ନ



ସ୍ଥାନକୁ ୨୧ ଥର ସ୍ଥାନାନ୍ତର ହୋଇଛି। ସେଥିମଧ୍ୟରୁ ଦୁଇଥର ଶ୍ରୀକ୍ଷେତ୍ର ଭିତରେ ଲୀଳା ହୋଇଥିବା ବେଳେ ଶ୍ରୀକ୍ଷେତ୍ର ବାହାରେ ଉଣେଇଶ ଥର ସ୍ଥାନାନ୍ତର ହୋଇ ଲୀଳା କରିଛନ୍ତି। ଚିଲିକାର ଗୁରୁବାଇଗଡ଼ ଓ ବାଣପୁର ତହସିଲର ନଈରୀଗ୍ରାମର ହରେଶ୍ୱର ମଣ୍ଡପକୁ ଦୁଇ ଦୁଇ ଥର ବିଜେ କରି ଲୀଳା କରିଥିଲେ। ମହାପ୍ରଭୁ ସମୁଦାୟ ଦୁଇଥର ପାତାଳୀ ଲୀଳା କରିଛନ୍ତି। ଥରେ ସୋନପୁରଠାରେ ଓ ୧୫୬୮ ମସିହାରେ କଳାପାହାଡ଼ ଆକ୍ରମଣରେ ଚିଲିକାର ହାତୀପଡ଼ାଠାରେ ମହାପ୍ରଭୁଙ୍କର ପାତାଳୀଲୀଳା ହୋଇଥିଲା। ଦୁଇଥର ମହାପ୍ରଭୁ ବ୍ରହ୍ମଲୀଳା କରିଛନ୍ତି। ଏହାଥିଲା ମହାପ୍ରଭୁଙ୍କର ଅଭିନବ ବ୍ରହ୍ମଲୀଳା। ନଷ୍ଟ ହେଇଯାଉ ଦାରୁ ବିଗ୍ରହ, କିନ୍ତୁ ବ୍ରହ୍ମ ସୁରକ୍ଷିତ ଥାଆନ୍ତୁ। ଏ ଜାତିର 'ବିଶ୍ୱାସ' ଟିକକ ହସ୍ତାନ୍ତର ହୋଇ ନଯାଉ କି ମନୋବଳ ଭାଙ୍ଗି ଚୁରମାର ହୋଇ ନଯାଉ। ସେହି ବିଶ୍ୱାସରେ ବ୍ରହ୍ମଲୀଳା ସମ୍ପନ୍ନ ହୋଇଥିଲା। ପ୍ରଥମ ବ୍ରହ୍ମଲୀଳା ବିଶର ମହାନ୍ତିଙ୍କଦ୍ୱାରା ହୋଇଥିଲା। ଦ୍ୱିତୀୟ ବାର ବ୍ରହ୍ମଲୀଳା ୧୬୨୨ ମସିହାରେ ମିର୍ଜା ଅହମ୍ମଦ ବେଗ ସମୟରେ ହୋଇଥିଲା। ଖୁବ ଗୋପନରେ ଗଜପତିଙ୍କ ପରାମର୍ଶରେ ସେବକମାନେ ଖୋର୍ଦ୍ଧାଜିଲାର ଗଡ଼ମାଣତ୍ରୀରେ ବ୍ରହ୍ମଲୀଳା କରେଇଥିଲେ। ୧୭୩୧ ମସିହାରେ ଶ୍ରୀମନ୍ଦିର ଉପରେ ତକି ଖାଁ ଦ୍ୱିତୀୟବାର ଆକ୍ରମଣ କରିଥିଲେ। ସେତିକିବେଳେ ମହାପ୍ରଭୁଙ୍କୁ ଭାର୍ଗବୀ ନଦୀର ଦୋବନ୍ଧା ପେଣ୍ଠରୁ ବଡ଼ ପରୀକ୍ଷା ପରମାନନ୍ଦ କୁଅଁର ମହାପାତ୍ର ଓ ସାନ ପରୀକ୍ଷା ବିଷ୍ଣୁ ପଶ୍ଚିମ କବାଟ ଚିଲିକା ବାଟଦେଇ ନଈରୀ ଗ୍ରାମର ମଣ୍ଡପରେ ଗୋପନରେ ବିଜେ କରାଇଥିଲେ। ଶ୍ରୀମନ୍ଦିର ଉପରେ ପ୍ରଥମେ ୬୭୦ ମସିହାରେ ଆକ୍ରମଣ ହୋଇଥିଲା। ଏହା ୧୭୩୩ ମସିହା ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟ ମଧ୍ୟରେ ହାରାହାରି ୨୫୦ ବର୍ଷରୁ ଅଧିକ ସମୟ ମହାପ୍ରଭୁ ଶ୍ରୀକ୍ଷେତ୍ର ବାହାରେ ଲୀଳା କରିଥିଲେ। ତାଙ୍କର ଲୀଳାରେ ଶ୍ରୀକ୍ଷେତ୍ର ବାହାରେ ନଈରୀଠାରେ ଗୋଟିଏ ଥର ରଥଯାତ୍ରା ହୋଇଥିଲା।

ଶାସ୍ତ୍ର ବେଦ ଉପନିଷେଦ କହେ ସନାତନ ହିନ୍ଦୁ ଧର୍ମ ସର୍ବଶ୍ରେଷ୍ଠ ଓ ସର୍ବପୁରାତନ ଏଥିରେ ହିଂସାର କୌଣସି ସ୍ଥାନ ନଥାଏ। ଅନାଥର ନାଥ କାଳିଆ ସାଆନ୍ତ, ଦୀନବନ୍ଧୁ, ଭାବଗ୍ରାହୀ, ଭକ୍ତବତ୍ସଳ ଜଗନ୍ନାଥଙ୍କ ବାଖ୍ୟା କରିବାକୁ କିଏ ବା ସମର୍ଥ ହେବ

ସେ ଅନନ୍ତ, ଅସୀମ, ଚିରସତ୍ୟ ତାଙ୍କର ଆଦି ନାହିଁ କି ଅନ୍ତ ନାହିଁ, ସେ ନଶ୍ୱର, ନିରାକାର, ପରମବ୍ରହ୍ମ, ପୁରୁଷୋତ୍ତମ। ମହାପ୍ରଭୁ କାଳିଆ ସାଆନ୍ତ ବିଶ୍ୱର ସବୁଠାରୁ ରହସ୍ୟମୟ ଠାକୁର। ଜଗନ୍ନାଥ ମନ୍ଦିରର ଇତିହାସ ଏବଂ ତାର ରହସ୍ୟ ବୁଝିବା ଆମ ପରି ରକ୍ତ ମାଂସ ଧାରୀ ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ। ଅନେକ ବିଦ୍ୱାନ ପଣ୍ଡିତ, ଶାସ୍ତ୍ର ବିଶାରଦ, ଜ୍ଞାନୀ ଗୁଣୀ, ଜଗନ୍ନାଥ ସଂସ୍କୃତି ଇତିହାସ ସମ୍ପୂର୍ଣ୍ଣ ଭାବେ ବୁଝିବାରେ ଜାଣିବାରେ ସମର୍ଥନ ହୋଇପାରି ନାହାନ୍ତି।ଏବେବି ଏହା ରହସ୍ୟମୟ ହୋଇରହିଛି।

ଜଗନ୍ନାଥ ଉପାସନା କେବେ କେଉଁଠାରୁ ହେଲା ଓ ଜଗନ୍ନାଥଙ୍କ ନାମକରଣ କେବେ କାହିଁକି ହେଲା ସେ ବିଷୟ ଏବେବି ନିର୍ବିବାଦରେ ନିର୍ଣ୍ଣିତ ହୋଇପାରିନାହିଁ। ଜଗନ୍ନାଥଙ୍କ ସଂସ୍କୃତି ସହିତ ବହୁ ଧର୍ମ ଜଡିତ ହୋଇରହିଛି। ଯୁଗ ଯୁଗ ଧରି ଜଗନ୍ନାଥ ରହସ୍ୟମୟ ଦେବତା ହୋଇ ରହିଆସିଛନ୍ତି। ଅନାଥର ନାଥ ଜଗତର ନାଥ ଜଗନ୍ନାଥ ଏକ ଚେତନାର ଚିନ୍ତାଧାରାର ସଂସ୍କୃତିର ସଂକେତ। ଜଗନ୍ନାଥ ସଂସ୍କୃତି ପରମ୍ପରା ବସୁଦେବ କୁଟୁମ୍ବକମର ଚିନ୍ତାଧାରା ଉପରେ ପ୍ରଯ୍ୟବେଷିତ।ସମଗ୍ର ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବା ଏହାର ମୂଳମନ୍ତ୍ର। ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର ବିଶ୍ୱପ୍ରେମ, ଶାନ୍ତି, ଅହିଂସା, ପ୍ରେମ ମୁକ୍ତି, ଆନନ୍ଦ, ସତ୍ୟ, ଦୟା, କ୍ଷମା ଓ ଅନନ୍ତ ବ୍ୟାପିର ପ୍ରତୀକ। ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା।ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର। ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ। ସେ ଅନାଦି ସେ ଅଶେଷ।ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ।। ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ।

ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ। ସେ ଅରୂପ ପୁଣି ସ୍ୱରୂପ। ସେ ନିର୍ଗୁଣ ପୁଣି ସଗୁଣ। ବହୁ ରୂପରେ ତାଙ୍କର ପରିକଳ୍ପନା। ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ।ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ। ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ।

ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେଜ୍ଞ ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ। ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ। ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି। ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ। ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର, ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଡାଣ୍ଡ ହେଉଛି ବଡ଼ ଡାଣ୍ଡ, ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି ), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ। ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ। ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର, ଶିବ ବା ଶୁଭର ସୂଚନା।ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ।କାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି। ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ। ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ। ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଈଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ। ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚର ଭେଦଭାବ ନଥାଏ।ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ।ସମସ୍ତଙ୍କ ଦୁଃଖ ବୁଝନ୍ତି ସେ। ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ, ନିରାଶ୍ରୟ, ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ। ଜାତିବର୍ଣ୍ଣ, ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ। ସେହ୍ନ, ପ୍ରେମ, ଭାତୃତ୍ୱ, ବଳିଦାନ, ଭଲପାଇବା, ମାନବିକତା, ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ। ଯେଉଁଠି ସ୍ୱାର୍ଥପର ଅହଂଙ୍କାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା, ଜନ୍ମଦାତ୍ରୀ ମାତା, ବନ୍ଧୁ, ପରିଜନଙ୍କୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ। ନିଜର ମାନ, ଅଭିମାନ, ରାଗ, ହିଂସା, କ୍ରୋଧ, ଘୃଣା ଭାବକୁ ପରିତ୍ୟାଗ କରି 'ମଣିଷପଣିଆ 'ହିଁ ସର୍ବଶ୍ରେଷ୍ଠ ଏହାକୁ ସମଗ୍ର ମାନବଜାତି ଅନୁଭବ କରିବାର ସମୟ ଆସିଛି।ଏହାକୁ ବୁଝିବାକୁ ହେବ ଯେ ନିୟତିର ନିଷ୍ପତ୍ତି ନିକଟରେ ସମଗ୍ର ମାନବଜାତି ଦୁର୍ବଳ ଏବଂ ଅସହାୟ। ଆମକୁ ନିଜର ଅହଂକାର ପରିତ୍ୟାଗ କରିବାକୁ ପଡ଼ିବ। ମହାପ୍ରଭୁ କାଳିଆ ସାଆନ୍ତଙ୍କ ଚରଣଆଶ୍ରିତ ଏବଂ ନତମସ୍ତକ ହେବାକୁ ପଡ଼ିବ।ମହାପ୍ରଭୁ ଅନାଥର ନାଥ କାଳିଆ ସାଆନ୍ତଙ୍କ ବିନା ସମଗ୍ର ମାନବଜାତିର ପରିକଳ୍ପନା କରିବା ଅସମ୍ଭବ ଏହାକୁ ବିଶ୍ୱବ୍ରହ୍ମାଣ୍ଡ ରେ କେହି ଭି ଅସ୍ୱୀକାର କରିପାରିବେ ନାହିଁ।


ଗୋପାଳପୁର, ବାଲେଶ୍ୱର

ମୋବାଇଲ: ୭୦୨୦୬୧୧୩୦୦


# ଭଜହରି ଉପାଖ୍ୟାନ



ଉମାଶଙ୍କର ପ୍ରସାଦ

ସେ ଦିନ ଭଜହରି ବାବୁ ପ୍ରାତଃ ଭ୍ରମଣ ସାରି ଘରକୁ ଫେରିବା ପରେ ମନେ ମନେ କ'ଣ ଗୁଡାଏ ଗୁଣୁ ଗୁଣୁ ହେଉଥାନ୍ତି। ଏ କଥା ଦେଖି ତାଙ୍କ ଶ୍ରୀମତୀ କହି ଉଠିଲେ କିହୋ କଣ ହୋଇଛି କି ଆଜି ତୁମର ଏ ସଖାଳୁ ସଖାଳୁ ଡାହାଁଣୀ ମନ୍ତ୍ର ପଢ଼ୁଛ! କିଛି ସମୟ ନୀରବତା ପରେ ଭଜହରି ବାବୁ କହିଲେ ଜାଣିଲ ସୌଦାମିନୀ ! ଆଜିର ସମୟ ଓ ସମାଜ ଯେପରି କଳୁଷିତ ଓ ନିମ୍ନଗାମୀ ହେଲାଣି ଆମମାନଙ୍କ ଭଳି ଶିକ୍ଷିତ ଓ ଚିନ୍ତାଶୀଳ ଲୋକମାନଙ୍କ ପକ୍ଷରେ ଏ ସମାଜରେ ମୁହଁ ଟେକି ଚାଲିବା ଅତ୍ୟନ୍ତ କଷ୍ଟସାଧ୍ୟ। ହେଇଟି ଶୁଣ କଥାଟାକୁ ସିଧା ସିଧା ନକହି ଗୋଲ ଗୋଲ ବୁଲାଇ କହିବାଟା ତୁମର ଗୋଟାଏ ପ୍ରକୃତି ହେଇଗଲାଣି, ତୁମେ ନିଜକୁ ବଡ ଦାର୍ଶନିକ ଭାବୁଛ। ଆଏ ରାଗିଗଲକି ତୁମେ! ହଉ ଶୁଣ- କହିଲେ ଭଜହରି ବାବୁ। କଥା କଣ କି, ମୁଁ ଆଜି ପ୍ରାତଃ ଭ୍ରମଣ ସମୟରେ ଗୋଟିଏ କଥା ଲକ୍ଷ କଲି। ଆମ କଲୋନୀର ସବୁ ଶିକ୍ଷିତ, ଅଶିକ୍ଷିତ, ଟୋକିଠୁ ବୁଢ଼ୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୋଟାଏ ପ୍ରକାର 'ଗାଉନ ମାନିଆ' ଘାରିଛି। ମଲା ତୁମର ଏ 'ଗାଉନ ମାନିଆ'ଟା ପୁଣି କେଉଁ ଭାଷା କୋଷରୁ ଆବିଷ୍କାର କଲ? ମୁଁ ବୁଝି ପାରୁନି। କଣ? ତୁମେ ପରା ଜଣେ ଶିକ୍ଷୟତ୍ରୀ। ମାତ୍ର ଏଇ ସାମାନ୍ୟ କଥାଟା ବୁଝିପାରୁନ! କହିଲେ ଭଜହରି। ତୁମେ ତୁମ ଜୀବନ କାଳରେ ବିଭିନ୍ନ ସ୍କୁଲରେ ଚାକିରି ସମୟରେ ସବୁଠାରେ ନାଲି ବଡର ଥିବା ଧଳା ଶାଢୀ ପିନ୍ଧି ଆଦର୍ଶ ବାଦ, ଆଦର୍ଶ ଜୀବନ, ଆଦର୍ଶ ପୋଷାକ ଇତ୍ୟାଦି କଥା ଘୋଷି ଘୋଷି କେତେଗୁଡ଼ିଏ ନୀଳ ଧଳା ଆଉ ମାଟିଆ ପ୍ୟାଣ୍ଟ ସାର୍ଟ ପିନ୍ଧା ପୁଅ ଝିଅ ଙ୍କ ମେଳରେ ଜୀବନର ତିନି ଚତୁର୍ଥାଂଶ ବିତାଇବା ପରେ ଆଜିର ଏ ଆଧୁନିକ ଯୁଗର ଶବ୍ଦମାନଙ୍କ ସଂସ୍ପର୍ଶରେ ବା କିପରି ଆସନ୍ତ ଯେ ବୁଝି ପାରିବ? ଶ୍ରୀମତୀଙ୍କର ମୁହଁଟି ଟିକେ ଫିକା ପଡ଼ିଗଲା ପରି ଅନୁଭବ କଲେ ଭଜହରି। ସୌଦାମିନୀ କହିଲେ 'ହଁ- ସେଇଆ ନୁହେଁ ଆଉ କଣ? ମୋ ଶିକ୍ଷୟତ୍ରୀ ଜୀବନରେ ମୁଁ ଏ ସବୁ ଅପସଂସ୍କୃତି ତଥା ବାଜେ ରୁଚିର ସମ୍ପୂର୍ଣ୍ଣ ବିରୋଧି। ଏହା କଣ ଆମ ସଂସ୍କୃତି ଓ ପରମ୍ପରାର ପ୍ରକୃତ ଅଭିଲେଖ? ଗୋଟିଏ ପ୍ରବାଦ ବାକ୍ୟାବଳୀ ଅଛି ଯାହା ହେଲା "ଆପ ରୁଚି ଖାନା ପର ରୁଚି ପେହେନା"। ତେଣୁ ଯାହା ପିନ୍ଧିଲେ ଅନ୍ୟମାନଙ୍କ ଦୃଷ୍ଟିରେ ଗ୍ରହଣୀୟ ନୁହେଁ ସେମିତି ପୋଷାକ ପିନ୍ଧି ମଣିଷ କ'ଣ ନିଜର ବ୍ୟକ୍ତିତ୍ୱକୁ ସତରେ ଜାଜୁଲ୍ୟ କରିପାରିବ? ଆଜିର ଆଧୁନିକ ମଣିଷ ୭୦ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଜିନ ପ୍ୟାଣ୍ଟ ସାଙ୍ଗକୁ ଚାକ ଚକ୍ୟ ପୋଷାକ ପିନ୍ଧିବା ସହ ପ୍ରକୃତିର ବୟସାନୁକ୍ରମେ ପରିବର୍ତ୍ତନ ପକ୍ୱ କେଶକୁ କଳା ବୋଲି ଅତି ସ୍ମାର୍ଟ ବା କୁଶଳ ଦେଖାଯିବାର ପ୍ରହେଳିକା ସୃଷ୍ଟି କରୁଛି। ଏ କଥାରେ ମନେ ପଡ଼ିଯାଏ କାଳଜୟୀ କବି କବିସୂର୍ଯ୍ୟଙ୍କର 'ଜଗତେ କେବଳ' କବିତାର ପଂକ୍ତି ଟିଏ ଯାହା ହେଲା "ଚଞ୍ଚୁ ଚରଣେ ଲଗାଇ ହିଙ୍ଗୁଳ, ନିଜ ତୁଣ୍ଡେ ମଣ୍ଡି ଖଣ୍ଡ ମୃଣାଳ- ଚାରୁ ପୂର୍ବ ଅଙ୍ଗ ବୁଲାଇ 'ବକୀ' ତେବେ ସେ ମରାଳି ବୋଲାଇ ବକି- ଜଗତେ କେବଳ ଜନେ ହସିବେ ଏହି ତହୁଁ ଫଳ"। କିନ୍ତୁ ଏପରି ପୋଷାକ ପିନ୍ଧାକୁ ଆମର ରାଜନୀତି ବିଜ୍ଞାନର ଏକ ଅଂଶ ପବ୍ଲିକ ଆଡମିନଷ୍ଟ୍ରେସନ୍ ରେ ପରସନାଲିଟି ଡେଭଲପ୍‌ମେଣ୍ଟ ପରିସର ଭୁକ୍ତ କରାଯାଇଛି। ଆମର ଏତେ ଘଣ୍ଟା ଚକଟା ଭିତରେ ମୋ ପ୍ରକୃତ କଥାଟି ଉହ୍ୟ ରହିଗଲା ଯାହାକି ଆଜି ସଖାଳେ ପ୍ରାତଭ୍ରମଣରେ ଦେଖିଲି ସବୁ କଲୋନିର ମାଇପି ମାନେ ଗୋଟାଏ ଗୋଟାଏ ନାଇଟି ଗାଉନ ପିନ୍ଧି କିଏ ନିଜ କୁକୁରକୁ ଧରିରାସ୍ତା କଡରେ ମଳତ୍ୟାଗ କରାଉ ଥିବା ବେଳେ ଆଉ ଥୋକେ ଭ୍ରମଣ ଆଳରେ ପର ବାଡିରୁ ଫୁଲ ତୋଳ ନିଅନ୍ତି। ସେତିକି ବେଳଠୁ ଏଇ ନାଇଟ- ଗାଉନ -ଶବ୍ଦ ଦୁଇଟିକୁ ବାଖ୍ୟା କରୁ କରୁ ଭାବିଲି ଆଜିକାଲି ଆଧୁନିକ ଯୁଗର ମଣିଷ ମାନେ ଶବ୍ଦ ଶବ୍ଦ ଓ ଜିନିଷର କେମିତି କେଜାଣି ଗୋଟାଏ ଗୋଟାଏ ବିକୃତ ଅର୍ଥ ବାହାର କରି ତାର ବିକୃତ ବ୍ୟବହାର କରିବାରେ ଏ ମଣିଷ ମାନେ ଯେଉଁ ଆତ୍ମ ସନ୍ତୋଷ ଲାଭ କରୁଛନ୍ତି ତାହା ମୋଟେ ବୁଝା ପଡୁନି। କହିଲେ ଭଜହରି ବାବୁ। ପ୍ରକୃତରେ ଏଇ ଉପର ଦୁଇଟି ଶବ୍ଦର ଅର୍ଥ ଓ ଉତ୍ପତ୍ତି କେଉଁଠୁ ଏହା ସଠିକ୍ ଭାବରେ ଯାଣି ନଥିଲେ ବି ମୋ ମତରେ ଏହାର ଦୁଇଟି ଅର୍ଥ ହୋଇପାରେ। ପ୍ରଥମଟି ହେଲା ଆମ ପାଶ୍ଚାତ୍ୟ ଦେଶର ସ୍ତ୍ରୀ ଲୋକମାନେ ତାଙ୍କର ଫର୍ମାଲ ବା ପ୍ରଚଳିତ ପୋଷାକ ଶାଲଓ୍ୱାର ପଞ୍ଜାବୀ ବା ଅନ୍ୟ କୌଣସି ପୋଷାକ, ଯେପରି ଆଜି କାଲିର ଆମ ଶିକ୍ଷିତ ଝିଅମାନେ ଏପରିକି ଆଜିର ଆଧୁନିକ ବୋହୂମାନେ ନିଜ ସଂସ୍କୃତି କୁ ଜଳାଞ୍ଜଳି ଦେଇ ଘରେ ପିନ୍ଧୁଛନ୍ତି, ସେମିତି ପିନ୍ଧିଥାନ୍ତି। କିନ୍ତୁ ରାତ୍ର ସମୟରେ ପାଶ୍ଚାତ୍ୟ ରମଣୀମାନେ ଦିନରେ ବ୍ୟବହାର କରିଥିବା ଟାଇଟ ପୋଷାକ ଓହ୍ଲାଇ ଢିଲା ବା ହାଲକା ପୋଷାକ ପିନ୍ଧିବାର ଆବଶ୍ୟକତାରୁ ଏହି 'ନାଇଟ ଗାଉନ'ଶବ୍ଦର ଉତ୍ପତ୍ତି। କିନ୍ତୁ ଆମ ଦେଶ, ସଂସ୍କୃତି ତାଙ୍କଠାରୁ ଭିନ୍ନ। ଯେଉଁଠି ସବୁ ମହିଳା ମାନେ ପ୍ରାୟତଃ ଶାଢୀ ପିନ୍ଧନ୍ତି। ଶାଢୀର ଦାମ୍ ଓ ଭିନ୍ନତାକୁ ନେଇ ଆମର ଫରମାଲ ଓ ଗୃହପିନ୍ଧା ବା ରାତ୍ରିପୋଷାକ ହୋଇଥାଏ। କିନ୍ତୁ ଆଶ୍ଚର୍ଯ୍ୟ ଓ ଦୁଃଖର କଥା ଆଜିକାଲିର ଆଧୁନିକ ରମଣୀମାନେ ପାଶ୍ଚାତ୍ୟ ରମଣୀମାନଙ୍କ ରାତ୍ରପିନ୍ଧା ଗାଉନ କୁ ଦିନବେଳେ ବାହାରେ ପିନ୍ଧି ବାହାରିବା ପୂର୍ବରୁ ନିଜେ କେବେ ନିଜକୁ ପ୍ରଶ୍ନ କରିଛନ୍ତି କି ଏହାକଣ ଯୁକ୍ତିଯୁକ୍ତ ଯାହାକୁ ପିନ୍ଧୁଛୁ ସେ ନାମର ଅପବ୍ୟବହାର କିପରି କରୁଛୁ (ଏହା କେବଳ ଆମ ଶିକ୍ଷିତ ମହିଳାଙ୍କ ପାଇଁ ଉର୍ଦ୍ଧ୍ୱିଷ୍ଟ)। ତାଙ୍କର ବ୍ୟବହୃତ ବେଡରୁମ ବା ଶୋଇବା ଘର ପୋଷାକକୁ ଆମ ଦେଶର ରମଣୀମାନେ ଦିବା ଲୋକରେ ସମସ୍ତଙ୍କ ମଧ୍ୟରେ ପିନ୍ଧିଲେ କି ଅର୍ଥ ପ୍ରକାଶ କରେ ତାର ମାନେ ବୁଝା ପଡେନା।

ପୁନଶ୍ଚ ଏହାର ଅନ୍ୟ ଏକ ଅର୍ଥ ଇତିହାସ ପୃଷ୍ଠାରେ ମିଳିଥାଏ - ଯାହାହେଲା ଇତିହାସର ବୀରମାନଙ୍କୁ ନାଇଟ୍ ଉପାଧି ଦିଆଯାଇଥାଏ। ତାହାଲେ ସେମାନେ କଣ ଏପରି ପୋଷାକ ପିନ୍ଧୁଥିଲେ? ତେବେ ମୋତେ ଲାଗୁଛି ଏମିତି ନାମସହ ଯୋଡାଯାଇଥିବା ଏଇ ପୋଷାକଟି କିଛି ଗୋଟେ ବ୍ୟତିକ୍ରମ ଭଳି ମନେହୁଏ। ଏଇ କଥାକୁ ବିବେଚନା କଲେ ଦେଖାଯାଏ, ସମାଜରେ ଏମିତି କେତେ କଥା ଦେଖାଯାଏ। ଆଜିକାଲିର ଆମ ପିଲାମାନଙ୍କ ଦୈନିକ ବ୍ୟବହୃତ ଶବ୍ଦ ମଡର୍ଣ୍ଣ ରୁଚି, ମଡର୍ଣ୍ଣ ଷ୍ଟାଇଲ, ମଡର୍ଣ୍ଣ ପୋଷାକ ଆଦି। ଚଳଚିତ୍ରରେ ଚୋର ଭୂମିକାରେ ଅଭିନୟ କରୁଥିବା ହିରୋର ସେଇ ପୋଷାକକୁ ଅନୁସରଣ କରି ନିଜଭିତରେ ହିରୋର ଗର୍ବ ଅନୁଭବ କଲାବେଳେ ଆମେ ଆଉ ଚୋର ପରି ଦେଖାଯାଉ ନୁ ତ? କେଉଁ ଏକ ଚଳଚିତ୍ରରେ ଭିଲିଆନ ମାନେ ହିରୋକୁ ଜବରଦସ୍ତ ଧରି ତାର ମୁଣ୍ଡର କେଶକୁ କାଉ ଖୁମ୍ପିଲା ପରି କାଟିଦେଲେ ସୁଦ୍ଧା ଆଜିକାର ଯୁବ ପିଢ଼ୀ ସେଇ ରକମର ବାଳକାଟିବାକୁ ପସନ୍ଦ କରୁଛନ୍ତି! ତେବେ ଏହା ବିକୃତ ହେଲେ ବି କି ପ୍ରକାର ଅନୁକରଣ ବୁଝିବା ମୁସ୍କିଲ। କିନ୍ତୁ ଆଜି ଦେଶ ସ୍ୱାଧୀନ ହେବାର ଏଇ ଭିତରେ ୭୭ ବର୍ଷ ଅତିବାହିତ ହୋଇଯାଇଛି କେହି ଜଣେ ରାଜନେତାଙ୍କଠୁ ଆରମ୍ଭ କରି ବୁଦ୍ଧିଜୀବୀ ସାଧାରଣ ଜନତା କେହି ଜଣେ ହେଲେ ବି ବାପୁଙ୍କ ସେଇ ଆଣ୍ଠୁ ପିନ୍ଧା ଲୁଗାକୁ ଅନୁସରଣ କରିଛନ୍ତିକି? ନା ! ମୁଁ ନିଜେ ମଧ୍ୟ ନୁହଁ ସେଥିପାଇଁ ମୁଁ ଲଜ୍ଜିତ। ତେବେ ଏ କଥା ସବୁ ଭାବିଲେ ମନେପଡେ ଇଂରାଜୀ ଅନର୍ସ ଶ୍ରେଣୀରେ ପଢ଼ିଥିବା ସି.ଇ.ଏମ. ଜୋଡ ଙ୍କ ପ୍ରବନ୍ଧ 'ଅନ୍ ସିଭିଲାଇଜେସନ୍' ରେ ସଭ୍ୟତାର ସଞ୍ଜ୍ଞା- ଯେଉଁଥିରେ ସେ କହିଛନ୍ତି " ସଭ୍ୟତାର ଅର୍ଥ ସୃଜନ ଶୀଳତା। ଯାହାର ସୃଷ୍ଟି ହୋଇଛି ତାକୁ ବ୍ୟବହାର କରି ନିଜକୁ ସଭ୍ୟ କହି ଆମେ ଯେଉଁ ଗର୍ବ ଅନୁଭବ କରୁଛୁ ତାହା ବୁଝିବାର କଥା। ନିଜର ସୃଜନ ଶୀଳତାର ପ୍ରୟୋଗରେ ମଣିଷ ଯଦି କିଛି ନୂତନ ତଥ୍ୟ ବା ଚିନ୍ତାଧାରାର ପରିପ୍ରକାଶ କରିପାରିଲା ତେବେ ତାହାକୁ ସଭ୍ୟ ବୋଲି କୁହାଯାଇଥାଏ।" କିନ୍ତୁ ଆଜିକାଲିର ଅନୁକରଣ ପ୍ରିୟ ମଣିଷମାନେ ନିଜର ବିକୃତ ରୁଚିର ପରିପ୍ରକାଶ କରି ନିଜକୁ ସଭ୍ୟ କହିବାରେ କି ବାହାଦୂରୀ ତାହା ଭାବିଲେ ମନଟା ଭାରାକ୍ରାନ୍ତ ହେଇଯାଉଛି।


ଖୋର୍ଦ୍ଧା

ମୋବାଇଲ୍: ୬୩୭୦୬ ୭୫୫୬୨



# ପୁଟିନ-ଟ୍ରମ୍ପ ଆଲୋଚନାକୁ କ୍ରେମଲିନର ଅସ୍ୱୀକାର

**ମସ୍କୋ , ୧୧।୧୧:** ଆମେରିକାର ଭାବି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ମଧ୍ୟରେ ଟେଲିଫୋନ ମାଧ୍ୟମରେ କଥାବର୍ତ୍ତାକୁ କ୍ରେମଲିନ ପକ୍ଷରୁ ଅସ୍ୱୀକାର କରାଯାଇଛି। ଉଭୟ ନେତାଙ୍କ ମଧ୍ୟରେ ଏଭଳି କୌଣସି କଥାବାର୍ତ୍ତା ହୋଇନାହିଁ । ଗଣମାଧ୍ୟମରେ ଏ ସମ୍ପର୍କରେ ଯାହା ପ୍ରକାଶ ପାଉଛି ତାହା ଭୁଲ ବୋଲି କ୍ରେମଲିନ ପକ୍ଷରୁ କୁହାଯାଇଛି। ଏବେ ଟ୍ରମ୍ପଙ୍କ ସହ ପୁଟିନଙ୍କର ଆଲୋଚନା ନିମନ୍ତେ କୌଣସି ଯୋଜନା ନାହିଁ ବୋଲି କ୍ରେମଲିନ ପକ୍ଷରୁ କୁହାଯାଇଛି। ନିକଟରେ ୱାଶିଂଟନ ପୋଷ୍ଟ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଗତ ଗୁରୁବାର ଦିନ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ଟେଲିଫୋନ ଯୋଗେ କଥାବାର୍ତ୍ତା ହୋଇଛି। ସେତେବେଳେ ଟ୍ରମ୍ପ ଫ୍ଲୋରିଡ଼ାରେ ଥିଲେ ଏବଂ ସେଠାରୁ ସେ ପୁଟିନଙ୍କ ଫୋନ କଲ ରିସିଭ କରିଥିଲେବୋଲି ରିପୋର୍ଟରେ କୁହାଯାଇଛି। ପୁଟିନ ଟ୍ରମ୍ପଙ୍କୁ ତାଙ୍କ ବିଜୟ ନିମନ୍ତେ ଅଭିନନ୍ଦନ ଜଣାଇବା ସହିତ ୟୁକ୍ରେନ ସହ ଯୁଦ୍ଧ ସମ୍ପର୍କରେ ଅବଗତ କରାଇଥିଲେ ବୋଲି ୱାଶିଂଟନ ପୋଷ୍ଟରେ କୁହାଯାଇଛି।

# ପ୍ରଜ୍ୱଳ ରେଭାନ୍ନାଙ୍କ ଜାମିନ ଆବେଦନ ଖାରଜ



**ନୂଆଦିଲ୍ଲୀ, ୧୧।୧୧:** ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଜେଡିଏସର ପୂର୍ବତନ ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ ଡି ଦେବଗୌଡ଼ାଙ୍କ ପୁଅ ପ୍ରଜ୍ୱଳ ରେଭାପନ୍ନାଙ୍କ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ପୂର୍ବରୁ ତାଙ୍କ ଜାମିନ ଆବେଦନକୁ କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଥିଲେ। ଏହା ବିରୋଧରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଜାମିନ ଆବେଦନର ଶୁଣାଣୀ ବେଳେ ଜଷ୍ଟିସ ବେଲା ଏମ ତ୍ରିବେଦୀ ଓ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ରେଭାନ୍ନାଙ୍କ ଜାମିନ ଆବେଦନକୁ ଖାରଜ କରି କହିଥିଲେ ଯେ, ରେଭାନ୍ନ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏବଂ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସଙ୍ଗୀନ। ଜାମିନ ପାଇ ବାହାରକୁ ଗଲେ ସେ ପ୍ରମାଣ ନଷ୍ଟ ଏବଂ ସାକ୍ଷୀଙ୍କୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ତାଙ୍କ ବିରୋଧରେ ଆଇପିସିର ଧାରା ୩୭୬ ଲାଗିଛି। ଗତ ଅଗଷ୍ଟ ୨୪ରେ ଏହି ମାମଲାର ତଦନ୍ତ କରୁଥିବା ଏସଆଇଟି ରେଭାନ୍ନଙ୍କ ବିରୋଧରେ ୨୧୪୪ ପୃଷ୍ଠାର ଏକ ରିପୋର୍ଟ ଦାଖଲ କରିଛି। ଅଭିଯୋଗ ଆସିବା ପରେ ରେଭାନ୍ନା ବିଦେଶକୁ ପଳାୟନ କରିଥିଲେ। ପରେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ସେ ସ୍ୱଦେଶ ଫେରିଥିଲେ ଏବଂ ତାଙ୍କୁ କର୍ଣ୍ଣାଟକ ପୋଲିସ ଗିରଫ କରିଥିଲା।

# ବିଜେପିରେ ମିଶିଲେ ରାମ ନାରାୟଣ ଭରଦ୍ୱାଜ

**ନୂଆଦିଲ୍ଲୀ, ୧୧।୧୧:** ଦିଲ୍ଲୀ ନିର୍ବାଚନ ପ୍ରଭାରୀ ଭାବେ ଦାୟିତ୍ୱ ନେବା ପରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ମିଳିଛି ଆଉ ଏକ ବଡ଼ ସଫଳତା। ଗତକାଲି ଆମ ଆଦମୀ ପାର୍ଟିର ପୂର୍ବତନ ମନ୍ତ୍ରୀ ହରସରନ ସିଂହ ବାଲି ଓ ତାଙ୍କ ପୁଅ ଗୁର୍ମିତ ସିଂହ ବିଜେପିରେ ଯୋଗ ଦେଇଥିବା ବେଳେ ଆଜି ଆଉ ଜଣେ ପ୍ରଭାବଶାଳୀ ନେତା ରାମ ନାରାୟଣ ଭରଦ୍ୱାଜ ବିଜେପିରେ ଯୋଗ ଦେଇଛନ୍ତି। ଦୁଇ ଦିନରେ ଆମ ଆଦମୀ ପାର୍ଟିର ଦୁଇ ପ୍ରଭାବଶାଳୀ ନେତା ଦଳ ଛାଡ଼ିବା ଆପ୍ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ବୈଜୟନ୍ତ ପଣ୍ଡାଙ୍କ ସଫଳ ରଣନୀତି ଓ ଦୃଢ଼ ନେତୃତ୍ୱ ପାଇଁ ଦିଲ୍ଲୀର ଆମ ଆଦମୀ ପାର୍ଟିର ଟାଣୁଆ ଓ ପ୍ରଭାବଶାଳୀ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି ଏବଂ ଆଗାମୀ ଦିନରେ ଅଧିକରୁ ଅଧିକ ନେତା ବିଜେପିରେ ସାମିଲ ହେବେ ବୋଲି ସୂଚନା ମିଳିଛି। ଗତକାଲି ହରସରନ ସିଂହ ବାଲି ଓ ତାଙ୍କ ପୁଅ ନୂଆଦିଲ୍ଲୀରେ ବିଜେପିର ଦିଲ୍ଲୀ ପ୍ରଦେଶ ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବାଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ପ୍ରତି କର୍ଣ୍ଣାଟକ ମନ୍ତ୍ରୀଙ୍କ ବର୍ଣ୍ଣବୈଷମ୍ୟ ବୟାନକୁ ନେଇ ବିବାଦ

**ବେଙ୍ଗାଲୁରୁ, ୧୧।୧୧:** କର୍ଣ୍ଣାଟକର କ୍ଷମତାସୀନର କଂଗ୍ରେସର ମନ୍ତ୍ରୀ ଜମୀର ଅହମଦ ଖାନ କେନ୍ଦ୍ରମନ୍ତ୍ରୀ ତଥା ଜେଡିଏସ ନେତା ଏଚଡି କୁମାରସ୍ୱାମୀଙ୍କ ବିରୋଧରେ ବର୍ଣ୍ଣବୈଷମ୍ୟ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରାଜ୍ୟରେ ରାଜନୀତିକ ହଟଚମଟ ଦେଖିବାକୁ ମିଳିଛି। କୁମାରସ୍ୱାମୀଙ୍କ ଦଳ ଜେଡିଏସ ଏଥିପାଇଁ ଖାନଙ୍କୁ ସମାଲୋଚନା କରିବା ସହ ତାଙ୍କୁ କର୍ଣ୍ଣାଟକା କ୍ୟାବିନେଟରୁ ବହିଷ୍କୃତ କରିବାକୁ ଦାବି କରିଛି। ଛନପାଟନାର କଂଗ୍ରେସ ପ୍ରାର୍ଥୀ ସିପି ଯୋଗେଶ୍ୱରାଙ୍କ ସମ୍ପର୍କରେ ମତ ରଖିବା ବେଳେ ଖାନ ବିବାଦୀୟ ଟିପ୍ପଣୀ କରିଥିଲେ। ଯୋଗେଶ୍ୱରା ବିଜେପିରେ ମିଶିଥିଲେ ହେଁ ନିକଟରେ ପୁଣି କଂଗ୍ରେସକୁ ଫେରିଛନ୍ତି। ଏହା ଉପରେ ପ୍ରତିକ୍ରିୟା ଦେଇ ଖାନ କହିଥିଲେ ଯେ "ଆମ ଦଳରେ କିଛି ମତ ପାର୍ଥକ୍ୟ ଯୋଗୁ ସେ(ଯୋଗେଶ୍ୱରା) ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ। ତାଙ୍କ ପାଖରେ କୌଣସି ବିକଳ୍ପ ନଥିବାରୁ ସେ ବାଧ୍ୟ ହୋଇ ବିଜେପିରେ ମିଶିଥିଲେ। ସେ ଜେଡିଏସରେ ସାମିଲ ହେବାକୁ ଆଦୌ ରାଜି ନଥିଲେ। କାରଣ କାଳିଆ କୁମାରସ୍ୱାମୀ ବିଜେପି ଠାରୁ ଆହୁରି ବିପଦଜନକ ଥିଲେ। ଏବେ ଯୋଗେଶ୍ୱରା ଘରକୁ ଫେରି ଆସିଛନ୍ତି।" କୃଷ୍ଣକାୟ ଲୋକଙ୍କ ପ୍ରତି ସାଧାରଣତଃ କାଳିଆ ଭଳି ବର୍ଣ୍ଣ ବୈଷମ୍ୟ ମତ ରଖାଯାଇଥାଏ। ଯୋଗେଶ୍ୱରା ଛନପାଟନାରେ ଅନୁଷ୍ଠିତ ଉପ ନିର୍ବାଚନରେ କୁମାରସ୍ୱାମୀଙ୍କ ପୁଅ ନିଖିଳଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି। ନିଖିଳ ଏନଡିଏର ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ୁଛନ୍ତି। ଜେଡିଏସ ଖାନଙ୍କ ବୟାନକୁ ବର୍ଣ୍ଣ ବୈଷମ୍ୟର ଆଖ୍ୟା ଦେବା ସହ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡଗେଙ୍କ ରଙ୍ଗ କ'ଣ ବୋଲି ପ୍ରଚାରିଛି। ଏଥିସହ ମନ୍ତ୍ରୀ ଏଚସି ମହାସେବାପ୍ପା, ସତୀଶ ଜାରକିହୋଲି, ପ୍ରିୟଙ୍କ ଖଡଗେ ଓ କେଏଚ ମୁନିୟାପ୍ପାଙ୍କ ଶରୀରର ରଙ୍ଗ ସମ୍ପର୍କରେ ମଧ୍ୟ ପ୍ରଶ୍ନ କରିଛି। ଏପରି ବୟାନକୁ ଅତ୍ୟନ୍ତ ନିମ୍ନମାନର ରାଜନୀତି ବୋଲି ଜେଡିଏସ କହିବା ସହ ଏକ୍ସରେ ପୋଷ୍ଟ କରିଛି ଯେ "କ୍ୟାବିନେଟରୁ ତୁରନ୍ତ ଏପରି ଜଣେ ନିମ୍ନ ମାନସିକତାର ଲୋକଙ୍କୁ ବହିଷ୍କାର କରାଯାଉ।" କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ଖାନଙ୍କ ବୟାନକୁ ତୀବ୍ର ବିରୋଧ କରିଛନ୍ତି।

# ପ୍ରେମିକାର ବାପାଙ୍କୁ ଗୁଳି କଲେ ପ୍ରେମିକ

**ହାଇଦ୍ରାବାଦ, ୧୧।୧୧:** ପ୍ରେମ ସମ୍ପର୍କ ଭାଙ୍ଗିବା ପାଇଁ ଝିଅକୁ ବିଦେଶ ପଠାଇଦେଲା ବାପା। ବାସ୍ ଏତିକିରେ ରାଗିଗଲା ପ୍ରେମିକ। ଗାର୍ଲଫ୍ରେଣ୍ଡକୁ ବିଦେଶ ପଠାଇ ଦେବାରୁ ରାଗି ଯାଇ ତାଙ୍କ ବାପାଙ୍କ ଉପରକୁ କଲା ଗୁଳିମାଡ଼। ଏଭଳି କିଛି ଘଟଣା ଘଟିଛି ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ। ଏଠାକାର ଜଣେ ଯୁବକ ଗାର୍ଲଫ୍ରେଣ୍ଡର ବାପାଙ୍କ ଗୁଳିମାଡ଼ କରିଛି। ଏହି ମାମଲାରେ ପୁଲିସ ଜଣେ ୨୫ ବର୍ଷୀୟ ବଲବିନ୍ଦର ସିଂହଙ୍କୁ ଗିରଫ କରିଛି। ସୂଚନା ମୁତାବକ, ପ୍ରେମ ସମ୍ପର୍କ ବିଷୟରେ ଜାଣିବା ପରେ ଏହାକୁ ଭାଙ୍ଗିବା ପାଇଁ ବଲବିନ୍ଦରଙ୍କ ପ୍ରେମିକାଙ୍କୁ ତାଙ୍କ ବାପା ଆମେରିକା ପଠାଇ ଦେଇଥିଲେ। ଏହା ଜାଣିବା ପରେ ରାଗି ଯାଇଥିଲା ବଲବିନ୍ଦର। ରବିବାର ପ୍ରେମିକାର ବାପାଙ୍କୁ ଭେଟିବା ପାଇଁ ବଲବିନ୍ଦର ସେ ରହୁଥିବା ଆପାର୍ଟମେଣ୍ଟକୁ ଯାଇଥିଲା। ତେବେ ଗାର୍ଲଫ୍ରେଣ୍ଡର ବାପା ଓ ବଲବିନ୍ଦର ଭିତରେ ଏହାକୁ ନେଇ ବେଶ୍ ଯୁକ୍ତିତର୍କ ହୋଇଥିଲା। ପରେ ରାଗିଯାଇ ବଲବିନ୍ଦର ପ୍ରେମିକାର ବାପାଙ୍କ ଉପରକୁ ଗୋଟିଏ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ହେଲେ ୫୭ ବର୍ଷୀୟ ରେବନ୍ତ ଆନନ୍ଦ। ତାଙ୍କ ଆଖିରେ ଆଘାତ ଲାଗିଛି।

ବର୍ଷସାରା ବାଣ ଉପରେ କଟକଣା ରହୁ

# କୌଣସି ଧର୍ମ ପ୍ରଦୂଷଣକୁ ପ୍ରୋତ୍ସାହିତ କରେ ନାହିଁ



**ନୂଆଦିଲ୍ଲୀ, ୧୧।୧୧:** କୌଣସି ଧର୍ମ କେବେ ପରିବେଶ ପ୍ରଦୂଷଣକୁ ପ୍ରୋତ୍ସାହିତ କରେନାହିଁ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଦୀପାବଳୀରେ ବାଣ ଫୁଟାଯୋଗୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତିମାତ୍ରାରେ ବୃଦ୍ଧି ପାଇବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି। ଏହା ସହିତ ସମସ୍ୟାର ସ୍ଥାୟୀ ମୁକାବିଲା ନିମନ୍ତେ ଚଳିତ ମାସ ୨୫ ତାରିଖ ସୁଦ୍ଧା ଯୋଜନା ଚୁଡ଼ାନ୍ତ କରିବାକୁ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀରେ ବାଣ ଫୁଟାଇବା ଉପରେ ସ୍ଥାୟୀ କଟକଣା ଜାରି କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ ଅଭୟ ଏସ ଓକା ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମାସିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ଏକ ମାମଲାର ଶୁଣାଣୀ କରି କହିଛନ୍ତି ଯେ, ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରା ଏତେ ଅଧିକ ହୋଇଯାଇଛି ଯେ, ଏଠାରେ ନିଶ୍ୱାସ ନେବା କଷ୍ଟକର ହେଉଛି। ଏହା ମଣିଷର ଜୀବନ ପ୍ରତି ବିପଦ ସୃଷ୍ଟି କରିଛି ଯାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କେବଳ ଏ ବର୍ଷ, ଆରବର୍ଷ ନୁହେଁ, ସବୁଦିନ ପାଇଁ ଏହାର ସମାଧାନ ହେବା ଉଚିତ। ବାଣ ଫୁଟାଇବା ଉପରେ ସ୍ଥାୟୀ କଟକଣା ଜାରି ହେବା ଉଚିତ। ଚଳିତ ବର୍ଷ ଦୀପାବଳୀରେ ବାଣ ଫୁଟାଇବା ଉପରେ କଟକଣା ବହୁ ବିଳମ୍ବରେ ଘୋଷଣା ହେଲା। ଏହା ଦ୍ୱାରା ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ସମ୍ଭବ ହେଲାନି। ଅନେକ ଏ ସମ୍ପର୍କରେ ଅବଗତ ନଥିଲେ। ପୋଲିସ ଏ ସମ୍ପର୍କରେ ନିଜେ ଅଭିଯୋଗ କରିଛି। ଦୀପାବଳୀ ପରଦିନ ଦିଲ୍ଲୀରେ ବାୟୁ ପ୍ରଦୂଷଣ (ଏକ୍ୟୁଆଇ) ମାତ୍ର ୪୦୦ ଉପରକୁ ଯାଇଥିଲା। ଏହା ବିପଜ୍ଜନକ ବୋଲି ସୁପ୍ରିମକୋର୍ଟ କହିବା ସହିତ ଜନସ୍ୱାସ୍ଥ୍ୟ ସହ କୌଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ ବୋଲି କହିଛନ୍ତି। ବାଣରେ ଥିବା ରୟାୟନିକ ଅବଶିଷ୍ଟାଂଶ ବିଷାକ୍ତ ଧୂଆଁରେ ପରିଣତ ହୋଇ ଦିଲ୍ଲୀ ବାୟୁକୁ ପ୍ରବଳ ମାତ୍ରାରେ ପ୍ରଦୂଷଣ କରିଛି। ଏଥିପାଇଁ ସହରବାସୀଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ଚିନ୍ତା ପ୍ରକଟ କରି ଦିଲ୍ଲୀ ସରକାର ବାଣ ଉପରେ ସ୍ଥାୟୀ ନିଷେଧାଦେଶ ନେଇ ନିଷ୍ପତ୍ତି ନେବାକୁ କୋର୍ଟ ଦାବି କରିଛନ୍ତି। ଦିଲ୍ଲୀ ପୁଲିସ ଓ ଦିଲ୍ଲୀ ସରକାର କାହିଁକି ବାଣ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ବୋଲି ପ୍ରଶ୍ନ କରି ସୁପ୍ରିମକୋର୍ଟ ଗତ ସପ୍ତାହରେ ଏକ ନୋଟିସ ଜାରି କରିଥିଲେ। ଏହାର ଜବାବରେ ଆଜି ଦିଲ୍ଲୀ ପୁଲିସ ମୁଖ୍ୟ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଥିଲେ। ଯେଉଁଥିରେ ପଦକ୍ଷେପ ନିଆଯାଇଛି ବୋଲି ଉଲ୍ଲେଖ ଥିଲା। କିନ୍ତୁ ଏହା କେବଳ ଲୋକ ଦେଖାଣିଆ ବୋଲି କହି କୋର୍ଟ ଏହାକୁ ଭର୍ତ୍ସନା କରିଛନ୍ତି।

ଜାମ୍ମୁ-କାଶ୍ମୀରରେ ଆତଙ୍କବାଦ ବଢ଼ୁଛି

# ଚଳିତ ବର୍ଷ ୧୩ ଆତଙ୍କୀଙ୍କ ସମେତ ୪୪ ପ୍ରାଣ ହରାଇଲେଣି



**ନୂଆଦିଲ୍ଲୀ, ୧୧।୧୧:** ଧାରା ୩୭୦ ଉଚ୍ଛେଦ ପରେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦ ଅନେକାଂଶରେ ନିୟନ୍ତ୍ରିତ ହୋଇଯାଇଥିଲା। କିନ୍ତୁ ଚଳିତ ବର୍ଷ ଲୋକସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ରାଜ୍ୟରେ ଆତଙ୍କବାଦ ବଢ଼ିଚାଲିଛି। ପୂର୍ବରୁ ଆତଙ୍କବାଦ ମୁଖ୍ୟତଃ ରାଜୌରୀ ଏବଂ ପୁଞ୍ଚରେ ସୀମାବଦ୍ଧ ଥିଲା। କିନ୍ତୁ ଏବେ ଏହା ଆଉ ୬ ଜିଲ୍ଲାକୁ ସମ୍ପ୍ରସାରିତ ହୋଇଛି। ଚଳିତ ବର୍ଷ ଆତଙ୍କବାଦୀ ଓ ସୁରକ୍ଷା ବାହିନୀ ଅନେକ ଥର ମୁହାଁମୁହିଁ ହୋଇଛନ୍ତି। ଅନେକ ସ୍ଥାନରେ ଆତଙ୍କବାଦୀମାନେ ସାଧାରଣ ଲୋକଙ୍କୁ ଟାର୍ଗେଟ କରିଛନ୍ତି। ଏଥିରେ ମୋଟ ୪୪ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଅଛନ୍ତି ୧୩ ଆତଙ୍କବାଦୀ ଏବଂ ୧୮ ସୁରକ୍ଷା କର୍ମୀ। ଏହା ବ୍ୟତିତ ୧୪ଜଣ ସାଧାରଣ ନାଗରିକ ମଧ୍ୟ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି। ସୀମାବର୍ତ୍ତୀ ଜିଲ୍ଲା ରାଜୌରୀ ଏବଂ ପୁଞ୍ଚ ବ୍ୟତିତ ଡୋଡା, କିସ୍ତୱାରା, ରେଜି, କାଠୁଆ, ଉଧାମପୁର ଜିଲ୍ଲା ଏବଂ ଜାମ୍ମୁ ଅଞ୍ଚଳରେ ମଧ୍ୟ ଆତଙ୍କବାଦର ପ୍ରଭାବ ଅନୁଭବ କରାଯାଉଛି। ଏହା ସେନା ଏବଂ ରାଜ୍ୟ ପୋଲିସ ପାଇଁ ଏକପ୍ରକାର ଚାଲେଞ୍ଜ ସୃଷ୍ଟି କରିଛି। ନିକଟରେ ଡୋଡା, କାଠୁଆ ଏବଂ ରେଜି ଜିଲ୍ଲାରେ ୯ଜଣ ଲେଖାଏଁ ଆତଙ୍କବାଦର ଶିକାର ହୋଇଛନ୍ତି। ସେହିପରି କିସ୍ତୱାରରେ ୫ଜଣ, ଉଧାମପୁରରେ ୪ଜଣ, ଜାମ୍ମୁ ଏବଂ ରାଜୌରୀରେ ୩ଜଣ ଲେଖାଏଁ ଏବଂ ପୁଞ୍ଚରେ ୨ଜଣ ପ୍ରାଣ ହରାଇଛନ୍ତି। ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ସାଧାରଣ ନାଗରିକଙ୍କ ମଧ୍ୟରେ ଅଛନ୍ତି ୭ଜଣ ତୀର୍ଥଯାତ୍ରୀ। ଏହା ବ୍ୟତିତ ୩ଜଣ ଗ୍ରାମ ରକ୍ଷୀ ମଧ୍ୟ ଆତଙ୍କବାଦୀଙ୍କ ଗୁଳିର ଶିକାର ହୋଇଛନ୍ତି। କାଠୁଆ କେବଳ ୭ଜଣ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି। ୩୭୦ ଉଚ୍ଛେଦ ପରେ ୨୦୨୧ରୁ ଏବେ ସୁଦ୍ଧା ଜାମ୍ମୁ-କାଶ୍ମୀରରେ ୪୮ଜଣ ଆତଙ୍କବାଦୀ ଏବଂ ୪୭ଜଣ ସୁରକ୍ଷା କର୍ମୀ ପ୍ରାଣ ହରାଇଲେଣି।

'ଏକ ହୈ ତେ ସେଫ୍ ହୈ' ନାରା

# ବିରୋଧୀଙ୍କ ଟାର୍ଗେଟ୍‌ରେ ମୋଦୀ

**ମୁମ୍ବାଇ, ୧୧।୧୧:** ମହାରାଷ୍ଟ୍ର ନିର୍ବାଚନକୁ ନେଇ ରାଜନୀତି ସରଗରମ ରହିଛି। ନିର୍ବାଚନ ପୂର୍ବରୁ ସମସ୍ତ ରାଜନୈତିକ ଦଳ ମଧ୍ୟରେ ଆରମ୍ଭ ହୋଇଗଲାଣି ବାକ୍ ଯୁଦ୍ଧ ଓ ନାରାବାଜୀ। ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ 'ବଣ୍ଟେଙ୍ଗେ ତୋ କଟେଙ୍ଗେ'ର ସ୍ଲୋଗାନ ପରେ ପ୍ରଧାନମନ୍ତ୍ରୀ ମୋଦି ଏକ ହୈ ତୋ ସେଫ୍ ହୈ ସ୍ଲୋଗାନ ଦେଇଛନ୍ତି। ମହାରାଷ୍ଟ୍ରର ଖବରକାଗଜରେ ଏହି ସ୍ଲୋଗାନ ସହ ଜଡିତ ଏକ ବିଜ୍ଞାପନ ମଧ୍ୟ ସୋମବାର ବିଜେପି ପ୍ରକାଶ କରିଛି। ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ବିଡରେ ଆୟୋଜିତ ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସ୍ଲୋଗାନ ଦେଇଥିଲେ। ଏହି ସ୍ଲୋଗନ୍ ଜରିଆରେ ବିଜେପି ତା'ର ବିଧାନସଭା ନିର୍ବାଚନ ପ୍ରଚାରକୁ ବୃଦ୍ଧି କରିଛି। ତେବେ ବିଜେପିର ଏହି ସ୍ଲୋଗାନ୍‌କୁ କଂଗ୍ରେସ ସମେତ ଅନ୍ୟ ଦଳଗୁଡ଼ିକ କଡ଼ା ସମାଲୋଚନା କରିଛନ୍ତି। ମୋଦିଙ୍କ ଏହି ନାରାକୁ କଂଗ୍ରେସ ଓ କିଛି ବିରୋଧୀ ଦଳ ବିରୋଧ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବିଜେପି ଭୟ ଏବଂ ଅସୁରକ୍ଷିତତାର ଫାଇଦା ଉଠାଇବାକୁ ଚାହୁଁଛି, ଯାହା ସାମାଜିକ ଧ୍ରୁବିକରଣକୁ ଆହୁରି ଗଭୀର କରିପାରେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡ଼ଗେ କହିଛନ୍ତି ଯେ ଦେଶ ପାଇଁ ପ୍ରକୃତ ବିପଦ ହେଉଛି ବିଜେପି ଏବଂ ଆର୍‌ଏସ୍‌ଏସ୍। ନିକଟରେ ମହାରାଷ୍ଟ୍ରର ଧୁଲେରେ ଏକ ନିର୍ବାଚନ ରାଲିରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସକୁ ଟାର୍ଗେଟ କରିଥିଲେ। କଂଗ୍ରେସର ଏକମାତ୍ର ଏଜେଣ୍ଡା ହେଉଛି ଗୋଟିଏ ଜାତି, ଧର୍ମ ବା ସମ୍ପ୍ରଦାୟକୁ ଅନ୍ୟ ବିରୋଧରେ ଉସକାଇବା। ସେମାନେ ଚାହାଁନ୍ତି ନାହିଁ ଯେ SC, ST ଏବଂ OBC ଆଗକୁ ବଢ଼ନ୍ତୁ ଏବଂ ଉପଯୁକ୍ତ ମାନ୍ୟତା ପାଆନ୍ତୁ। ମନେରଖନ୍ତୁ, ଏକାଠି ରହିଲେ ହିଁ ସୁରକ୍ଷିତ ରହିବ ବୋଲି କହିଥିଲେ।

# ମହାରାଷ୍ଟ୍ରରେ କଂଗ୍ରେସରୁ ୨୨ ନେତା ସସ୍‌ପେଣ୍ଡ୍

**ମୁମ୍ବାଇ, ୧୧।୧୧:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ଆକ୍ସନ ମୁଡ୍‌ରେ କଂଗ୍ରେସ। ବିଦ୍ରୋହୀ ନେତାଙ୍କ ବିରୋଧରେ ଆରମ୍ଭ କରିଛି କଠୋର କାର୍ଯ୍ୟାନୁଷ୍ଠାନ। ୨୨ ବିଦ୍ରୋହୀ ନେତାଙ୍କୁ ହାତ ଦେଖାଇଲା ବାହାରର ରାସ୍ତା। ଦଳ ବିରୋଧରେ ବିଦ୍ରୋହ କରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୨୨ ନେତାଙ୍କୁ କଂଗ୍ରେସ ନିଲମ୍ବିତ କରିଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଏହି ନେତାମାନଙ୍କୁ ୬ ବର୍ଷ ପାଇଁ ନିଲମ୍ବିତ କରାଯାଇଛି। ପ୍ରକୃତରେ ଆସନ୍ତା ୨୦ ତାରିଖରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ପଡ଼ିବ ଭୋଟ୍। ତେବେ ଏହା ପୂର୍ବରୁ ବିଦ୍ରୋହୀ ନେତାମାନେ କଂଗ୍ରେସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ଜଣାପଡିଛି। ଦଳରୁ ବହିଷ୍କୃତ ହୋଇଥିବା ୨୨ ନେତା ଆସନ୍ତା ବିଧାନସଭା ନିର୍ବାଚନରେ ମହା ବିକାଶ ଆଗାଡି (ଏମ୍‌ଭିଏ)ଙ୍କ ପ୍ରାର୍ଥୀଙ୍କ ବିରୋଧରେ ହିଁ ମୈଦାନକୁ ଓହ୍ଲାଇଛନ୍ତି। କଂଗ୍ରେସରୁ ବହିଷ୍କୃତ ହୋଇଥିବା ନେତାଙ୍କ ମଧ୍ୟରେ ଅନେକ ବଡ଼ ବଡ଼ ନେତା ସାମିଲ ଅଛନ୍ତି। ଏଥିରେ ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ମୁଲକ (ରାମଟେକ ନିର୍ବାଚନମଣ୍ଡଳୀ), ଯାଜ୍ଞଭଲ୍କ ଜିଚକର (କାଟୋଲ), କମଲ ବ୍ୟବହାରେ (କସବା), ମନୋଜ ସିନ୍ଦେ (କୋପ୍ରି ପାଚପଖାଡି) ଏବଂ ଆବା ବାଗୁଲ (ପାର୍ବତୀ) ସାମିଲ ଅଛନ୍ତି। ବିଦ୍ରୋହୀମାନଙ୍କ ଉପରେ ଅଲ ଇଣ୍ଡିଆ କଂଗ୍ରେସ କମିଟିର ଦାୟିତ୍ୱରେ ଥିବା ରମେଶ ଚେନ୍ନାଥାଲାଙ୍କ ନିର୍ଦ୍ଦେଶରେ ଏହି ନିଷ୍ପତ୍ତି ନିଆଯାଇଥିବା କଂଗ୍ରେସ କହିଛି। ସୂଚନାଯୋଗ୍ୟ, ଆସନ୍ତା ନଭେମ୍ବର ୨୦ ତାରିଖରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ। ମହାରାଷ୍ଟ୍ର, ଝାଡ଼ଖଣ୍ଡ ଓ ଅନ୍ୟାନ୍ୟ ଉପ-ନିର୍ବାଚନର ଫଳାଫଳ ୨୩ ନଭେମ୍ବରରେ ଘୋଷଣା କରାଯିବ। ବର୍ତ୍ତମାନ ମହାରାଷ୍ଟ୍ରରେ ଦୁଇଟି ମୁଖ୍ୟ ମିଳିତ ମଞ୍ଚ ମଧ୍ୟରେ ଲେଢ଼ଇ ଚାଲିଛି ଯେଉଁଥିରେ ଏମ୍‌ଭିଏ ଏବଂ ମହାଯୁତି ସାମିଲ ଅଛି। ମହାଯୁତି ରେ ବିଜେପି, ଶିବସେନା (ଏକନାଥ ସିନ୍ଦେ) ଏବଂ ଏନସିପି (ଅଜିତ ପାୱାର) ଅଛନ୍ତି।

# ସଲମାନ ଓ ଶାହାରୁଖଙ୍କ ପରେ ମିଥୁନଙ୍କୁ ଧମକ



**ମୁମ୍ବାଇ, ୧୧।୧୧:** ଅଭିନେତା ସଲମାନ ଖାନ୍ ଓ ଶାହରୁଖ ଖାନ୍‌ଙ୍କ ପରେ ଏବେ ବଲିଉଡ ଅଭିନେତା ତଥା ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ମିଳିଛି ଧମକ। ତାଙ୍କୁ ଖୋଲାଖୋଲି ଭାବେ ଧମକ ଦେଇଛି ପାକିସ୍ତାନର ଡନ୍। ସୋସିଆଲ ମିଡିଆରେ ଏକ ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ ଦୁବାଇରେ ବସିଥିବା ଜଣେ ପାକିସ୍ତାନୀ ଡନ୍ ଶହଜାଦ ଭଟ୍ଟୀ ୧୫ ଦିନ ଭିତରେ ତୁରନ୍ତ କ୍ଷମା ମାଗନ୍ତୁ ବୋଲି ମିଥୁନଙ୍କୁ ଧମକ ଦେଇଛନ୍ତି।

ଦୁବାଇରେ ଥିବା ପାକିସ୍ତାନୀ ଡନ୍ ଶହଜାଦ ଭଟ୍ଟୀର ଦୁଇଟି ଭିଡିଓ ଜାରି କରିଛି। ଯେଉଁଥିରେ ସେ ନିକଟରେ ମିଥୁନ ଚକ୍ରବର୍ତ୍ତୀ ଦେଇଥିବା ଏକ ବୟାନକୁ ନେଇ ଧମକ ଦେଉଥିବା ଦେଖିବାକୁ ମିଳିଛି। ୧୦-୧୫ ଦିନ ମଧ୍ୟରେ ଆପଣଙ୍କ କ୍ଷମା ମାଗନ୍ତୁ। କ୍ଷମା ମାଗିବା ଆପଣଙ୍କ ପାଇଁ ଭଲ। ଯଦି ଏଭଳି ନକରନ୍ତି ତେବେ ଆପଣଙ୍କୁ ପସ୍ତେଇବାକୁ ପଡିବ। ପାକିସ୍ତାନୀ ଡନ୍ ଶହଜାଦ ଭଟ୍ଟୀର ଏହି ଧମକପୂର୍ଣ୍ଣ ଭିଡିଓ ବର୍ତ୍ତମାନ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ଗତ ମାସରେ ମିଥୁନ ଚକ୍ରବର୍ତ୍ତୀ ଉତ୍ତର ୨୪ ପରଗନା ଜିଲ୍ଲାରେ ଏକ ଦଳୀୟ କାର୍ଯ୍ୟକ୍ରମ ଯୋଗ ଦେଇଥିଲେ। ଏହି ସମୟରେ ସେ ଏକ ହେଟ୍ ସ୍ପିଚ୍ ଦେଇଥିବାର ଅଭିଯୋଗ ହୋଇଥିଲା। ଏହା ପରେ ହିଁ ହଙ୍ଗାମା ହୋଇଥିଲା। ବାସ୍ତବରେ, ଏହା ପରେ ମିଥୁନଙ୍କ ବିରୋଧରେ ଏକ ଏଫଆଇଆର ମଧ୍ୟ ରୁଜୁ କରାଯାଇଥିଲା। ନିଜ ଭାଷଣ ସେ କହିଥିଲେ ଯେ, 'ଆଜି ମୁଁ ଜଣେ ଅଭିନେତା ନୁହେଁ ବରଂ ୭୦ଦଶକର ମିଥୁନ ଚକ୍ରବର୍ତ୍ତୀ ଭାବରେ କହୁଛି । ସେ କହିଛନ୍ତି ଯେ ରାଜନୀତିର କୌଶଳ ମୋ ପାଇଁ ନୂଆ ନୁହେଁ କାରଣ ମୁଁ ରକ୍ତ ରାଜନୀତି କରିସାରିଛି। ମୁଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ମଧ୍ୟ କହିଛି ଯେ ଏଥିପାଇଁ ଯାହା ଦରକାର ତାହା କରିବି। ଏଠାରେ ଜଣେ ନେତା କହିଥିଲେ ଯେ ହିନ୍ଦୁମାନଙ୍କୁ କାଟିକି ଭାଗୀରଥୀରେ ଫିଙ୍ଗୁ ଦେବୁ, କିନ୍ତୁ ମୁଁ ଭାବିଲି ଏହାକୁ ନେଇ ମୁଖ୍ୟମନ୍ତ୍ରୀ କିଛି କହିବେ, କିନ୍ତୁ କିଛି ହେଲା ନାହିଁ ଏବଂ ବର୍ତ୍ତମାନ ମୁଁ କହୁଛି ମୁଁ ତୁମକୁ ତୁମ ଦେଶରେ ପୋତି ଦେବି।' ସୂଚନାଯୋଗ୍ୟ ଯେ ଗତ କିଛି ଦିନ ହେବ ସଲମାନ ଖାନ କ୍ରମାଗତ ଧମକ ଦେଉଛନ୍ତି। ସଲମାନଙ୍କ ପରେ ନିକଟରେ ଶାହାରୁଖ ଖାନଙ୍କୁ ମଧ୍ୟ ଧମକ ମିଳିଥିଲା । ବର୍ତ୍ତମାନ ମିଥୁନଙ୍କ ନାମ ମଧ୍ୟ ଏହି ତାଲିକାରେ ଯୋଡି ହୋଇଛି। ତେବେ ଏହି ଧମକକୁ ନେଇ ମିଥୁନଙ୍କ ତରଫରୁ କୌଣସି ପ୍ରତିକ୍ରିୟା ଆସିନାହିଁ।

ସିଦ୍ଧରମୈୟାଙ୍କ ଘୋଷଣା

# ଦୋଷ ପ୍ରମାଣିତ ହେଲେ ସନ୍ନ୍ୟାସ



**ବେଙ୍ଗାଲୁରୁ, ୧୧।୧୧:** 'ଯଦି ଦୋଷ ପ୍ରମାଣିତ ହୁଏ ତେବେ ରାଜନୀତିରୁ ସନ୍ନ୍ୟାସ ନେଇ ଯିବି।' ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବକାରୀ ବିଭାଗକୁ ନେଇ କରାଯାଇଥିବା ଅଭିଯୋଗରେ ଏଭଳି କିଛି ଜବାବ ଦେଇଛନ୍ତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଅକୋଲା ଠାରେ ଏକ ନିର୍ବାଚନ ରାଲିରେ ଯୋଗ ଦେଇଥିଲେ। ଏଠାରେ ସେ କର୍ଣ୍ଣାଟକର କଂଗ୍ରେସ ସରକାର ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଥିଲେ। ରାଜ୍ୟର ମଦ ବ୍ୟବସାୟୀଙ୍କଠାରୁ ୭୦୦ କୋଟି ଟଙ୍କା ସଂଗ୍ରହ କରି ପ୍ରଦେଶ କଂଗ୍ରେସ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଖର୍ଚ୍ଚ ପାଇଁ ପଠାଇଥିବା ଅଭିଯୋଗ କରିଥିଲେ। ମୋଦି କହିଥିଲେ ଯେ ଯେଉଁଠାରେ କଂଗ୍ରେସ ସରକାର ଥାଆନ୍ତି, ଏହା ରାଜ୍ୟ ଦଳ ତଥା ରାଜ ପରିବାର (ଗାନ୍ଧୀ ପରିବାର) ପାଇଁ ଏଟିଏମ ପାଲଟିଯାଏ। ଆଜିକାଲି କର୍ଣ୍ଣାଟକ, ହିମାଚଳ ପ୍ରଦେଶ ଏବଂ ତେଲେଙ୍ଗାନା ତାଙ୍କ ଏଟିଏମରେ ପରିଣତ ହୋଇଛି। ତେଣୁ ନିର୍ବାଚନ ଜିତିଲେ କଂଗ୍ରେସ କେତେ ଲୁଟିବ ତାହା କଳ୍ପନା କରନ୍ତୁ ବୋଲି ମୋଦି କହିଥିଲେ। ମୋଦିଙ୍କ ଏହି ଅଭିଯୋଗର କଡ଼ା ଜବାବ ଦେଇଛନ୍ତି ସିଦ୍ଧରମୈୟା। ସେ କହିଛନ୍ତି ଯେ, 'ପ୍ରଧାନମନ୍ତ୍ରୀ ମୋଦିଙ୍କ ମିଛ କହିବା କିଛି ନୂଆ କଥା ନୁହେଁ। ମୋଦିଙ୍କ ଅନୁଯାୟୀ କର୍ଣ୍ଣାଟକର ଏକ୍ସାଇଜ୍ ବିଭାଗ ମହାରାଷ୍ଟ୍ର ନିର୍ବାଚନ ପାଇଁ ୭୦୦ କୋଟି ଟଙ୍କା ପଠାଇଛି। ତେବେ ଅବକାରୀ ବିଭାଗ କେଉଁଠାରୁ ୭୦୦ କୋଟି ଟଙ୍କା ପାଇବ? ଯଦି ଏହି ଦୋଷ ପ୍ରମାଣିତ ହୋଇଯାଏ ତେବେ ମୁଁ ରାଜନୀତିରୁ ସନ୍ନ୍ୟାସ ନେଇ ଯିବି। କିନ୍ତୁ ଯଦି ଏହି ଅଭିଯୋଗ ପ୍ରମାଣିତ ନହୁଏ, ତେବେ ମୋଦି ଅବସର ନେଇଯିବା ଉଚିତ ବୋଲି ସିଦ୍ଧରମୈୟା କହିଛନ୍ତି। ଗତକାଲି ମଧ୍ୟ ସମାନ ପ୍ରସଙ୍ଗରେ ସିଦ୍ଧରମୈୟା ଟ୍ୱିଟ୍ କରିଥିଲେ।

ବାବା ସିଦ୍ଦିକି ହତ୍ୟାକାରୀର ଉଦ୍ଦେଶ୍ୟ

# ଭାଇର ପଢ଼ା ଓ ଭଉଣୀ ବାହାଘର ପାଇଁ ସୁଟ୍ କରିଥିଲା

**ମୁମ୍ବାଇ, ୧୧।୧୧:** ବରିଷ୍ଠ ରାଜନେତା ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକିଙ୍କୁ ଗୁଳିମାଡ଼ କରିଥିବା ମୁଖ୍ୟ ଅଭିଯୁକ୍ତ ୨୨ ବର୍ଷୀୟ ଶିବ କୁମାର ଗୌତମକୁ ପୁଲିସ୍ ରବିବାର ଗିରଫ କରିଛି। ଗିରଫ ପରେ ଜଣାପଡ଼ିଛି ଯେ ଶିବ କୁମାର ହେଉଛି ଜଣେ କବାଡିଆ। ସେ ଉତ୍ତର ପ୍ରଦେଶ ଦେଇ ନେପାଳ ଚାଲି ଯିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ୍ ତା'କୁ ଗିରଫ କରିଥିଲା। ଏବେ ତଦନ୍ତରୁ ଜଣାପଡ଼ିଛି ଯେ ଶିବ କୁମାର କବାଡିଆ ଭାବେ କାମ କରୁଥିଲେ ହେଁ ପରିବାର ଚଳାଇବା ତା' ପାଇଁ କଷ୍ଟକର ଥିଲା। ପରିବାର ସହ ଦୁଇ ସାନ ଭାଇଙ୍କ ପାଠ ପଢ଼ା ପାଇଁ ଟଙ୍କା ଆବଶ୍ୟକ ପଡ଼ିବାରୁ ସେ ଅପରାଧ ଦୁନିଆରେ ପାଦ ରଖିଥିଲା। ବାବା ସିଦ୍ଦିକିଙ୍କୁ ହତ୍ୟା କରିବା ପୂର୍ବରୁ ଶିବ କୁମାର ନାଁରେ କୌଣସି ଅପରାଧିକ ମାମଲା ନଥିଲା। ଉତ୍ତର ପ୍ରଦେଶର ଏସ୍‌ଟିଏଫ କହିଛି ଯେ ଶିବ କୁମାରର ଦୁଇ ସାନ ଭାଇ(ବୟସ ୧୧ ଓ ୭) ସ୍ଥାନୀୟ ସ୍କୁଲରେ ପଢ଼ନ୍ତି। ସେମାନଙ୍କୁ ଠିକ ଭାବେ ପାଠ ପଢ଼ାଇବା ପାଇଁ ଶିବ କୁମାର ପାଖରେ ଟଙ୍କା ନଥିଲା। ସେହିପରି ଦୁଇ ଭଉଣୀ (ବୟସ ୧୫ ଓ ୧୬)ଙ୍କ ବାହାଘର କରିବାକୁ ମଧ୍ୟ ଶିବ କୁମାର ଚାହୁଁଥିଲା। ଏଥିପାଇଁ ମଧ୍ୟ ତା'କୁ ଟଙ୍କାର ଆବଶ୍ୟକ ରହିଥିଲା। ତା' ବାପା ବାଲ କିଶୁନ ଜଣେ ଚାଷୀ।

ଶିବ କୁମାରଙ୍କୁ ଜେରା କରିବା ବେଳେ ପୁଲିସ୍ ଜାଣିବାକୁ ପାଇଛି ଯେ ସେ ନିଜ ପରିବାରକୁ ଆର୍ଥିକ ସ୍ତରରେ ସହାୟତା କରିବାକୁ ଚାହୁଁଥିଲା। ଏଥିପାଇଁ ସେ ୪ ବର୍ଷ ତଳେ କାମ ଅନ୍ୱେଷଣରେ ପୁଣେ ଚାଲି ଯାଇଥିଲା। ସେଠାରେ କାମ କରୁଥିବା ବେଳେ ୨ ମାସ ତଳେ ତା'ର ଦେଖା ଗାଁର ଅନ୍ୟତମ କବାଡିଆ ଧର୍ମରାଜ କଶ୍ୟପ ସହ ହୋଇଥିଲା। ଧର୍ମରାଜ କିଛି ଦିନ ପରେ ଶୁଭମ ଲୋନକର ଜରିଆରେ ଶିବ କୁମାରକୁ ଲରେନ୍ସ ଗ୍ୟାଙ୍ଗର ସଦସ୍ୟମାନଙ୍କ ସହ ପରିଚିତ କରାଇଥିଲା। ଶିବ କୁମାର ସ୍ନାପଚାଟ ଜରିଆରେ ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ବିଷ୍ଣୋଇକୁ ଯୋଗାଯୋଗ କରିଥିଲା। ଅନମୋଲ ହିଁ ବାବା ସିଦ୍ଦିକିଙ୍କୁ ହତ୍ୟା କଲେ ୧୦ ଲକ୍ଷ ଟଙ୍କା ଦିଆଯିବ ବୋଲି ଶିବ କୁମାରକୁ ପ୍ରତିଶ୍ରୁତି ଦେଇଥିଲା। ଟଙ୍କା କଥା ଶୁଣି ଶିବ କୁମାର ହତ୍ୟା କରିବାକୁ ରାଜି ହୋଇଯାଇଥିଲା। ହତ୍ୟାକାଣ୍ଡ ପୂର୍ବରୁ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ଶିବ କୁମାରକୁ ୯ଏମଏମ ବନ୍ଧୁକ ଦିଆଯାଇଥିଲା। ଏଥିରୁ କେମିତି ଗୁଳି କରାଯିବ, ତା'ର ତାଲିମ ମଧ୍ୟ ଶିବ କୁମାର ପାଇଥିଲା। ୟୁଟ୍ୟୁବରୁ ମଧ୍ୟ ସେ କିଛି ଭିଡିଓ ଦେଖି ବନ୍ଧୁକ ଚାଳନା ଶିଖିଥିଲା। ଏସଟିଏଫ କହିଛି ଯେ "ଶିବ କୁମାର ବେଶ ଭଲ ଭାବେ ତାଲିମ ପାଇଥିଲା। ସେ ନିର୍ଦ୍ଦିଷ୍ଟ ସ୍ଥାନକୁ ବେଶ ନିୟନ୍ତ୍ରଣର ସହ ଗୁଳି ଚଳାଉଥିଲା। ଏଥିପାଇଁ ବାବା ସିଦ୍ଦିକିଙ୍କୁ ହତ୍ୟା କରିବା ପାଇଁ ଶିବ କୁମାରଙ୍କୁ ମୁଖ୍ୟ ଶୁଟର ଭାବେ ଚୟନ କରାଯାଇଥିଲା। ତା'କୁ ସହାୟତା କରିବା ପାଇଁ ଧର୍ମରାଜ ଓ ଗୁରମାଳି ସିଂହକୁ କୁହାଯାଇଥିଲା।

୩ ଜଣ ଯାକ ପ୍ରାୟ ୨ ମାସ ଧରି ସିଦ୍ଦିକିଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଇନଷ୍ଟାଗ୍ରାମ ଦ୍ୱାରା ପୂରା ଅପରେସନକୁ ପରିଚାଳନା କରାଯାଇଥିଲା। ଘଟଣା ଦିନ ସିଦ୍ଦିକିଙ୍କୁ ଶିବ କୁମାର ମୋଟ ୬ଟି ଗୁଳି ମାରିଥିଲା। ଏହା ମଧ୍ୟରୁ ୩ଟି ତାଙ୍କ ଦେହରେ ବାଜିଥିଲା। ଗୁଳିମାଡ଼ କରିବା ପରେ ଶିବ କୁମାର ବନ୍ଧୁକ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା।" ବିଷ୍ଣୋଇ ଗ୍ୟାଙ୍ଗ ପୂରା ଯୋଜନାକୁ କାର୍ଯ୍ୟକାରୀ କରିଥିଲା। ଏପରି କି ଶିବ କୁମାରକୁ ଗ୍ୟାଙ୍ଗ ପକ୍ଷରୁ ୨ଟି ସିମ କାର୍ଡ ମଧ୍ୟ ଦିଆଯାଇଥିଲା। ଗୋଟିଏ ସେ ଘଟଣା ପୂର୍ବରୁ ଓ ଆଉ ଗୋଟିଏକୁ ଘଟଣା ପରେ ବ୍ୟବହାର କରୁଥିଲା। ହତ୍ୟାକାଣ୍ଡ ପାଇଁ ଶିବ କୁମାରକୁ ଆଗୁଆ ୨୫ ହଜାର ଟଙ୍କା ମିଳିଥିଲା। ଘଟଣା ପରେ ପୁଲିସ ଗିରଫଦାରୀରୁ ବର୍ତ୍ତିବା ପାଇଁ ଶିବ କୁମାର ପ୍ରଥମେ ଝାନସୀ ପରେ ଦିଲ୍ଲୀ ଯାଇଥିଲା। ସେ ହିମାଚଳ ପ୍ରଦେଶରେ କିଛି ଦିନ ରହିଥିଲା। ସେଠାରେ ସେ ୟୁପି ଦେଇ ନେପାଳ ଯିବାର ଥିଲା। କିନ୍ତୁ ମୁମ୍ବାଇ ପୁଲିସ୍ ୟୁପି ଏସଟିଏଫ ଜରିଆରେ ତା'କୁ ଗିରଫ କରିବାକୁ ସକ୍ଷମ ହୋଇଛି।



### ଭାରତୀୟ ଟିମର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଘୋଷଣା

# ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଅଧିନାୟକ ହେବେ ଯଶପ୍ରୀତି ବୁମ୍‌ରା

**ମୁମ୍ବାଇ, ୧୧।୧୧:** ନଭେମ୍ବର ୨୨ରୁ ଆରମ୍ଭ ହେଉଥିବା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମା ଅନୁପସ୍ଥିତ ରହି ପାରନ୍ତି। ଯଦି ରୋହିତ ପର୍ଥ ଟେଷ୍ଟରେ ଉପଲବ୍ଧ ନ ହେବେ, ତା'ହେଲେ ଯଶପ୍ରୀତ ବୁମ୍ରା ଭାରତୀୟ ଟିମର ନେତୃତ୍ୱ ନେବେ। ଭାରତୀୟ ଟିମର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଆଜି ଏକଥାକୁ ନିଶ୍ଚିତ କରିଛନ୍ତି।

ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀର କହିଛନ୍ତି, "ବୁମ୍ରା ହେଉଛନ୍ତି ଭାରତୀୟ ଟେଷ୍ଟ ଟିମର ଉପ ଅଧିନାୟକ। ଯଦି ରୋହିତ ଉପଲବ୍ଧ ନ ହେବେ, ତା'ହେଲେ ବୁମ୍ରା ପର୍ଥରେ ଭାରତୀୟ ଟିମର ନେତୃତ୍ୱ ନେବେ।" ବର୍ଡର ଗାଭାସ୍କର ଟ୍ରଫି ପାଇଁ ପ୍ରଥମ ଦଫାରେ କିଛି ଖେଳାଳି ରବିବାର ଠାରୁ ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି। ଦ୍ୱିତୀୟ ଦଫାରେ ଗମ୍ଭୀରଙ୍କ ସହ ଅନ୍ୟମାନେ ଆଜି ଠାରୁ ଅଷ୍ଟ୍ରେଲିଆ ଗସ୍ତ କରିବେ। ତେବେ ରୋହିତ ଶର୍ମା




ଏବେ ଅଷ୍ଟ୍ରେଲିଆ ଗସ୍ତ କରିବେ ନାହିଁ। ବ୍ୟକ୍ତିଗତ କାରଣ ପାଇଁ ସେ ପ୍ରଥମ ଟେଷ୍ଟ ଖେଳି ନ ପାରନ୍ତି। କିନ୍ତୁ ମୁଖ୍ୟ କୋଚ ଗମ୍ଭୀର ଏଯାଏ ତାଙ୍କ ଅନୁପସ୍ଥିତିକୁ ନିଶ୍ଚିତ କରି ନାହାନ୍ତି। ସେ କହିଛନ୍ତି, "ରୋହିତଙ୍କୁ ନେଇ ଏବେ କି କିଛି ନିଶ୍ଚିତ ହୋଇନି। ଆମା ଆଶା ସେ ଖେଳିବେ। ସିରିଜର ଠିକ ପୂର୍ବରୁ ଆମେ ଏକଥା ଆପଣମାନଙ୍କୁ ଜଣାଇ ଦେବୁ।"

ରୋହିତଙ୍କ ବିକଳ୍ପ ପାଇଁ ମ୍ୟାନେଜମେଣ୍ଟ ବ୍ୟାକଅପ ପ୍ଲାନ ପ୍ରସ୍ତୁତ କରି ରଖିଛି। ଗମ୍ଭୀର ମଧ୍ୟ ଏକଥାକୁ ଦୋହରାଇଛନ୍ତି। ରୋହିତ ଉପଲବ୍ଧ ନ ହେଲେ ଅଭିମନ୍ୟୁ ଈଶ୍ୱରନ କିମ୍ବା କେଏଲ ରାହୁଲ ଅଷ୍ଟ୍ରେଲିଆରେ ଭାରତ ପାଇଁ ଯଶସ୍ୱୀ ଜୈସୱାଲଙ୍କ ସହ ଇନିଂସ ଆରମ୍ଭ କରିବେ। ଗମ୍ଭୀର କହିଛନ୍ତି, "ଆମ ପାଖରେ ଅଭିମନ୍ୟୁ ଈଶ୍ୱରନ ଓ କେଏଲ ରାହୁଲଙ୍କ ଭଳି ଖେଳାଳି ସ୍କ୍ୱାଡରେ ରହିଛନ୍ତି। ତେଣୁ ଆମେ ଶ୍ରେଷ୍ଠ ଏକାଦଶ ଚୟନ କରିବୁ। ପ୍ରଥମ ଟେଷ୍ଟ ପୂର୍ବରୁ ଏହା ଉପରେ ନିଷ୍ପତ୍ତି ହେବ।"

## ଅଷ୍ଟ୍ରେଲିଆ ନିଜ ଇଚ୍ଛାରେ ପିଚ୍ ପ୍ରସ୍ତୁତ କରୁ: ଗୌତମ ଗମ୍ଭୀର

**ମୁମ୍ବାଇ, ୧୧।୧୧:** ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ପୂର୍ବରୁ ଅଷ୍ଟ୍ରେଲିଆକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଟିମ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର। ନଭେମ୍ବର ୨୨ରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ଟିକିଆ ଟେଷ୍ଟ ସିରିଜ ଆରମ୍ଭ ହେବ। ଏଥିପାଇଁ କିଛି ଖେଳାଳି ରବିବାର ଠାରୁ ଅଷ୍ଟ୍ରେଲିଆ ଯାଇଥିବା ବେଳେ ଆଜି ଗମ୍ଭୀର ଓ ଅନ୍ୟମାନେ ଉଡ଼ାଣ ଭରିବେ। ଏହାପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀର ସିଧାସଳଖ ପିଚ୍‌କୁ ନେଇ ଅଷ୍ଟ୍ରେଲିଆକୁ ଚ୍ୟାଲେଞ୍ଜ ଦେଇଛନ୍ତି। ଅଷ୍ଟ୍ରେଲିଆ ତା' ନିଜ ଇଚ୍ଛାରେ ପିଚ୍ ପ୍ରସ୍ତୁତ କରୁ। ଭାରତୀୟ ଖେଳାଳିମାନେ ବେଶ ଭଲ ଭାବେ ସବୁ ପ୍ରକାରର ୱିକେଟ୍‌କୁ କାଉଣ୍ଟର କରିବାର କଳା ଶିଖିଛନ୍ତି ବୋଲି ଗମ୍ଭୀର କହିଛନ୍ତି। ଗମ୍ଭୀର କହିଛନ୍ତି, "ଅଷ୍ଟ୍ରେଲିଆ ପକ୍ଷରୁ ପ୍ରସ୍ତୁତ ହେବାକୁ ଥିବା ପିଚକୁ ମୁକାବିଲା କରିବା ପାଇଁ ଭାରତୀୟ ଖେଳାଳି ନିଜକୁ ପ୍ରସ୍ତୁତ କରିଛନ୍ତି। ଆମେ ୱିକେଟକୁ ନିୟନ୍ତ୍ରଣ କରିପାରିବୁ ନାହିଁ। ଆମେ ସବୁ ପ୍ରକାରର ୱିକେଟ ପାଇଁ ପ୍ରସ୍ତୁତ। ସେମାନେ ନିଜ ଇଚ୍ଛାରେ ଆମକୁ କ'ଣ ଦେବାକୁ ଚାହୁଁଛନ୍ତି, ତା'ର ନିଷ୍ପତ୍ତି ନେବେ। ଆମେ ସବୁ ପ୍ରକାରର ପରିବେଶକୁ ମୁକାବିଲା କରିବା ପାଇଁ ମାନସିକସ୍ତରରେ ପ୍ରସ୍ତୁତ ହୋଇ ରହିଛୁ। ଯଦି ଆମେ ଆମ ଦକ୍ଷତାର ସହ କ୍ରିକେଟ ଖେଳିବୁ, ତା'ହେଲେ ସେମାନଙ୍କୁ ହରାଇ ପାରିବୁ।" ଭାରତୀୟ ଟିମର ଖେଳାଳିମାନେ ପ୍ରଥମ ଟେଷ୍ଟର ପ୍ରାୟ ୧୦ ଦିନ ପୂର୍ବରୁ ଅଷ୍ଟ୍ରେଲିଆରେ ପହଞ୍ଚିବେ। ଏହି ସମୟରେ ପର୍ଥର ପରିବେଶ ଓ ପିଚ ସହ ଖେଳାଳିମାନେ ନିଜକୁ ଖାପଖୁଆଇ ପାରିବେ। ଭାରତୀୟ ଟିମ ନିକଟରେ ଘରୋଇ ମାଟିରେ ନ୍ୟୁଜିଲ୍ୟାଣ୍ଡ ଠାରୁ ୦-୩ରେ ହାରିଥିଲା। ଏହାକୁ ନେଇ କୋଚ ଗମ୍ଭୀର ଓ ଖେଳାଳିମାନେ ଅତିରିକ୍ତ ଚାପରେ ରହିଛନ୍ତି।

ଗମ୍ଭୀର କହିଛନ୍ତି, "ଯଦି ୧୦ ଦିନ ମଧ୍ୟରେ ଆମେ ଭଲ ଭାବେ ପ୍ରସ୍ତୁତି କରିବୁ। ତା'ହେଲେ ନିଶ୍ଚିତ ଭାବେ ଭଲ ପ୍ରଦର୍ଶନ କରିପାରିବୁ। ଅଷ୍ଟ୍ରେଲିଆରେ ଏକାଧିକ ଥର ଖେଳିଥିବା ଅଭିଜ୍ଞ ଖେଳାଳିମାନେ ଆମ ସହ ରହିଛନ୍ତି। ତେଣୁ ସେମାନଙ୍କ ଅଭିଜ୍ଞତା ଆମକୁ ଫାଇଦା ଦେବ। ଯୁବ ଖେଳାଳିମାନେ ମଧ୍ୟ ଏଥିରୁ ଲାଭ ପାଇପାରିବେ।"

### ଗଣୁଆଁ ନକଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଜିତେନ୍-୧୧ ଚାମ୍ପିୟନ

### ୦-୨ ଗୋଲ୍‌ରେ କେକେଏଫ୍‌ସିକୁ ହରାଇଲା



**ସୁନ୍ଦରଗଡ଼, ୧୧।୧୧:** ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ୍ ବଣପାହାଡ ଘେରା ଗଣୁଆଁ ମିନିଷ୍ଟାଡିୟମ ଚାଲିଥିବା ୧୫ତମ ଗଣୁଆଁ ନକଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି। କେକେଏଫ୍‌ସି କୋଇଡ଼ାକୁ ୦-୨ ଗୋଲ୍‌ରେ ପରାସ୍ତ କରି ଜିତେନ୍ ୧୧ ଗୁଆଲି ଚାମ୍ପିୟନ୍ ହୋଇଛି। ବିଜେତା ଟିମ୍‌କୁ ୧ ଲକ୍ଷ ୭୦ ହାଜର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୩୨ଟି ଦଳ ଭାଗ ନେଇଛନ୍ତି। ଯେଉଁଥିରେ ୪ଟି ମହିଳା ଦଳ ସାମିଲ୍ ହୋଇଥିଲେ। ଫାଇନାଲ୍ ମ୍ୟାଚରେ କେକେଏଫ୍‌ସି କୋଇଡ଼ା ଓ ଜିତେନ୍-୧୧ ଗୁଆଲି ମୁହାଁମୁହିଁ ହୋଇଥିଲେ। ମ୍ୟାଚ୍ କଡ଼ା ଟକ୍କର ହୋଇଥିଲା। ହେଲେ ଶେଷ ବେଳ ବେଳକୁ ୦-୨ ଗୋଲ୍‌ରେ କେକେଏଫ୍‌ସି କୋଇଡ଼ାକୁ ପରାସ୍ତ କରି ଜିତେନ୍-୧୧ ଗୁଆଲି ଚାମ୍ପିୟନ୍ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ମାଲଦା ସରପଞ୍ଚ ସୁରୁବାଲି ପାତ୍ର ଓ ଅତିଥି ଭାବଆ ଚଳଚ୍ଚିତ୍ର ଅଭିନେତା ସ୍ୱରାଜ ବାରିକ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏଥିସହ ଉପ ବିଜେତା ଦଳ କେକେଏଫ୍‌ସି କୋଇଡାକୁ ୧ ଲକ୍ଷ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।

# ଭାରତ ଉପରେ ରାଗିକି ନିଆଁବାଣ ପାକିସ୍ତାନ

**ଇସଲାମାବାଦ୍,୧୧।୧୧:** ଚାମ୍ପିଅନ୍ସ ଟ୍ରଫି ସମ୍ପର୍କରେ ବିସିସିଆଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି। ବିସିସିଆଇ ଆଇସିସିକୁ କହିଛି ଯେ, ଟିମ ଇଣ୍ଡିଆ କୌଣସି ପରିସ୍ଥିତିରେ ପାକିସ୍ତାନ ଯିବ ନାହିଁ। ଏଥିପାଇଁ ଭାରତୀୟ ବୋର୍ଡ ସୁରକ୍ଷା କାରଣ ଦର୍ଶାଇଛି। ଭାରତ ପାକିସ୍ତାନ ଯିବାକୁ ମନା କରିବା ପରେ ପିସିବିରେ ହଲଚଲ ଦେଖାଦେଇଛି।

### ୨୦୨୫ ଚାମ୍ପିଅନ୍ସ ଟ୍ରଫି




ରିପୋର୍ଟ ଅନୁଯାୟୀ, ଭାରତ ପାକିସ୍ତାନ ଗସ୍ତ କରିବାକୁ ମନା କରିବା ପରେ ପିସିବି ଚେୟାରମ୍ୟାନ ମୋହସିନ ନକଭି ବରିଷ୍ଠ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରି ଭବିଷ୍ୟତର କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିଛନ୍ତି। ମୋହସିନ ନକଭି ମଧ୍ୟ କେନ୍ଦ୍ର ଆଭ୍ୟନ୍ତରୀଣ ମନ୍ତ୍ରୀ ଅଟନ୍ତି। ହାଇବ୍ରିଡ ମଡେଲରେ ଚାମ୍ପିଅନ୍ସ ଟ୍ରଫି କରିବାକୁ ପିସିବି ମୁଖ୍ୟ ମନା କରିସାରିଛନ୍ତି। ଭାରତ ପାକିସ୍ତାନ ଆସିବାକୁ ମନା କରିଦେଇଥିବାରୁ ପିସିବି ଅଧିକାରୀ ନିରାଶ କରିଛନ୍ତି। ସେ କହିଛନ୍ତି, ଏହା ଗ୍ରହଣୀୟ ନୁହେଁ, କାରଣ ଭାରତ ନିଜ ଦଳକୁ ପୁନର୍ବାର ପାକିସ୍ତାନ ପଠାଇବାକୁ ମନା କରିବାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ। କାର୍ଯ୍ୟକ୍ରମର ପ୍ରସ୍ତୁତି କାର୍ଯ୍ୟସୂଚୀ ଅନୁଯାୟୀ ଚାଲିଛି ଏବଂ ଆମେ ଭାରତ ସମେତ ସମସ୍ତ ଦଳ ବିଷୟରେ ଆଇସିସିକୁ ଜଣାଇ ସାରିଛୁ। ସର୍ବଶ୍ରେଷ୍ଠ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରାଯାଇଛି।

ଭାରତ ବିପକ୍ଷ ସମସ୍ତ ମ୍ୟାଚ ବୈଠକ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କଲେ ପାକିସ୍ତାନ ଆର୍ଥିକ କ୍ଷତି ସହିବ ବୋଲି ଅଧିକାରୀ ସ୍ୱୀକାର କରିଛନ୍ତି। କିନ୍ତୁ ସେମାନେ ଏଭଳି ପରିସ୍ଥିତି ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି। ଏହି ସମୟରେ, ପାକିସ୍ତାନରେ କଳ୍ପନାଜଳ୍ପନା ଚାଲିଛି ଯେ ଭାରତ ସରକାର ଏହାର ଅନୁମୋଦନ ନ ଦେବା ଯାଏଁ ଚାମ୍ପିଅନ୍ସ ଟ୍ରଫି ଠାରୁ ଆରମ୍ଭ କରି କୌଣସି ଆଇସିସି କିମ୍ବା ଅନ୍ୟାନ୍ୟ ମଲ୍ଟି ଟିମ ଇଭେଣ୍ଟରେ ଭାରତ ବିପକ୍ଷରେ ଖେଳିବା ବନ୍ଦ କରିବାକୁ ପିସିବି ନିର୍ଦ୍ଦେଶ ଦେଇପାରେ। ଭାରତର ଏହି ନିଷ୍ପତ୍ତିକୁ ନେଇ ପାକିସ୍ତାନର ବହୁ ପୂର୍ବତନ କ୍ରିକେଟର ନିରାଶ ହୋଇଛନ୍ତି। ପାକିସ୍ତାନର ପୂର୍ବତନ ଟେଷ୍ଟ ଅଧିନାୟକ ରସିଦ ଲତିଫ, ଜାଭେଦ ମିଆନ୍ଦାଦ ଏବଂ ଇଞ୍ଜାମାମ ଉଲ ହକ ଭଳି ଭେଟେରାନମାନେ ଭାରତର ଏହି ନିଷ୍ପତ୍ତିକୁ ନେଇ ନିରାଶ ହୋଇଛନ୍ତି।

୨୦୨୫ ଚାମ୍ପିଅନ୍ସ ଟ୍ରଫି ୧୦ ଫେବୃଆରୀରୁ ଆରମ୍ଭ ହେବ। ଏହାର ଫାଇନାଲ ମ୍ୟାଚ ମାର୍ଚ୍ଚ ୯ରେ ଖେଳାଯିବ। ଏହି ଟୁର୍ନାମେଣ୍ଟ ପାକିସ୍ତାନରୁ ଆରମ୍ଭ ହେବ, କିନ୍ତୁ ଏହାକୁ ହାଇବ୍ରିଡ ମଡେଲରେ ଖେଳାଯାଇପାରିବ। ରିପୋର୍ଟ ଅନୁଯାୟୀ, ସୁରକ୍ଷା କାରଣ ଦର୍ଶାଇ ଟିମ ଇଣ୍ଡିଆକୁ ପାକିସ୍ତାନ ପଠାଇବାକୁ ବିସିସିଆଇ ସ୍ପଷ୍ଟ ଭାବେ ମନା କରି ଦେଇଛି।

# ବିଜୟ ସମ୍ଭାବନା ବଢ଼ାଇଥିଲେ ବରୁଣ, ବାଟ ଓଗାଳିଲେ ଟ୍ରିଷ୍ଟାନ ଷ୍ଟବ୍ସ

**ମୁମ୍ବାଇ, ୧୧।୧୧:** ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍ ହାରି ଯାଇଛି ଭାରତ। ଦକ୍ଷିଣ ଆଫ୍ରିକା ଠାରୁ ୩ ୱିକେଟରେ ପରାସ୍ତ ହୋଇଛି ଭାରତୀୟ ଦଳ। ଏହା ସହିତ ୪ଟି ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ବରାବର ସ୍ଥିତିରେ ଅଛନ୍ତି। ଗତକାଲି ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା।ପ୍ରଥମେ ବ୍ୟାଟିଂ କରିଥିବା ଭାରତର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ଦଳ ପୂରା ୨୦ ଓଭର ଖେଳିବାକୁ ସମର୍ଥ ହୋଇଥିଲା ଓ ଅଲ୍‌ଆଉଟ୍ ବି ହୋଇ ନଥିଲା, କିନ୍ତୁ ସ୍କୋର ୧୨୪ରେ ଅଟକି ଯାଇଥିଲା।

ଦକ୍ଷିଣ ଆଫ୍ରିକାକୁ ମାତ୍ର ୧୨୫ ରନ୍‌ର ବିଜୟ ଟାର୍ଗେଟ ମିଳିଥିବା ବେଳେ ସେମାନେ ଏହାକୁ ଅତି ସହଜରେ ହାସଲ କରି ନେବେ ବୋଲି କୁହାଯାଉଥିଲା। କିନ୍ତୁ ସେମିତି ହୋଇ ନଥିଲା। ଦକ୍ଷିଣ ଆଫ୍ରିକାର ବ୍ୟାଟରଙ୍କ ବାଟ ଓଗାଳିଥିଲେ ବରୁଣ ଚକ୍ରବର୍ତ୍ତୀ। ଗୋଟିଏ ସମୟ ଆସିଥିଲା ଯେତେବେଳେ ଭାରତ ହାତକୁ ମ୍ୟାଚ୍ ଚାଲି ଯାଇଥିବା ଭଳି ମନେ ହୋଇଥିଲା। ୧୫.୪ ଓଭରରେ ୮୬ ରନ୍‌ରେ ୭ଟି ୱିକେଟ ହରାଇଥିଲା ଦକ୍ଷିଣ ଆଫ୍ରିକା। ଓପନର ରୟାନ ରିକେଲଟନ ୧୩



ରନ୍ କରି ଅର୍ଶଦୀପ ସିଂହଙ୍କ ବଲରେ ରିଙ୍କୁ ସିଂହଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ଏହା ସହିତ ଝଡ଼ିଥିଲା ଘରୋଇ ଦଳର ପ୍ରଥମ ୱିକେଟ୍। ଆଉ ତା'ପରେ ଜଲୱା ଦେଖାଇଥିଲେ ବରୁଣ ଚକ୍ରବର୍ତ୍ତୀ। ଅଳ୍ପ ଅଳ୍ପ ରନ୍ ବ୍ୟବଧାନରେ ସେ ନେଇ ଚାଲିଲେ ଦକ୍ଷିଣ ଆଫ୍ରିକାର ବଡ଼ ବଡ଼ ବ୍ୟାଟରଙ୍କ ୱିକେଟ୍। ରେଜା ହେଣ୍ଡ୍ରିକ୍ସ ୨୪ ରନ୍ କରିଥିବା ବେଳେ ବରୁଣଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅଧିନାୟକ ଏଡେନ ମାର୍କମ ମାତ୍ର ୩ ରନ୍ କରିଥିବା ବେଳେ ବରୁଣଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ମାର୍କୋ ୟାନସେନ ମାତ୍ର ୭ ରନ୍ କରିଥିଲେ। ତାଙ୍କୁ ବି ପ୍ୟାଭିଲିୟନ ପଠାଇଥିଲେ ବରୁଣ। ସେ ବରୁଣଙ୍କ ବଲରେ ବୋଲ୍ଡ ହୋଇଥିଲେ। ହେନରିଚ କ୍ଲାସେନ ୨ ରନ୍ କରିଥିବା ବେଳେ ବରୁଣଙ୍କ ବଲ୍‌ରେ ରିଙ୍କୁ ସିଂହଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ଡାଭିଡ ମିଲର ଖାତା ଖୋଲି ପାରି ନଥିଲେ। ତାଙ୍କୁ ବୋଲ୍ଡ କରିଥିଲେ ବରୁଣ। ଡାଭିଡ ଆଉଟ ହେବା ସହିତ ଦକ୍ଷିଣ ଆଫ୍ରିକା ୧୨.୨ ଓଭରରେ ୬୬ ରନ୍‌ରେ ୬ଟି ୱିକେଟ୍ ହରାଇ ସାରିଥିଲା। ବରୁଣ ଚକ୍ରବର୍ତ୍ତୀ ତାଙ୍କ ୪ ଓଭର ସ୍ପେଲ୍‌ରେ ୧୭ ରନ୍ ଦେଇ ୫ଟି ୱିକେଟ୍ ନେଇଥିଲେ ଓ ଭାରତ ପାଇଁ ବିଜୟ ସମ୍ଭାବନା ଆଶା ସଂଚାର କରିଥିଲେ। ଏହା ସହିତ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ସେ ଗୋଟିଏ ମ୍ୟାଚ୍‌ରେ ୫ଟି ୱିକେଟ୍ ହାସଲ କରିଥିଲେ। ୧୫.୪ ଓଭରରେ ଆନ୍ଦିଲେ ସିମେଲେନଙ୍କ ୱିକେଟ୍ ନେଇ ଏହି ସମ୍ଭାବନାକୁ ଆଉ ଟିକେ ବଢ଼ାଇଥିଲେ ରବି ବିଷ୍ଣୋଇ। କିନ୍ତୁ ତା'ପରେ ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ ଟ୍ରିଷ୍ଟାନ ଷ୍ଟବ୍ସ। ତାଙ୍କୁ ସାଥ୍ ଦେଇଥିଲେ ଗେରାଲ୍ଡ କୋଏଜି। ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ଆଉଟ୍ କରିବାରେ ବିଫଳ ହୋଇଥିଲେ ଭାରତୀୟ ବୋଲର। ଟ୍ରିଷ୍ଟାନ ଷ୍ଟବ୍ସ ୪୧ ବଲ୍‌ରେ ୪୭ ରନ୍ କରି ଅପରାଜିତ ରହିଥିଲେ। ଗେରାଲ୍ଡ କୋଏଜି ୯ଟି ବଲ୍‌ରେ ୧୯ ରନ୍ କରି ଅପରାଜିତ ରହିଥିଲେ। ଫଳରେ ୧୯ରେ ଓଭରରେ ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଜିତିଯାଇଥିଲା। ଦଳ ୧୯ ଓଭରେ ୭ ୱିକେଟ ହରାଇ ୧୨୮ ରନ୍ ସଂଗ୍ରହ କରିଥିଲା।

# ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ହେବେ ଅକ୍ଷର ପଟେଲ୍!

**ନୂଆଦିଲ୍ଲୀ,୧୧।୧୧:** ଆଇପିଏଲ ୨୦୨୫ମେଗା ନିଲାମ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ସମୁଦାୟ ଚାରିଜଣ ଖେଳାଳିଙ୍କୁ ରିଟେନ କରିଥିଲା। ଏହି ୪ ଖେଳାଳିଙ୍କ ନାମ ଅକ୍ଷର ପଟେଲ, ଟ୍ରିଷ୍ଟନ ଷ୍ଟବ୍ସ, ଅଭିଷେକ ପୋରେଲ ଏବଂ କୁଲଦୀପ ଯାଦବ। ନିଲାମର ତାରିଖ ପାଖେଇ ଆସୁଛି ଏବଂ ରିଷଭ ପନ୍ତଙ୍କ ରିଲିଜ୍ ପରେ ସବୁଠାରୁ ବଡ ପ୍ରଶ୍ନ ହେଉଛି ଦିଲ୍ଲୀ ଫ୍ରାଞ୍ଚାଇଜ କେଉଁ ଖେଳାଳିଙ୍କୁ ଏହାର ଅଧିନାୟକ କରିବ। ବର୍ତ୍ତମାନ ଏକ ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଅକ୍ଷର ପଟେଲଙ୍କୁ ଦିଲ୍ଲୀର ଅଧିନାୟକ କରାଯିବ ବୋଲି ଦାବି କରାଯାଇଛି। ମିଡିଆ ରିପୋର୍ଟ ଅନୁଯାୟୀ, ଅକ୍ଷର ପଟେଲ ଆସନ୍ତା ସିଜନରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକତ୍ୱ ଗ୍ରହଣ କରିପାରନ୍ତି। ଆଇପିଏଲ ୨୦୨୪ରେ ଯେତେବେଳେ ରିଷଭ ପନ୍ତଙ୍କୁ ସ୍ଲୋ ଓଭର ରେଟ୍ ହେତୁ ଆରସିବି ବିପକ୍ଷ ମ୍ୟାଚରୁ ତିନିଥର ନିଲମ୍ବିତ କରାଯାଇଥିଲା, ସେତେବେଳେ ଅକ୍ଷର ପଟେଲ ପନ୍ତଙ୍କ ସ୍ଥାନରେ ଦିଲ୍ଲୀ ଅଧିନାୟକତ୍ୱ କରିଥିଲେ। ଆଗାମୀ ସିଜନ ପାଇଁ ଅକ୍ଷର ପଟେଲଙ୍କୁ ୧୬.୫ କୋଟି ଟଙ୍କା ରିଟେନ କରାଯାଇଛି। ତେଣୁ ସେ ମଧ୍ୟ ଦିଲ୍ଲୀର




ସବୁଠାରୁ ଦାମୀ ଖେଳାଳି ଅଟନ୍ତି। ଏହା ମଧ୍ୟ ଏକ ସୂଚକ ଯେ ଦିଲ୍ଲୀ ଫ୍ରାଞ୍ଚାଇଜ ଅକ୍ଷରରେ ଆତ୍ମବିଶ୍ୱାସ ଫେରାଇବାକୁ ପ୍ରସ୍ତୁତ।

## ପୁଅରୁ ଝିଅ ହେଲେ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗରଙ୍କ ପୁଅ

**ନୂଆଦିଲ୍ଲୀ,୧୧।୧୧:** ଭାରତୀୟ କ୍ରିକେଟର ସଞ୍ଜୟ ବାଙ୍ଗରଙ୍କ ପୁଅ ଆର୍ଯ୍ୟନ ନିକଟରେ ଲିଙ୍ଗ ପରିବର୍ତ୍ତନ କରି ପୁଅରୁ ଝିଅ ହୋଇଛନ୍ତି। ଲିଙ୍ଗ ପରିବର୍ତ୍ତନ ପରେ ଆର୍ଯ୍ୟନ ବଙ୍ଗର ତାଙ୍କ ନାମ ଅନାୟା ବାଙ୍ଗର କରିଛନ୍ତି। ଅନାୟା ନିଜ ଇନଷ୍ଟାଗ୍ରାମରେ ନିଜର ଯାତ୍ରା ବିଷୟରେ ପ୍ରକାଶ କରିଛନ୍ତି। ଆର୍ଯ୍ୟନ ଲିଙ୍ଗ ଅସ୍ତ୍ରୋପଚାର ପରେ ତାଙ୍କ ହରମୋନ ପରିବର୍ତ୍ତନ ବିଷୟରେ ଖୋଲାଖୋଲି ଭାବେ କହିଥିଲେ। ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ସେ ହରମୋନ ରିପ୍ଲେସମେଣ୍ଟ ଥେରାପି (ଏଚ୍‌ଆର୍‌ଟି)ର ପ୍ରଭାବ ବିଷୟରେ କହିଥିଲେ। ଅନାୟା ଅସ୍ତ୍ରୋପଚାର ହେବାର ୧୧ ମାସ ବିତିଗଲାଣି। ଅନାୟା କହିଛନ୍ତି, ବୃତ୍ତିଗତ ଭାବରେ କ୍ରିକେଟ ଖେଳିବାର ମୋର ସ୍ୱପ୍ନ ସବୁବେଳେ ଅସୁବିଧାରେ ପରିପୂର୍ଣ୍ଣ ଥିଲା। ସକାଳ ଓ ସନ୍ଧ୍ୟାରେ କଠିନ ପରିଶ୍ରମ କରିବା, ପଡ଼ିଆରେ ଅଭ୍ୟାସ କରିବା ଏବଂ ଅନ୍ୟମାନଙ୍କ ସମାଲୋଚନାର ସମ୍ମୁଖୀନ ହେବା ପାଇଁ ମୋତେ ପ୍ରତ୍ୟେକ ପଦକ୍ଷେପରେ ସଂଘର୍ଷ କରିବାକୁ ପଡୁଥିଲା। ଅନାୟା ଆହୁରି ମଧ୍ୟ କହିଛନ୍ତି, କିନ୍ତୁ କ୍ରିକେଟ ବ୍ୟତୀତ ଅନ୍ୟ ଏକ ଯାତ୍ରା ଥିଲା - ମୋର ପ୍ରକୃତ ପରିଚୟ ଗ୍ରହଣ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା, କାରଣ ମୋତେ ବୁଝିବା ଏବଂ ମୋର ପ୍ରକୃତ ପରିଚୟ ଗ୍ରହଣ କରିବା ପାଇଁ ମୋତେ ଅନେକ କଷ୍ଟଦାୟକ ନିଷ୍ପତ୍ତି ନେବାକୁ ପଡିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜିତୁଙ୍କୁ...

ଜବାବ ଦେଇଛନ୍ତି। ଜିତୁଙ୍କ ସମେତ ବିଜେଡି ନେତୃବୃନ୍ଦ ଏହା ଦେଖି ଉତ୍ସାହିତ। ତେବେ ପରାଜୟର ମାତ୍ର ୫ମାସ ପରେ ପୂର୍ବତନ ବିଧାୟକଙ୍କ ପ୍ରତି ଏଭଳି ସମର୍ଥନ କେବଳ ଅଣ୍ଡାମାଡ଼ ଯୋଗୁଁ ସମ୍ଭବ ହେଲା ଏବଂ ଲିକୁଙ୍କ ଅଣ୍ଡା ଜିତୁଙ୍କୁ ପ୍ରୋଟିନ୍ ଯୋଗାଇଲା ବୋଲି ଲୋକେ ଆଲୋଚନା କରୁଛନ୍ତି। ଲିକୁଙ୍କ ଭୁଲ ଏବେ ଜିତୁଙ୍କୁ ଯେଉଁ ବଳ ଦେଇଛି ଯଦି ତାହା ଜାରି ରୁହେ ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଧର୍ମଶାଳା ଭିନ୍ନ ଦୃଶ୍ୟ ଦେଖିବ ବୋଲି ଏବେ ଠାରୁ ଲୋକେ କହିଲେଣି।

### ଅତନୁଙ୍କ ଆତ୍ମରକ୍ଷା...

ସ୍ୱାଧୀନ ବିଧାୟକ ହୋଇଥିଲେ ବି ସେ ଯେ ବିଜେପିର ଏକାନ୍ତ ନିଜର ତାହା କାହାରିକୁ ଅଛପା ନାହିଁ। ଉପକୂଳ ଓଡିଶାରେ ସେ ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପାଖଲୋକ। ସାରଦାଙ୍କ ସହିତ ରହିଛନ୍ତି ଅନେକ ବିଜେପି ବିଧାୟକ। ତେଣୁ ଏଭଳି ଜଣେ ନେତାଙ୍କୁ ଅତନୁ କିଭଳି ଡାକି ମଞ୍ଚରେ ବସାଇଲେ ବୋଲି ଲୋକେ ଟୁପୁରୁ ଟାପର ହେବାପରେ ଅତନୁ ଆତ୍ମରକ୍ଷା ଶୈଳୀକୁ ଆସିବା ସହିତ ବିଜେଡି ସରକାର ଗଢିବା ବାଣ ମାରିଛନ୍ତି। ହେଲେ ଅତନୁ ଭଲଭାବେ ଜାଣିଛନ୍ତି ଯେ ଦଳ ବଦଳ ଆଇନ୍ ଭୟରେ ବିଜେପିରୁ ୫/୬ ଜଣ ଦୂରରକଥା ୧୦/୧୫ ଜଣ ବି ଆସିବା ସମ୍ଭବପର ନୁହେଁ। କାରଣ ଯିଏ ଆସିବ ତାହାର ବିଧାୟକ ପଦଟି ରଦ୍ଦ ହୋଇଯିବ। ସବୁ ଜାଣିଶୁଣି ଅତନୁ ଏଭଳି କହିଥିବାବେଳେ ସେଥିରେ କଂଗ୍ରେସ ନାଁଟିକୁ ଯୋଡିଛନ୍ତି। ଏହା ଶୁଣିବାମାତ୍ରେ କଂଗ୍ରେସୀ ନେତାମାନେ ଅତନୁଙ୍କୁ ଏହା କହିବାକୁ କିଏ ଅନୁମତି ଦେଲାବୋଲି ପ୍ରଶ୍ନ କଲେଣି। ବିନା ମୁଖିଆରେ ସୁପ୍ତ ହୋଇ ପଡ଼ିଥିବା କଂଗ୍ରେସ ଏଭଳି ବକ୍ତବ୍ୟ ଶୁଣି ଚେଇଁ ଉଠିଛି। ଦଳର ମାଗଣା ପ୍ରଚାର ବି ହୋଇଛି। ସାଧାରଣରେ ଚର୍ଚ୍ଚା ହେଉଛି ଯେ ବିଜେଡି ନେତାଙ୍କ ଏଭଳି ସରକାର ଗଠନ ବକ୍ତବ୍ୟ ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବ ନାଁ ବୁଡାଇବ। କାରଣ ଏଭଳି ବକ୍ତବ୍ୟ ଶୁଣି ନବୀନ କିମ୍ବା ତାଙ୍କ ଅତି ପାଖଲୋକ ଖୁସିହୋଇ ପାରନ୍ତି କିନ୍ତୁ ଅନେକ ଅସନ୍ତୁଷ୍ଟ ମଞ୍ଚରେ ବସୁଥିବା ବିଜେପି ଓ ସ୍ୱାଧୀନ ନେତାଙ୍କ ନିକଟକୁ ଯିବାକୁ ମନ ବଳାଉଛନ୍ତି। ତେଣୁ ଅତନୁଙ୍କ ଏଭଳି ଆତ୍ମରକ୍ଷା ବାଣ ବିଜେଡି ପାଇଁ ଆତ୍ମଘାତୀ ହେବବୋଲି ଏବେ ଆଲୋଚନା ଜୋର ଧରିଛି।

### ଝାଡ଼ଖଣ୍ଡରେ ...

ମନ ବଦଳାଇଲେ। ଆଉ ବିଜେଡି ସରକାରକୁ ହଟାଇ ଦେଲେ। ମହାପ୍ରଭୁଙ୍କ ଆଶୀର୍ବାଦରେ ଓଡ଼ିଶାରେ ଏବେ ବିଜେପି ସରକାର ଚାଲିଛି। ନୂଆ ସରକାର ଆସିବା ପରେ ୧୦୦ ଦିନ ଭିତରେ ସଂକଳ୍ପପତ୍ରରେ ଦିଆଯାଇଥିବା ସବୁ ପ୍ରତିଶ୍ରୁତି ପୂରଣ କରିଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଝାରଖଣ୍ଡରେ ଏକ ପରିବାରବାଦ ଦୁର୍ନୀତିଗ୍ରସ୍ତ ସରକାର ଚାଲିଛି। ଏ ସରକାରକୁ ହଟାଇବା। ଏହି ପ୍ରକ୍ରିୟା ଷଢ଼େଇକଳାରୁ ଆରମ୍ଭ ହେବ। ଆଉ ଚମ୍ପାଇ ସୋରେନ୍‌ଙ୍କୁ ବହୁ ମତରେ ବିଜୟୀ କରାଇ ବିଧାନସଭା ପଠାଇବା। ଝାରଖଣ୍ଡ ରାଜନୀତିରେ ଚମ୍ପାଇ ସୋରେନଙ୍କ ଯୋଗଦାନ ବହୁତ ରହିଛି। ଝାରଖଣ୍ଡ ଗଠନରେ ତାଙ୍କର ବହୁତ ବଡ଼ ଭୂମିକା ରହିଛି। ଏ ସମ୍ପର୍କରେ ସମସ୍ତେ ଜାଣିଛନ୍ତି। ହେଲେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଜେଲ୍‌ରୁ ଆସି ଚମ୍ପାଇ ସୋରେନ୍‌ଙ୍କୁ ବହୁତ ଅପମାନିତ କରିଛନ୍ତି। ଆଗାମୀ ନିର୍ବାଚନରେ ତାହାର ଜବାବ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଅପିଲ୍ କରିଛନ୍ତି।ସେ କହିଛନ୍ତି, ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଝାରଖଣ୍ଡ ରାଜ୍ୟ ଗଠନ ହୋଇଥିଲା। ଆଦିବାସୀଙ୍କ ବିକାଶ କରିବା ପାଇଁ ଏହି ରାଜ୍ୟ ଗଠନ କରାଯାଇଥିଲା। ଆଉ ଏଠାରେ ବିଜେପି ସରକାର ଗଢ଼ିଥିଲା। ଆଶ୍ଚର୍ଯ୍ୟର କଥା ଆଜି ଆଦିବାସୀଙ୍କ ଜନସଂଖ୍ୟା କମି କମି ଯାଉଛି। ଆଦିବାସୀଙ୍କ ଜମିକୁ ହରଣଚାଲ କରାଯାଉଛି। ଜେଏମ୍ଏମ୍‌ର ହେମନ୍ତ ସୋରେନ ଓ କଂଗ୍ରେସ ମିଳିତ ଭାବେ ଆଦିବାସୀଙ୍କ ଜମିକୁ ହଡ଼ପ୍ କରୁଛନ୍ତି। ଆଦିବାସୀଙ୍କଠାରୁ ଜମିକୁ ନେଇ ବାଂଲାଦେଶୀ ଓ ରୋହିଙ୍ଗିଆମାନଙ୍କୁ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜେପି ସରକାର ଅର୍ଥ ହେଉଛି ବିକାଶର ସରକାର। ଓଡ଼ିଶାରେ ଗତ ୫ ମାସ ହେଲା ଡବଲ୍ ଇଞ୍ଜିନ ସରକାର ଚାଲିଛି। ବର୍ଷେ ତଳେ ଛତିଶଗଡ଼ରେ ଡବଲ୍ ଇଞ୍ଜିନ ସରକାର ହୋଇଛି। ଏବେ ସମୟ ଆସିଛି ଝାରଖଣ୍ଡରେ ଡବଲ ଇଞ୍ଜିନର ସରକାର କରିବା ପାଇଁ। କିଛିଦିନ ତଳେ ଝାରଖଣ୍ଡ ନିର୍ବାଚନ ପାଇଁ ଗୃହମନ୍ତ୍ରୀ ସଂକଳ୍ପପତ୍ର ଉନ୍ମୋଚନ କରିଛନ୍ତି। ବିଜେପିର ସଂକଳ୍ପପତ୍ର ହେଉଛି ମୋଦିଜୀଙ୍କ ଗ୍ୟାରେଣ୍ଟି। ଓଡ଼ିଶାରେ ୧୦୦ ଦିନ ଭିତରେ ସଂକଳ୍ପପତ୍ରରେ ଥିବା ସବୁ ଦାବି ପୂରଣ କରିଛୁ। ଠିକ୍ ସେମିତି ଝାରଖଣ୍ଡରେ ନୂଆ ସରକାର ଗଠନ ହେଲା ପରେ ସଂକଳ୍ପପତ୍ରରେ ଦିଆଯାଇଥିବା ସବୁ ଦାବି ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଆ ଓ ହିନ୍ଦୀ ଭାଷଣ ଦେଲା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାନ୍ତାଳୀ ଭାଷାରେ ମଧ୍ୟ ଭାଷଣ ଦେଇଥିଲେ।

### ଆମ ପୋଖରୀ...

ସଂସ୍ଥାକୁ ତାହାର ପ୍ରାପ୍ୟ ବାବଦରେ ଦିଆଯାଇଛି ୯୭ଲକ୍ଷ ଟଙ୍କା। ଏହି ବିପୁଳ ପରିମାଣର ଟଙ୍କା ନେଇ ଉକ୍ତ ସଂସ୍ଥା କି ପ୍ରକାର ପରାମର୍ଶ ଦେଇଛି ତହା ତଦନ୍ତ ସାପେକ୍ଷ। ଆଲୋଚନା ଅନୁଯାୟୀ ଏହି ସଂସ୍ଥା ତରଫରୁ ମିଶନ ନିର୍ଦ୍ଦେଶିକାଙ୍କୁ ବିଦେଶ ଭ୍ରମଣର ସୁଯୋଗ ଦିଆଯାଇଛି। ପୋଖରୀ ଖୋଳା ଜ୍ଞାନ ଆହରଣ ପାଇଁ ମିଶନ ନିର୍ଦ୍ଦେଶିକା ଶ୍ରୀମତୀ ପଟ୍ଟନାୟକ ନିଜ ସହଯୋଗୀଙ୍କୁ ଧରି ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିଲେ। ତେବେ ଏ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା ଓ ଏ ଟଙ୍କା କେଉଁଠାରୁ ପ୍ରଦାନ କରାଯାଇଥିଲା ତାହାର ତଦନ୍ତ ପାଇଁ ଶ୍ରୀ ଦାସ ଦାବି କରିଛନ୍ତି।କେବଳ ଆମ ପୋଖରୀ ନୁହେଁ ନଗର ଉନ୍ନୟନ ବିଭାଗରେ ନିଯୁକ୍ତି କେଳେଙ୍କାରୀରେ ମଧ୍ୟ ଶ୍ରୀମତୀ ପଟ୍ଟନାୟକ ଜଡିତ ଥିବା କୁହାଯାଉଛି। ଏଠାରେ କନସଲଟାଣ୍ଟ ଭାବେ ଦୁଇ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ଦୁଇଜଣଙ୍କର ତିନି ବର୍ଷର ଅଭିଜ୍ଞତା ନଥିବାବେଳେ ସେମାନଙ୍କୁ ଟ୍ୟୁଲିପ୍‌ରେ ନିଯୁକ୍ତି ମିଳିଥିବାବେଳେ ଏବେ ସେଠାରୁ ଛଟେଇ କରି ସିଇଡି ନାମକ ସଂସ୍ଥା ସହାୟତାରେ ପୁଣିଥରେ କନସଲଟାଣ୍ଟ ପଦବୀରେ ନିଯୁକ୍ତି ଦିଆଯାଇଛି। ଏହି ପଦ୍ଧତିରେ ଅନେକ କନସଲଟାଣ୍ଟ ନିଯୁକ୍ତି ହେବା ସହିତ ଏଥିରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଶ୍ରୀ ଦାସ ଅଭିଯୋଗ କରିଛନ୍ତି।

ଏଥି ସହିତ ଶ୍ରୀମତୀ ପଟ୍ଟନାୟକ ମୁଖିଆ ଥିବା ନେସନାଲ ଇନଷ୍ଟିଚ୍ୟୁଟ ଅଫ୍ ଅର୍ବାନ ଆଫେୟାର୍ସରେ ମଧ୍ୟ ସଭା ସମିତି ନାଁରେ ଅର୍ଥ ହରିଲୁଟ୍ ଚାଲିଛି। ବ୍ରେନ ଷ୍ଟର୍ମିଂ ନାଁରେ ୮୬ଲକ୍ଷ ଟଙ୍କା ଉଡିଯାଇଛି। ଏହି ସଂସ୍ଥାର ନିଜସ୍ୱ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ଥିବାବେଳେ ବାତ୍ୟା ସମୟରେ କିନ୍ତୁ ଶ୍ରୀମତୀ ପଟ୍ଟନାୟକ ରାଜଧାନୀର ଏକ ତାରକା ହୋଟେଲରେ କର୍ମଚାରୀମାନଙ୍କୁ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମର ତଦନ୍ତ ପାଇଁ ଶ୍ରୀ ଦାସ ଦାବି କରିଛନ୍ତି।

### ବଦଳିଲା...

କୁମାର ଦାସ କହିଛନ୍ତି, ଡ୍ରେସ କୋଡ୍ ପରିବର୍ତ୍ତନ କରିଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଉଛୁ ଓ ନିଷ୍ପତ୍ତିକୁ ସ୍ୱାଗତ କରୁଛୁ। ଆମେ ଯେଉଁ ୧୦ ଦଫା ଦାବି ସରକାରଙ୍କ ନିକଟରେ ରଖିଥିଲୁ ସେଥିରେ ଏହା ଏକ ପ୍ରମୁଖ ଦାବି ଥିଲା। ସରକାର ପୂରଣ କରିଛନ୍ତି। ଓଡ଼ିଶାରେ ୧୫ରୁ ହଜାରରୁ ଅଧିକ କର୍ମଚାରୀ ଉପକୃତ ହେବେ। ଅନ୍ୟ ନାର୍ଯ୍ୟ ଦାବିଗୁଡ଼ିକ ମଧ୍ୟ ପୂରଣ କରିବେ ବୋଲି ଆଶା କରୁଛୁ। ସରକାର ଆମ ସହ ଆଲୋଚନା କରିବା ପରେ ଏହି ଡ୍ରେସ କୋଡ୍ କରିଛନ୍ତି।

### ଋତୁସ୍ରାବ...

ମାସରେ ମହିଳା ସରକାରୀ କର୍ମଚାରୀମାନଙ୍କ ପାଇଁ ବାର୍ଷିକ ଅତିରିକ୍ତ ସାମୟିକ ଛୁଟି ୧୨ ଦିନକୁ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରଚଳିତ ୧୦ ଦିନ ସାମୟିକ ଛୁଟି (କାଜୁଆଲ ଲିଭ) ଓ ୫ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି(ସ୍ପେଶାଲ ଲିଭ୍) ସହିତ ମହିଳାମାନେ ଏହି ୧୨ ଦିନ ଅତିରିକ୍ତ ଛୁଟି ପାଇପାରିବେ।

### ଅଗ୍ନିଶମ ...

ଛତିଶଗଡ଼ ପାଇଁ ୧୪୭.୭୬ କୋଟି, ପଶ୍ଚିମବଙ୍ଗ ପାଇଁ ୩୭୬ କୋଟି ମଞ୍ଜୁରି କରାଯାଇଛି। ଏହି ଟଙ୍କା ଅଗ୍ନିଶମରେ ଆଧୁନିକୀକରଣ ଓ ସଂପ୍ରସାରଣ କ୍ଷେତ୍ରରେ ଖର୍ଚ୍ଚ ହେବ। ଓଡ଼ିଶାରେ ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ଦେଇଥିବା ସହାୟତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ମହର୍ଷି କଲେଜରେ ଉତ୍ତେଜନା

**ଭୁବନେଶ୍ୱର,୧୧।୧୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହର୍ଷି କଲେଜରେ ଉତ୍ତେଜନା । ଛାତ୍ରଙ୍କ ମାଡରେ ଗୁରୁତର ହୋଇଛନ୍ତି ଲାଇବ୍ରେରୀ ଆସିଷ୍ଟାଣ୍ଟ। ଛାତ୍ରଙ୍କ ବିୟର ବୋତଲ ମାଡରେ ଲାଇବ୍ରେରୀ ଆସିଷ୍ଟାଣ୍ଟଙ୍କ ମୁଣ୍ଡ ଫାଟିଛି । ଯାହାକୁ ନେଇ କଲେଜରେ ତୀବ୍ର ଉତ୍ତେଜନା ଦେଖାଦେଇଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଛାନଭିନ ଆରମ୍ଭ କରିଛି ।

## କେନ୍ଦୁଝର ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା

**କେନ୍ଦୁଝର,୧୧।୧୧(ସଂଚାର ବ୍ୟୁରୋ):** ସୋମବାର ସ୍ଥାନୀୟ ସଦର ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ୧୬ ଜଣ ପଞ୍ଚାୟତ ସମିତି ସଭ୍ୟ ଓ ୧୧ ଜଣ ସରପଞ୍ଚ ଅନସ୍ଥା ଆଣି ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଦୀର୍ଘ ଅଢେଇ ବର୍ଷ ଅତିକ୍ରାନ୍ତ କରିଥିବା ସତ୍ତ୍ୱେ ବିଭିନ୍ନ ପଞ୍ଚାୟତରେ କିପରି ଉନ୍ନତମୂଳକ କାର୍ଯ୍ୟ ହେବ, ସେ ବିଷୟରେ ଜାଣିବାପାଇଁ ଚାହିଁଲେ ମଧ୍ୟ ଜାଣିପାରୁ ନାହାଁନ୍ତି। ସେହିପରି ଅଧ୍ୟକ୍ଷାଙ୍କ ମନମୁଖୀ କାର୍ଯ୍ୟ ପାଇଁ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଠିକ୍ ସମୟରେ ପଞ୍ଚାୟତ ସମିତିର ବୈଠକ ମଧ୍ୟ ଆୟୋଜନ ହୋଇପାରୁନାହିଁ। ଏପରିକି ସଭ୍ୟ/ସଭ୍ୟାମାନଙ୍କ ସହ ଆଲୋଚନା ନ କରି ଠିକାଦାରମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ମନଇଚ୍ଛା କାମ ବଣ୍ଟା ଯାଉଥିବା ଅଭିଯୋଗ କରିଛନ୍ତି। ସେ ବିଷୟରେ ଅଧ୍ୟକ୍ଷାଙ୍କୁ ପଚାରିଲେ ସେ ଓଲଟା ଧମକ ଦେଉଛନ୍ତି।

## ଘୁଞ୍ଚିଲା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା

**ଟାଙ୍ଗୀ-ଚୌଦ୍ୱାର, ୧୧।୧୧ (ସଂଚାର ବ୍ୟୁରୋ) :** ୫୫ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ମୁଣ୍ଡମାଳ ନିକଟ ଲିବ୍ରା କାର୍ପେଟ କାରଖାନା ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ହୋଇଥିବା ଜବର ଦଖଲ ହଟାଇବାକୁ ଗତ ଶନିବାର ସ୍ଥାନୀୟ ପୌର ପ୍ରଶାସନ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଘୋଷଣା କରାଯାଇଥିଲା। ତେବେ ଏହି ଜବରଦଖଲ ଉଚ୍ଛେଦ କିଛି ଦିନ ପାଇଁ ସ୍ଥଗିତ ରଖିବା ପାଇଁ ବ୍ୟବସାୟୀ ମାନଙ୍କ ତରଫରୁ ନିବେଦନ କରାଯାଇଥିଲା। ବ୍ୟବାସାୟୀ ମାନଙ୍କ ଅନୁରୋଧ ରକ୍ଷା କରି ଏକ ସପ୍ତାହ ପାଇଁ ଉଚ୍ଛେଦ ପ୍ରକ୍ରିୟାକୁ ସ୍ଥଗିତ ରଖା ଯାଇଥିବା ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ସୁଚନା ଦେଇଛନ୍ତି। ଦୀର୍ଘ ବର୍ଷ ଧରି ରାଜରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଜାରି ରହି ଥିବାରୁ ରାସ୍ତା କଡରେ ବ୍ୟବସାୟ କରୁଥିବା ଦୋକାନୀ ମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ହଠାତ୍ ପୁଣି ଏଭଳି ଖବର ଶୁଣି ହତୋତ୍ସାହ ହୋଇ ପଡ଼ିଥିଲେ। ସୂଚନାଯୋଗ୍ୟଯେ ମୁଣ୍ଡମାଳ ଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ରହିଛି।

## କଣାସ ଅଗ୍ନିଶମ ଅଧିକାରୀଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ



**କଣାସ, ୧୧।୧୧ (ସଂଚାର ବ୍ୟୁରୋ) :** କଣାସ ଦମକଳ କେନ୍ଦ୍ରର ହାବିଲଦାର ଭାବେ କାର୍ଯ୍ୟରତ ମହେଶ୍ୱର ପରିଡ଼ା ଚାକିରୀ ଅବସର ସମୟରେ ଏକ ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଇ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବାରୁ ତାଙ୍କୁ ଆଜି ପୁରୀ ଜିଲ୍ଲା ଡି.ଏଫ.ଓଙ୍କ ଦ୍ୱାରା ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ପୋଲିସ ଖୋଳିଲା, ମାଫିଆ ପୋତିଲେ



**ବାଲିଅନ୍ତା, ୧୧।୧୧ (ସଂଚାର ବ୍ୟୁରୋ) :** ପୋଲିସ ଖୋଳିଲା, ମାଫିଆ ପୋତିଲେ ପ୍ରଶାସନ ଓ ବାଲିଅନ୍ତା ପୋଲିସକୁ ବାଲି ମାଫିଆଙ୍କ ଚ୍ୟାଲେଞ୍ଜ । ଏହି ଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲିଅନ୍ତା ଥାନା ଅଧୀନରେ ଥିବା ଭୁବନ ପୁର ନଦୀ ପଠାରେ ଦୀନ ଦିହିପ୍ରହରରେ ବାଲି ମାଫିଆ ନଦୀ ପଠାରୁ ବାଲି ଚାଲାଣ କରୁଥିବା ଖବର ପାଇ ବାଲିଅନ୍ତା ପୋଲିସ୍ ଓ ଖଣିଜ ପରିବହନ ବିଭାଗର ଅଧିକାରି ଉପସ୍ଥିତ ରହି । ନଦୀ କୁ ଯାଇଥିବା ରାସ୍ତାରେ ଜେସିପି ସାହାଯ୍ୟରେ ବଡ ବଡ ଗାତ କରି ଯୋଗାଯୋଗ ବିଚ୍ଛିନ୍ନ କରାଯାଇଥିଲା। କିନ୍ତୁ ବାଲି ମାଫିଆ ପ୍ରଶାସନ ଓ ବାଲିଅନ୍ତା ପୋଲିସ୍ କୁ ଚାଲେଞ୍ଜ ଦେଇ ଖୋଳା ଯାଇଥିବା ରାସ୍ତାକୁ ବନ୍ଦ କରି ସେହି ଗାତରେ ବାଲି ଅଖା ପକେଇ ରାସ୍ତା କରି ବାଲି ମାଫିଆ ବାଲି ଚାଲାଣ କରୁଥିବା ଦେଖିବାକୁ ମିଳିଛି । ବାଲିଅନ୍ତା ପୋଲିସ୍ ପ୍ରଶାସନ ଓ ଓଡ଼ିଶା ସରକାର କଣ ପଦକ୍ଷପ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା । ନଦୀ ବନ୍ଧରେ ଥିବା ଶହ ଶହ ବୃକ୍ଷକୁ ବାଲି ମାଫିଆ କାଢ଼ି ବାଲି ଚାଲାଣ କରୁଥିବା ଦେଖିବାକୁ ମିଳିଛି ।

# ସରିବ କାର୍ତ୍ତିକ, ବାଟ ଭୁଲିଛି ଶୀତ



**କାକଟପୁର/ଅସ୍ତରଙ୍ଗ, ୧୧।୧୧ (ସଂଚାର ବ୍ୟୁରୋ) :** ସବୁଠି ଏବେ ଶୀତକୁ ନେଇ ଚର୍ଚ୍ଚା। କେବେ ହେବ ଶୀତ। ପିଲାଦିନର ପାଣିପାଗକୁ ନେଇ ଶୀତର ଜାଡକୁ ନେଇ ମନେ ପକାଉଛନ୍ତି ଲୋକେ। ହେଲେ ଏବେ ସେ ଶୀତର ଜାଡ ଆଉ ନାହିଁ। ସରିବାକୁ ବସିଲାଣି କାର୍ତ୍ତିକ ମାସ ହେଲେ ଶୀତ ଯେମିତି ତା'ର ବାଟ ଭୁଲିଯାଇଛି। ଏଥର ଆଉ ସେ ଶୀତ ଆସିବନି କି? ବୋଲି ମନରେ ଅହେତୁକ ପ୍ରଶ୍ନ ସୃଷ୍ଟି ହୋଇଛି।

ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗ, କାକଟପୁର ଅଂଚଳରେ ଏ ଯାଏ ବୈଶାଖ ଜ୍ୟେଷ୍ଠର ଗୁଳୁଗୁଳି କମିନି। ଗ୍ରୀଷ୍ମର ତାଉ କମୁନଥିବାରୁ ଗରମ ଗୁଳୁଗୁଳିରେ ସନ୍ତୁଳିତ ମନୁଷ୍ୟ ଆଉଟୁ ପାଉଟୁ ହୋଇ ଚିନ୍ତାରେ ପଡିଯାଇଛି। ଭାବିଥିଲେ ଋତୁଚକ୍ର ଅନୁସାରେ ଶୀତ ସଅଳ ଆସିବ। ଶୀତକୁ ଅପେକ୍ଷା କରି ଲୋକେ ଗରମରେ ସିଜୁଥିବା ବେଳେ ଭାବିଥିଲେ ବାତ୍ୟା 'ଦାନା' ଶୀତର ସମ୍ଭାର ନେଇ ଆସିବ। ଦାନା ଚାଲିଯିବା ପରେ ଯଥା ପୂର୍ବ ତଥା ପରର ଗରମ ଲାଗିରହିଛି। ଶୀତ ନ ଆସିବାର କାରଣ ଋତୁଚକ୍ରର ପରିବର୍ତ୍ତନ, ଜଙ୍ଗଲ କ୍ଷୟ ଓ ପରିବେଶ ପ୍ରଦୂଷଣର ପ୍ରଭାବ ଅନ୍ତରାୟ ସୃଷ୍ଟି କରିଛି। ପବିତ୍ର କାର୍ତ୍ତିକ ବ୍ରତ ଆରମ୍ଭରୁ ଶୀତର ଜାଡ ଶରୀରକୁ ପ୍ରଭାବିତ କରିଥାଏ। ବୋଇତ ଭସାଣ ସମୟରେ ଦେହ ଥରାଇ ଦେଇଥାଏ। ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଶୀତ ବସ୍ତ୍ରରେ ଆବୃତ ହେଉଥିବା ବେଳେ କି ଗରିବ କି ଧନୀ ନିଆଁ ଜାଳି ଚାରି ପାଖରେ ଘେରି ବସିଥାନ୍ତି।

ବିଶ୍ୱରେ ଦେଖାଦେଇଥିବା ଯୁଦ୍ଧର ବିଭୀଷିକା, ଜଙ୍ଗଲ ସମ୍ପଦ ହ୍ରାସ, ଦ୍ରୁତ ଶିଳ୍ପାୟନ, ରାସ୍ତାଘାଟ ଓ ସହରୀକରଣ ପ୍ରଭାବରେ ବର୍ଷାର ଅଭାବ ମୌସୁମୀର ସହଳ ପ୍ରତ୍ୟାବର୍ତ୍ତନ ଚଳିତ ବର୍ଷ ପାଣିପାଗରେ ବଡ଼ ପରିବର୍ତ୍ତନ ଘଟିଥିବାରୁ ସମ୍ପ୍ରତି ଶୀତ ଲୁଚିଯାଇଥିବା ପ୍ରମୁଖ କାରଣ ବୋଲି ଆଲୋଚନା ହେଉଛି। ଏପରି ଋତୁଚକ୍ରର ଅସାମଞ୍ଜସ୍ୟତା ଆଗାମୀ ଦିନରେ ପ୍ରକୃତି ଉପରେ ଘୋର ପ୍ରଭାବ ପକାଇବା ସହିତ ଜଳବାୟୁ ଓ ପାଣିପାଗ ପ୍ରଭାବିତ ହୋଇ ଜୀବଜଗତ ଉପରେ ବଡ଼ ବିପଦ ସୃଷ୍ଟି ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

# ଜମାକାରୀଙ୍କ ଟଙ୍କା ଠକିନେଲେ ପୋଷ୍ଟମାଷ୍ଟର

### ଜମାକାରୀଙ୍କ ସହକାରୀ ଅଧୀକ୍ଷକ କାର୍ଯ୍ୟାଳୟ ଘେରାଉ



**ଯାଜପୁର, ୧୧।୧୧ (ସଂଚାର ବ୍ୟୁରୋ) :** ଗରିବ ଖଟିଖିଆ ମୁଲ ମଜୁରୀ ଲାଗି କିଏ ନିଜର ଭବିଷ୍ୟତ ପାଇଁ ତ କିଏ ନିଜର ପିଲାଙ୍କ ଭବିଷ୍ୟତ ତ ଆଉ କିଏ ନିଜର ବଢ଼ିଲା ଝିଅର ବିବାଘର ପାଇଁ ଅର୍ଥ ପୋଷ୍ଟ ଅଫିସରରେ ଜମା ରଖିଥିଲେ। ହେଲେ ଗରିବଙ୍କ ପେଟକୁ ନାତ ମାରି ପୋଷ୍ଟ ମାଷ୍ଟର ଲୁଟି ନେଇଛି ଗରିବଙ୍କ ଧନ। ଜମା ଖାତାକୁ ନିଜ ପାଖରେ ରଖି ମିଥ୍ୟା କାଗଜପତ୍ର ଜରିଆରେ ୫୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ଲୁଟର ଅଭିଯୋଗ ହୋଇଛି। ଯାହାକୁ ନେଇ ନିଜର ଟଙ୍କା ପାଇବା ଚିନ୍ତାରେ ଭାଙ୍ଗି ପଡିଛନ୍ତି ଅନେକ ହିତାଧିକାରୀ।

ଅନେକ ଘରୋଇ ଠକ ସଂସ୍ଥାରେ ଅର୍ଥ ରଖି ଠକାମୀର ଶିକାର ପରେ ଲୋକେ ପୋଷ୍ଟ ଅଫିସରକୁ ଆଦରି ଯାଇଥିଲେ। ଭଳିକି ଭଳି ଯୋଜନାରେ ଜମା ଖାତା କରି ସୁରକ୍ଷିତ ଆଶାରେ ଅର୍ଥ ରଖି ଏବେ ବହୁ ହିତାଧିକାରୀ ନିରାଶ ହୋଇଛନ୍ତି । ଯାହାକି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବଡ କୁଆଁଳ ଡାକଘରେ ଶହଶହ ହିତାଧିକାରୀ ବିଭିନ୍ନ ପ୍ରକାର ଜମା ଖାତାରେ ଲକ୍ଷଲକ୍ଷ ଟଙ୍କା ଜମା କରିଥିଲେ। କିନ୍ତୁ ତତକାଳୀନ ପୋଷ୍ଟ ମାଷ୍ଟର ଯାଞ୍ଚ ଆଳରେ ହିତାଧିକାରୀଙ୍କ ଖାତାକୁ ପାଖରେ ରଖି ମିଥ୍ୟା କାଗଜପତ୍ରରେ ଅର୍ଥ ହରିଲୁଟର ଅଭିଯୋଗ ହୋଇଛି। ଏପରିକି କିଛି ଜମାକାରୀଙ୍କ ଟଙ୍କାକୁ ଡିପୋଜିଟ କରିବାକୁ ରଖି ପରବର୍ତ୍ତୀ ସମୟରେ ଆଉ ଜମା କରିନଥିବା ଜଣାପଡିଛି। ମଂଜୁ ମଲ୍ଲିକଙ୍କ ୧ଲକ୍ଷ ୨୦ ହଜାରରୁ ୬୦ ହଜାର ଗାଏବ ହୋଇଥିବା ବେଳେ କଲ୍ୟାଣୀ ମଲ୍ଲିକଙ୍କ ସୁକନ୍ୟା ଏକାଉଣ୍ଟର ୩୭ ହଜାରରୁ ୨୭ ହଜାର ଉଠି ଯାଇଛି। ପ୍ରିୟତମା ସେଠୀଙ୍କ ମୋଟ ୮୦ ହଜାରରୁ ୭୦ ହଜାର ଜାଲ ଭାବେ ଉଠାଇ ହୋଇଛି। ଚନ୍ଦ୍ରକାନ୍ତ ମଲ୍ଲିକ ୩ଲକ୍ଷ ୩୪ ହଜାରରୁ ୧୧ ହଜାର ଥିବା ବେଳେ ଲବଙ୍ଗଲତା ମଲ୍ଲିକ ୧ଲକ୍ଷ ୫୫ ହଜାରରୁ ୫ ହଜାର ଏକାଉଣ୍ଟରେ ରହିଛି। ଯାହାକୁ ବିରୋଧ କରି ହିତାଧିକାରୀ ଡାକଘର ଘେରାଉ କରିବା ସହ ଡାକ ବିଭାଗର ସୁପରିଟେଣ୍ଡେଣ୍ଟକୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଟଙ୍କା ଫେରି ନପାଇଲେ ଆତ୍ମହତ୍ୟା ହିଁ ଶେଷ ରାସ୍ତା ବୋଲି କେତେକ ମତ ରଖିଛନ୍ତି।

ଶହଶହ ଗରିବ ଶ୍ରେଣୀୟ ହିତାଧିକାରୀ ଚାଷବାସରୁ ଉପାର୍ଜିତ ଟଙ୍କା, ସ୍ୱୟଂ ସହାୟକ ଗୋଷ୍ଠୀର ଅର୍ଥ ଏବଂ ମୁଲ ମଜୁରି କରି ରୋଜଗାର ଟଙ୍କା ପୋଷ୍ଟ ଖାତାରେ ରଖିଥିବା ବେଳେ ଏବେ ସେମାନଙ୍କ ଏକାଉଣ୍ଟରେ ଟଙ୍କା ନାହିଁ। ତତକାଳୀନ ପୋଷ୍ଟ ମାଷ୍ଟର କୋଦଣ୍ଡଧର ଗୋଇପେଇ ଦୁଇ ମାସ ତଳୁ ଯାଞ୍ଚ ନାଁରେ ଶହଶହ ହିତାଧିକାରୀଙ୍କ ଜମାଖାତାକୁ ପାଖରେ ରଖି କୌଣସି ଉପାୟରେ ଅର୍ଥ ଲୁଟି ନେଇଛି। କାହାର ଝିଅ ବାହା ଘର ସଂଚିତ ଅର୍ଥ ତ କାହାର ଘର ତିଆରି ଅର୍ଥ ଏପରି ଲକ୍ଷାଧିକ ଟଙ୍କା ନେଇ ପୋଷ୍ଟ ମାଷ୍ଟର ଜଣକ ଫେରାର ହୋଇଯାଇଛନ୍ତି। ତେବେ ନ୍ୟାୟ ଦାବିରେ ଜମାକାରୀମାନେ ଯାଜପୁର ଉପ ଡାକ ମଣ୍ଡଳର ସହକାରୀ ଅଧୀକ୍ଷକ ହରିଶଙ୍କର ସୁବୁଦ୍ଧିଙ୍କୁ ଭେଟି ଟଙ୍କା ଫେରିବାର ବ୍ୟବସ୍ଥା କରିବାକୁ ଦାବି କରିଥିବାବେଳେ ଯାଞ୍ଚ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।




### ଉପ ଜିଲ୍ଲାପାଳଙ୍କ ଗାଡି ଧକ୍କାରେ

## ଭେରାଇଟି ଷ୍ଟୋର ଭାଙ୍ଗିଲା, ସାଇକେଲ ଆରୋହୀ ଆହତ

**ବାଲିଅନ୍ତା, ୧୧।୧୧ (ସଂଚାର ବ୍ୟୁରୋ) :** ଆଜି ହଂସପାଳ-ଅଭୟମୁଖୀ ମୁଖ୍ୟ ରାସ୍ତାର ଜୟଦେବ ପଞ୍ଚାୟତ ଅଧୀନ ମହୁଖଣ୍ଡା ନିକଟରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଭୁବନେଶ୍ୱର ଉପ ଜିଲାପାଳଙ୍କ ବୋଲେରୋ ନିୟନ୍ତ୍ରଣ ହରାଇ ରାସ୍ତା କଡରେ ଥିବା ଏକ ଭେରାଇଟି ଷ୍ଟୋର ଭିତରକୁ ପଶିଯାଇଥିଲା । ଫଳରେ ଦୋକାନ ଆଗରେ ଲାଗିଥିବା ଲାଇଟ ବୋର୍ଡ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଦୋକାନରେ ବାହାରେ ଥୁଆ ହୋଇଥିବା ଅନ୍ୟ କୌଣସି ସାମଗ୍ରୀ ନଷ୍ଟ ହୋଇନଥିବା ବେଳେ ସେତେବେଳେ ଦୋକାନୀ ଖାଇବାକୁ ଘରକୁ ପଳାଇଥିବାରୁ ଏହି ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇ ଯାଇଥିଲେ । ଅପରପକ୍ଷରେ ଲାଇଟ ବୋର୍ଡକୁ ଧକ୍କା ଦେବା ପରେ ବୋଲେରୋ ମନି ମାଣିକ ( ୫୫)ଙ୍କ ସାଉକେଲକୁ ଧକ୍କା ଦେବାରୁ ତାଙ୍କର ଶରୀରରେ ଗଭୀର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକେ ମନିକୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲ ପଠାଇ ଥିଲେ । ମନିଙ୍କ ଗୋଡ଼, ହାତ ଏବଂ ଶରୀର କ୍ଷତାକ୍ତ ହୋଇଛି। ସେହିପରି ଉପ ଜିଲ୍ଲାପାଳଙ୍କ ଗାଡ଼ି ଆଗରେ ଲାଗିଥିବା ନାମ ଫଳକ ଭାଙ୍ଗି ତଳକୁ ଖସି ପଡିଥିଲା । କୋଳଥପିଟା ନିକଟରେ ଅନ୍ୟ ଜଣେ ଯୁବକ ମଧ୍ୟ ଦୁର୍ଘଟଣାରୁ ରକ୍ଷା ପାଇଯାଇଥିଲେ । ଏନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ବାଲିଅନ୍ତା ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଉଲ୍ଲେଖଯୋଗ୍ୟ ଭୁବନେଶ୍ୱର ଉପ ଜିଲ୍ଲାପାଳ ବାଲିପାଟଣା ଥାନା ଅଧୀନ ଦେଉଳିଧର ପୁର ଗ୍ରାମ ପଞ୍ଚାୟତରେ ଆୟୋଜିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇ ଫେରୁଥିଲେ ।

# ପୋଷାକ ବିତରଣ ଉତ୍ସବ ଓ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

**ଜଗତସିଂହପୁର, ୧୧।୧୧ (ସଂଚାର ବ୍ୟୁରୋ) :** ଜଗତସିଂହପୁର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଆଳିପିଙ୍ଗଳ ଠାରେ ପୋଷାକ ବିତରଣ ଉତ୍ସବ ଓ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଅମରେନ୍ଦ୍ର ଦାସ ଛାତ୍ରଛାତ୍ରୀ ମାନଙ୍କୁ ଦେଶ ଗଠନର ମୂଳ ଉତ୍ସ ଭାବରେ ଅଭିହିତ କରିଥିଲେ। କୁନିକୁନି ପିଲାମାନେ ହିଁ ଭବିଷ୍ୟତ ଦେଶ ଗଠନର କର୍ଣ୍ଣଧାର ବୋଲି ପ୍ରକାଶ କରିବା ସହ ବିଦ୍ୟାଳୟ ଶ୍ରେଣୀ ଗୃହ, ଖେଳ ପଡିଆ ଓ ସଭାଗୃହ ନିର୍ମାଣ ଦିଗରେ ସହାୟକ ହେବେ ବୋଲି ପ୍ରକାଶ କରିଥିଲେ।

ଏହି ଅବସରରେ ଆଳିପିଙ୍ଗଳ ପଞ୍ଚାୟତର ସମିତି ସଭ୍ୟ ରାଜୀବ କୁମାର ବେହେରା ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ପିଲାମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ହିଁ ପ୍ରକୃତ ଶିକ୍ଷ୍ୟ ବୋଲି କହିଥିଲେ। ସମ୍ମାନିୟ ଅତିଥି ଭାବେ ଜଗତସିଂହପୁର ମଣ୍ଡଳ ଶିକ୍ଷାଅଧିକାର ମଧୁସ୍ମିତା ପତି, ଆଲୁମିନି କମିଟିର ସଭାପତି ବଂଶୀଧର ଭୋଳ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଭାକର ବେହେରା ଯୋଗଦାନ କରିଥିଲେ।




ଏହି ଉତ୍ସବରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବିତରଣ କରଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ମିଶ୍ର ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପଦରାଜ ଉମାକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବରେ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରଥ, କୃତିବାସ ରାଉତ, ତପନ କୁମାର ପଣ୍ଡା, ଶତ୍ରୁଘ୍ନ ବେହେରା, ପ୍ରତିସା ମହାପାତ୍ର, କଲ୍ୟାଣି ପତି, ଜଗନ୍ନାଥ ଲେଙ୍କା,ସ୍ମୃତିରେଖା ସାହୁ ଓ ଦୀପ୍ତି ପ୍ରିୟଦର୍ଶୀନି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୋଇତ ବନ୍ଦାଣ ଉତ୍ସବ ସହ ଜମିବ ମୀନା ବଜାର

### କମ୍ପିବ ତାଳଦା ଦେବୀ ପଠା




**କାକଟପୁର/ଅସ୍ତରଙ୍ଗ, ୧୧।୧୧ (ସଂଚାର ବ୍ୟୁରୋ) :** ଉତ୍କଳୀୟ ପରମ୍ପରାକୁ ଉଜ୍ଜୀବିତ କରିବାକୁ ଚଳିତ ବର୍ଷ ଠାରୁ ଆରମ୍ଭ ହେବାକୁ ଯାଉଛି ବୋଇତ ବନ୍ଦାଣ ଉତ୍ସବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତ ନିକଟବର୍ତ୍ତୀ ବିଜୁ ସେତୁ ପାର୍ଶ୍ୱବର୍ତ୍ତୀ ଦେବୀ ନଦୀ ପଠାରେ ଆରମ୍ଭ ହେବାକୁ ଯାଉଛି ବୋଇତ ବନ୍ଦାଣ ଉତ୍ସବ। ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା ଓ ରବି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ତାଳଦା ପଂଚାୟତ ଓ ତରାସାହି ଗ୍ରାମବାସୀ ଓ ବୁଦ୍ଧିଜୀବି ମାନଙ୍କୁ ନେଇ ସୋମବାର ବୁଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକଅନୁଷ୍ଠିତହୋଇଛି।

ନଭେମ୍ବର ୧୪ରୁ ୧୮ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୪ ତାରିଖ ସନ୍ଧ୍ୟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବା ବେଳେ ୧୫ ତାରିଖ ସକାଳୁ ଦେବୀ ନଦୀ ପଠାରେ ଉପସ୍ଥିତ ଅତିଥି ମାନଙ୍କ ଗହଣରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନ ପାଇବ। ୫ଦିନ ବ୍ୟାପି ଅସ୍ତରଙ୍ଗ ଓ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅଂଚଳବାସୀ ମନୋରଞ୍ଜନ ଖୋରାକ ଯୋଗାଇବ ମୀନା ବଜାର। ବୈଠକ ରେ ସଭାପତି ବିଜୟ କୁମାର ପଢ଼ିୟାରୀ, ସମ୍ପାଦକ ଯଯାତି କେଶରୀ ସାହୁ, କୋଷାଧକ୍ଷ ଦିବାକର ସାହୁଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

## ବ୍ରାଉନ ସୁଗର ଜବତ, ଜଣେ ଗିରଫ

**ଖୋର୍ଦ୍ଧା, ୧୧।୧୧ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ବାଇପସ ଚାଚେରାସାହି ନିକଟ ମୋଦି ପଡିଆଠାରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ଶିଳ୍ପାଂଚଳ ଥାନା ପୁଲିସ ଏସ୍ଆଇ ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ଚଢଉ କରି ୨୧ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ସେହିପରି ୨ ଗୋଟି ବାଇକ, ମୋବାଇଲ ଫୋନ, ପ୍ୟାନକାର୍ଡକୁ ପୁଲିସ ଜବତ କରିଛି। ଜଣଙ୍କୁ ପୁଲିସ ଗିରଫ କରିଥିବାବେଳେ ଅନ୍ୟଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ସ୍ଥାନୀୟ ଶାଗୁଆନ ବଗିଚାର ସନ୍ତୋଷ ରାଉତରାୟ ଓରଫ ପିଂଟୁ(୨୫) ପିତା -ବିଭୁରଞ୍ଜନ ରାଉତରାୟ। ପୁଲିସ ସୂଚନା ଅନୁସାରେ, ପିଂଟୁ ମୋଦି ପଡିଆଠାରେ ଦିନ ୧୧ଟା ବେଳେ ବେପାର କରିବାକୁ ଅନ୍ୟଜଣଙ୍କ ସହ ଠିଆ ହୋଇଥିବାବେଳେ ପୁଲିସ ଚଢଉ କରିଥିଲା । ଚଢଉ ବେଳେ ଦୁହେଁ ଖସିବାକୁ ଉଦ୍ୟମ କରିଥିବାବେଳେ ପିଂଟୁକୁ ପୁଲିସ କାବୁ କରିନେଇଥିଲା।

# କଣାସରେ ଜିଲ୍ଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ

**କଣାସ, ୧୧।୧୧ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡ଼ବଡପୁଟ ପଞ୍ଚାୟତ ଡେଲାଙ୍ଗଚାରିପଡ଼ା ଗ୍ରାମରେ ଆଜି ପୁରୀ ଜିଲ୍ଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ଜାତୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ




ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶୁ ସମ୍ପମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋ ସମ୍ବର୍ଦ୍ଧନା ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ସର୍ବପ୍ରଥମେ ଗୋମାତାଙ୍କୁ ପୂଜା କରିଥିଲେ।

ଅନ୍ୟତମ ଅତିଥିଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ୍ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦେବ, ଜିଲ୍ଲାପରିଷଦ ସଭ୍ୟ ଭୀମସେନ ପାଇକରାୟ, ପାଣିଧନ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ହାଡିବନ୍ଧୁ ଭୋଇ, ସିଡିଭିଓ ଡାକ୍ତର ଶରତ ଚନ୍ଦ୍ର ବେହେରା, ଏଡିଭିଓ ଡାକ୍ତର ବିଶ୍ୱରଞ୍ଜନ ବେହେରା, ଏଡିଭିଓ ଡାକ୍ତର ରମେଶ କୁମାର ପାଣିଗ୍ରାହୀ, ଏଡିଭିଓ ଡାକ୍ତର ସତ୍ୟବ୍ରତ ଦାସ, ବିଭିଓଓ ପିପିଲି ଡାକ୍ତର ଆଲୋକ ମିଶ୍ର, ବିଭିଓଓ ଡାକ୍ତର ବନିକାନ୍ତ ଖଟୁଆ, ବିଭିଓଓ ଡେଲାଙ୍ଗ ଡଃ ସୋମନାଥ ଦାସ, ଏଭିଏଏସ୍ କଣାସ ଡଃ ଅନୁଗତ ଜେନା, ଜିଏଏସ୍ କଣାସ ଡଃ ସୌମ୍ୟାସାସ୍ୱତୀ ଦାସ ପ୍ରଭୃତି ଯୋଗଦେଇ କେନ୍ଦ୍ର ଓ ରାଜ୍ୟସରକାର କୃଷକ ଓ ମହିଳାମାନଙ୍କ ପ୍ରଗତି ପାଇଁ ଗୋ ଚାଷ, ଛେଳି, ମେଣ୍ଢା, ବତକ, କୁକୁଡା ଚାଷ ସହିତ ସମସ୍ତ ପନିପରିବା ଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଥିବାରୁ ସମସ୍ତେ ଏହି କାର୍ଯ୍ୟକ୍ରମରେ ସାମିଲି ହେବାପାଇଁ ମନ୍ତ୍ରୀ ଶ୍ରୀମଲ୍ଲିକ୍ ଅନୁରୋଧ କରିଥିଲେ। ଯାହାଦ୍ୱାରା କି ଏହି ସବୁ ଚାଷ କରିବାପାଇଁ ଆପଣମାନଙ୍କ ଗ୍ରାମ୍ୟ ନିକଟ ବ୍ୟାଙ୍କମାନେ ପୂର୍ଣ୍ଣସହଯୋଗ କରିବେ ବୋଲି ମନ୍ତ୍ରୀ ଶ୍ରୀମଲ୍ଲିକ୍ ଉପସ୍ଥିତ ଥିବା ଚାଷୀ ଓ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ।

ଅନେକ ଚାଷୀ ଓ ମହିଳାମାନେ ସେମାନେ ରଖିଥିବା ଗାଈ, ଛେଳି, ମେଣ୍ଢା, ବତକ, କୁକୁଡା ରଖିଥିବା ବେଳେ ସେମାନଙ୍କୁ କିକି ରୋଗ ହେଉଛି ତାହାର ପ୍ରତିକାର ଉପରେ ପ୍ରଶ୍ନ ପଚାରିବା ଉପସ୍ଥିତ ମନ୍ତ୍ରୀମାନେ ତାହାର ଉତ୍ତର ଦେଇଥିଲେ। ଚାଷୀମାନେ ରଖିଥିବା ଗାଈମାନଙ୍କୁ ଗୋ ସମ୍ବର୍ଦ୍ଧନା ଉତ୍ସବ ସ୍ଥଳକୁ ଆଣିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଗାଈଙ୍କୁ ସମ୍ବର୍ଦ୍ଧନା କରିଥିଲେ।

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଓ ଖାଦ୍ୟମେଳା ପଦର୍ଶନୀ



**ଖୋର୍ଦ୍ଧା, ୧୧।୧୧ (ସଂଚାର ବ୍ୟୁରୋ) :** ଆଜି ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ପରିସରରେ ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ଓ ଖାଦ୍ୟମେଳା ପଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ଜୟଦେବ ନିର୍ବାଚନ ମଣ୍ଡଳୀ ବିଧାୟକ ନବକିଶୋର ମଲ୍ଲିକ, ସମ୍ମାନୀତ ଅତିଥି ରୂପେ ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗ ଦେଇ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଶେଷ କରି ଏହି ମାଣ୍ଡିଆ ହେଉଛି ବହୁ ପୁରାତନ ହିତକାରୀ ଖାଦ୍ୟ। ଏହା ଶରୀର ପାଇଁ ଲାଭଦାୟକ ହୋଇଥିବା ବେଳେ ରୋଗପ୍ରତିରୋଧ ଶକ୍ତି ବୃଦ୍ଧି କରିବାରେ ମାଣ୍ଡିଆର ଅନେକ ମହତ୍ତ୍ୱ ରହିଛି। ତେଣୁ ଏହାକୁ ଖୋର୍ଦ୍ଧା ଜିଲ୍ଲାରେ କିଭଳି ଅଧିକ ପରିମାଣରେ ଚାଷ ଓ ବ୍ୟବହାର କରାଯିବ ଏହା ଉପରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ଜୟଦେବ ବିଧାୟକ ଶ୍ରୀ ମଲ୍ଲିକ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିଲେ।

ସେହିପରି ରାଜ୍ୟ ସରକାର ଏହି ମାଣ୍ଡିଆ ଚାଷ ଓ ବ୍ୟବହାରକୁ ଗୁରୁତ୍ୱ ଦେଇଥିଲା ବେଳେ ଏଥିରେ ଚାଷୀ ମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଉଛନ୍ତି। ଫଳରେ ଖୋର୍ଦ୍ଧା ଜିଲ୍ଲାରେ ଅନେକ ଚାଷୀ ଆଗ୍ରହୀ ଅଛନ୍ତି। ଆଗାମୀ ଦିନରେ ସେମାନଙ୍କୁ ତାଙ୍କର ପ୍ରକୃତ ପାରିଶ୍ରମିକ ଦିଆଯିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ଚାଲିଛି ବୋଲି ଜିଲ୍ଲାପାଳ ଚଞ୍ଚଳ ରାଣା କହିଥିଲେ। ସେହିପରି ଅନ୍ୟତମ ଅତିଥି ମାନେ ମାଣ୍ଡିଆର ଉପକାରୀତା ଓ ପୂର୍ବ କାଳରେ ତାହାର ବ୍ୟବହାର ଉପରେ ମତ ରଖିଥିଲେ। ଏହି ଅବସରରେ ଭୁବନେଶ୍ୱର ବ୍ଲକ ରାଧାରାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ଟାଙ୍ଗି ବ୍ଲକର ପବିତ୍ର ମୋହନ ଭୁଜବଳ ମାଣ୍ଡିଆ ଚାଷ ଓ ମାଣ୍ଡିଆକୁ ବ୍ୟବହାର କରି କିଭଳି ଲାଭବାନ ହୋଇପାରିଛନ୍ତି ତାହା ଉପରେ ନିଜର ଅନୁଭୂତି ପ୍ରକାଶ କହିଥିଲେ। ସେହିପରି ମାଣ୍ଡିଆ ଉପରେ ହୋଇଥିବା ବକ୍ତୃତା ଓ ପ୍ରବନ୍ଧ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲା ବେଳେ ମାଣ୍ଡିଆର ବ୍ୟବହାର ଓ ତାହାର ଚାଷ ପ୍ରଣାଳୀ ଉପରେ ନୃତ୍ୟ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଇଥିଲା।

ଭୁବନେଶ୍ୱର ବ୍ଲକ କୃଷି ବିଭାଗର ବିଟିଏମ ସୁନିତା ମହାପାତ୍ରଙ୍କ ସଂଯୋଜନାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୦୦ ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲା ବେଳେ ଜିଲ୍ଲାର କୃଷି ବିଭାଗ ଏଡିଓ ପ୍ରଦୀପ୍ତ କୁମାର ପଣ୍ଡା,ଭୁବନେଶ୍ୱର ଏଡିଓ ମନୋରଞ୍ଜନ ରାଉଳ,ଟାଙ୍ଗି ବ୍ଲକ ମନୋରଞ୍ଜନ ମିଶ୍ର, ସହକାରୀ କୃଷି ଅଧିକାରୀ ମଧୁସ୍ମିତା ଶତପଥୀ, ପଲ୍ଲବୀ ସାହୁ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସାଇ କିଡ୍ସ ପ୍ଲେ ସ୍କୁଲରେ ଇଣ୍ଟରସ୍କୁଲ୍ ଟାଲେଣ୍ଟ ହଣ୍ଟ ପ୍ରତିଯୋଗିତା

**ଭୁବନେଶ୍ୱର, ୧୧।୧୧ (ସଂଚାର ବ୍ୟୁରୋ) :** ରବିଟକିସ୍ ସ୍ଥିତ ସାଇ କିଡ୍ସ ପ୍ଲେ ସ୍କୁଲରେ ଇଣ୍ଟରସ୍କୁଲ୍ ଟାଲେଣ୍ଟ ହଣ୍ଟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସହ ଆସପାସର ପ୍ରାୟ ୨୫ ଠାରୁ ଅଧିକ ସ୍କୁଲର ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଷୟରେ ଚିତ୍ରାଙ୍କନ, ହିନ୍ଦୀ ଓ ଇଂରାଜୀ ରାଇମ୍ସ, ବକ୍ତୃତା ଓ ଗଳ୍ପ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସ୍କୁଲର ନିର୍ଦ୍ଦେଶକ ରବିନାରାୟଣ ମହାରଣା ଏବଂ ଅଧ୍ୟକ୍ଷା ସ୍ମୃତିସୁଧା ପଟ୍ଟନାୟକ କହିଛନ୍ତି ଯେ, ଏହି ପ୍ରତିଯୋଗିତା ପିଲାମାନଙ୍କ ମଧ୍ୟରୁ ଗୋପନ ଥିବା ପ୍ରତିଭାକୁ ଆଗକୁ ଆଣିବା ଏବଂ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଛି। ତେବେ ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନେ ନୂଆ କୌଶଳ ଶିଖିବା ସହିତ ସାମାଜିକ ଜ୍ଞାନ ଓ ଆତ୍ମବିଶ୍ୱାସ ବୃଦ୍ଧି କରିପାରିବେ।ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର୍ ଶ୍ରୀମତୀ ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ଶ୍ରୀ ନୃପେଶ ନାୟକ ଏବଂ ପୂର୍ବତନ କର୍ପୋରେଟର ଶ୍ରୀମତୀ ସୀମା ନାୟକ ଅଂଶଗ୍ରହଣ କରିଥିଲେ। ବିଚାରକ ମଣ୍ଡଳରେ ଶ୍ରୁତକୃତି ତ୍ରିପାଠୀ, ଅର୍ପିତା ନନ୍ଦ, ଜୟଶ୍ରୀ ଦାଶ, କନକକାନ୍ତି ତ୍ରିପାଠୀ, ସ୍ମୃତିଶ୍ରୀ ମିଶ୍ର, ସିଲିମା ଦାଶ ଏବଂ ରାଜଶ୍ରୀ ବଟୁ ରହିଥିଲେ।ସାରା କାର୍ଯ୍ୟକ୍ରମଟିକୁ ଶିକ୍ଷୟିତ୍ରୀ ଦିପ୍ତିଶିଖା ମହାନ୍ତି, ଅଞ୍ଜଳି ଦାଶ, ମଧୁସ୍ମିତା ମହାକୁଡ଼, ରସ୍ମିତା ସେନାପତି, ଜ୍ୟୋସ୍ନା ଆଚାର୍ଯ୍ୟ, ସୋମା ଗୋସ୍ୱାମୀ, ଲଡ଼ଲି ପଣ୍ଡା, ପୂର୍ଣ୍ଣିମା ତ୍ରିପାଠୀ ଏବଂ ସୁସ୍ମିତା ପାତ୍ର ଅତ୍ୟନ୍ତ ସାର୍ଥକ ଭାବରେ ପରିଚାଳନା କରିଥିଲେ।



● ବଦଳିଲା ଶ୍ରୀମନ୍ଦିର ଧ୍ୱଜା ବନ୍ଧା ସମୟ

## ଅପରାହ୍ଣରେ ବନ୍ଧାଗଲା ଧ୍ୱଜା



ପୁରୀ,୧୧।୧୧ (ସଂଚାର ବ୍ୟୁରୋ): କାର୍ତ୍ତିକ ଭିଡ଼ ଯୋଗୁଁ ବଦଳିଲା ଶ୍ରୀମନ୍ଦିର ଧ୍ୱଜା ବନ୍ଧା ନୀତି ସମୟ । ସନ୍ଧ୍ୟା ବଦଳରେ ଅପରାହ୍ଣ ୩ଟା ୩୦ରୁ ୪ଟା ମଧ୍ୟରେ ବନ୍ଧାଗଲା ଧ୍ୱଜା। ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ ପରେ ଚୁନରା ସେବକ ନୀତି ପାଳନ କରିଛନ୍ତି। ସୋମବାର ଅପରାହ୍ଣ ପ୍ରାୟ ସାଢ଼େ ତିନିଟାରେ ଶ୍ରୀମନ୍ଦିର ନୀଳଚକ୍ରରେ ଲାଗିଲା ଧ୍ୱଜା। ଚୁନରା ସେବକମାନେ ଶ୍ରୀମନ୍ଦିର ଉପରକୁ ଯାଇ ପତିତପାବନ ବାନା ବଦଳାଇଛନ୍ତି। ବାନା ବନ୍ଧା ଯାଉଥିବା ବେଳେ ହୁଳହୁଳି ଓ ହରିବଲ ଧ୍ୱନୀରେ ପ୍ରକମ୍ପିତ ହୋଇଛି ଶ୍ରୀମନ୍ଦିର। ଦୂରଦୂରାନ୍ତୁ ଆସିଥିବା ଶ୍ରଦ୍ଧାଳୁମାନେ ଧ୍ୱଜା ବନ୍ଧା ଦେଖି ଭାବବ୍ୟୁହୋଳ ହୋଇଛନ୍ତି। ପଞ୍ଚୁକରେ ମହାପ୍ରଭୁଙ୍କୁ ଆଶୀର୍ବାଦ ପାଇଁ ଲାଗିଥିବା ଭିଡିକୁ ଦେଖି ଶ୍ରୀମନ୍ଦିର ପ୍ରଶାସନର ଏପରି ନିଷ୍ପତ୍ତି ନେଇଛି।ପୂର୍ବରୁ ସନ୍ଧ୍ୟା ୫ଟାରେ ଶ୍ରୀମନ୍ଦିର ନୀଳଚକ୍ରରେ ବନ୍ଧା ଯାଉଥିଲା ପତିତପାବନ ବାନା। ଶ୍ରଦ୍ଧାଳୁମାନେ ବାନା ବନ୍ଧା ନୀତୁ ଦର୍ଶନ କରୁଥିଲେ। ଯେଉଁଥିପାଇଁ ଶ୍ରୀମନ୍ଦିର ଭିତରେ ଓ ସିଂହଦ୍ୱାର ବାହାର ମାର୍ଗରେ ଅସମ୍ଭାଳ ଗହଳି ହେଉଥିଲା। ଟ୍ରାଫିକ୍ ଜାମ ହେଉଥିଲା। କର୍ତ୍ତିକ ମାସରେ ପ୍ରବଳ ଭିଡକୁ ଦେଖି ଧ୍ୱଜା ବନ୍ଧା ନୀତି ସମୟ ବଦଳାଇବା ପାଇଁ ନିଷ୍ପତ୍ତି ନେଇଥିଲା ପ୍ରଶାସନ। ଆଜି ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଚୁନରା ସେବକମାନେ ବାନା ଧରି ଶ୍ରୀମନ୍ଦିର ଉପରକୁ ଯାଇଥିଲେ। ପରେ ବାନା ବାନ୍ଧିଥିଲେ। ନୀଳଚକ୍ରରେ ବାନା ବନ୍ଧା ଯାଉଥିବା ବେଳେ ଶ୍ରୀମନ୍ଦିର ବେଢ଼ା ଓ ବାହାରେ ପ୍ରବଳ ଜନ ଗହଳି ହୋଇଥିବା ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ଧ୍ୱଜା ବନ୍ଧା ନୀତି ଦେଖି ଭାବୁକ ହୋଇପଡୁଥିଲେ। କିଛି ଶ୍ରଦ୍ଧାଳୁ କାନ୍ଦି ପକାଉଥିବା ଦେଖିବାକୁ ମିଳିଛି।

## ବାଣ ବିସ୍ଫୋରଣରେ ଉଡ଼ିଲା ଛାତ

ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ବାଣ କାରଖାନାରେ ବିସ୍ଫୋରଣ। ବିସ୍ଫୋରଣରେ ଉଡିଯାଇଛି ଛାତ ଓ ଛପର। ଏପରକି ବିସ୍ଫୋରଣରେ ଘରର କାଛ ଖଣ୍ଡ ବହୁ ଦୂରକୁ ଛିଟିକି ପଡିଛି। ହୁତୁ ହୁତୁ ଜଳିଲା ବାଣ ପ୍ରସ୍ତୁତି ସାମଗ୍ରୀ। ସୋମବାର ସନ୍ଧ୍ୟାରେ ଇନଫୋସିଟି ପଛ ପଟ ବସ୍ତି ନିକଟରେ ଏହି ଅଘଟଣ ଘଟିଛି। ଅଗ୍ନିଶମ ବାହିନୀ ୨ ଦମକଳ ଗାଡି ସହିତ ପହଞ୍ଚି ଦୀର୍ଘ ସମୟ ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଛନ୍ତି। ନିଆଁ ଲିଭାଇବା ପରେ ଅଗ୍ନିଶମ ବାହିନୀ ଅଞ୍ଚଳର ସୁରକ୍ଷା ପାଇଁ ଉକ୍ତ ଘରେ ପଶି ଯାଞ୍ଚ କରିଛନ୍ତି। ଘର ଭିତରେ ବିପୁଳ ବାଣ ଗଚ୍ଛିତ ଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ଇନଫୋସିଟି ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି।

## ତାମିଲନାଡୁରେ ୨ ଓଡ଼ିଆ ଯୁବକ ଅପହୃତ

ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ତାମିଲନାଡୁକୁ କାମ କରିବାକୁ ଯାଇ ସେଠାରେ ଅପହୃତ ହୋଇଛନ୍ତି ଦୁଇ ଜଣ ଓଡ଼ିଆ ଯୁବକ। ଅପହରଣକାରୀ ସେମାନଙ୍କୁ ନିର୍ଯାତନା ଦେବା ସହ ମୁକ୍ତି ପାଇଁ ପରିବାରଠାରୁ ୩୦ ହଜାର ଟଙ୍କା ନେଇଛନ୍ତି। ତଥାପି ସେମାନେ ମୁକୁଳି ପାରିନାହାନ୍ତି। ଥାନାରେ ଅଭିଯୋଗ ପରେ ଦୁଇ ଯୁବକଙ୍କୁ ମୁକୁଳାଇବାକୁ ଉଦ୍ୟମ ଆରମ୍ଭ କରିଛି ପୁଲିସ। ମିଳିଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଘୁସୁରାମାଲ ପଞ୍ଚାୟତ ଅଧୀନ ଲାଣ୍ଡିମାଲ ଗାଁର ଭ୍ରମରବର ସ୍ୱାଇଁ ଓ ରାମଚନ୍ଦ୍ର ବେହେରା ତିନି ମାସ ତଳେ ତାମିଲନାଡୁର ତ୍ରୀପୁର ଠାରେ ଏକ କମ୍ପାନୀରେ ଯାଇ କାମ କରୁଥିଲେ। ଗତ ୯ ତାରିଖ (ଶନିବାର) ଦିନ ସେମାନେ କମ୍ପାନୀରୁ ଦରମା ପାଇଥିବା ଘରକୁ ଜଣାଇଥିଲେ। କିନ୍ତୁ ସୋମବାର ସକାଳୁ ହଠାତ୍ ଭ୍ରମରବର ସ୍ୱାଇଁଙ୍କ ମୋବାଇଲ ନମ୍ବରରୁ ସେମାନଙ୍କ ପରିବାର ଓ ସମ୍ପର୍କୀୟ ଲୋକଙ୍କୁ ଅପହରଣ ହୋଇଥିବା ନେଇ ଫୋନ କଲ୍ ଆସିଥିଲା। ଅପହରଣକାରୀ ସେମାନଙ୍କ ପରିବାର ଠାରୁ ଟଙ୍କା ଦାବି କରିଥିଲେ। ବାରମ୍ବାର ଫୋନ୍ ଆସିବା ପରେ ପରିବାର ଲୋକେ ଭୟଭୀତ ହୋଇ ଅପହରଣକାରୀଙ୍କ ଫୋନ୍ ପେ' ନମ୍ବରରେ ପର୍ଯ୍ୟାୟକ୍ରମେ ୩୦ ହଜାର ଟଙ୍କା ପଠାଇଥିଲେ ବି ସେମାନଙ୍କୁ ଛାଡ଼ି ନାହାନ୍ତି। ପରିବାରବର୍ଗ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ପୁଲିସର ପ୍ରକ୍ରିୟା ମିଳିପାରିନାହିଁ।

## ତିନି ଇନ୍ସପେକ୍ଟରଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀ ଦକ୍ଷତା ପୁରସ୍କାର

ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ସ୍ୱରାଷ୍ଟ୍ରମନ୍ତ୍ରୀ ଦକ୍ଷତା ପୁରସ୍କାର ଘୋଷଣା କରାଯାଇଛି। ରାଜ୍ୟର ୩ ପୋଲିସ ଇନ୍ସପେକ୍ଟରଙ୍କୁ ମିଳିବ ଏହି ପଦକ। ଅପରାଧ ମାମଲାର ତଦନ୍ତରେ ଉଲ୍ଲେଖନୀୟ ସଫଳତା ପାଇଁ ଏହି ପୁରସ୍କାର ଦିଆଯିବ। ଗଜପତି ଜିଲ୍ଲାରୁ ସବ୍ୟସାଚୀ ମଲ୍ଲ, ଗଞ୍ଜାମରୁ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ମାଲକାନଗିରି ଜିଲ୍ଲାରୁ ରିଙ୍ଗନ କିଣ୍ଡୋ ଏହି ପୁରସ୍କାର ପାଇବେ ବୋଲି ପୋଲିସ ଡିଜି ୱାଇବି ଖୁରାନିଆ ସୂଚନା ଦେଇଛନ୍ତି। ଟ୍ୱିଟ କରି ୩ ପୋଲିସ ଇନ୍ସପେକ୍ଟରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଡିଜିପି।

ଜୈନ ବିଶ୍ୱଭାରତୀ ଅନୁଷ୍ଠାନର ସମାବର୍ତ୍ତନ ସମାରୋହ

# ଚରିତ୍ର ନିର୍ମାଣ ଓ ଦକ୍ଷତା ବୃଦ୍ଧି ଶିକ୍ଷାର ମୂଳ ଉଦ୍ଦେଶ୍ୟ





ସୁରଟ/ଗୁଜୁରାଟ,୧୧।୧୧ : ଚରିତ୍ର ନିର୍ମାଣ ଓ ଦକ୍ଷତା ବୃଦ୍ଧି ଶିକ୍ଷାର ମୂଳ ଉଦ୍ଦେଶ୍ୟ। ଭାରତୀୟତା ମୂଲ୍ୟବୋଧ ଉପରେ ଆଧାରିତ ରାଷ୍ଟ୍ରୀୟ ଶିକ୍ଷା ନୀତି ; ଭବିଷ୍ୟତର ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବା ଦିଗରେ ଏକ ଅନନ୍ୟ ପଦକ୍ଷେପ ବୋଲି ସୋମବାର ଗୁଜୁରାଟର ସୁରଟରେ ଜୈନ ବିଶ୍ୱଭାରତୀ ଅନୁଷ୍ଠାନର ୧୫ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସମ୍ମାନ, ଡିଗ୍ରୀ ଏବଂ ପଦକଧାରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଯେ ଜୈନ ବିଶ୍ୱଭାରତୀ ଇନଷ୍ଟିଚ୍ୟୁଟ୍ ହେଉଛି ଅନୁଭୂତିମୂଳକ ଶିକ୍ଷାର ଏକ ବୃହତ ପ୍ରୟୋଗଶାଳା। ବିଶ୍ୱବିଦ୍ୟାଳୟ ସମାବର୍ତ୍ତନର ପରମ୍ପରା ଏହାର ଏକ ଜୀବନ୍ତ ଉଦାହରଣ। ଜୈନ ବିଶ୍ୱ ଭାରତୀ ଅନୁଷ୍ଠାନ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ବଟବୃକ୍ଷ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାକୃତ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଛନ୍ତି। ଏହି ଅନୁଷ୍ଠାନରେ ପ୍ରାକୃତ ଭାଷା ଉପରେ ଏକ ସ୍ୱତନ୍ତ୍ର ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ଆମର ଦାୟିତ୍ୱ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି ଯେ ଜୈନ ଧର୍ମର ମୂଲ୍ୟବୋଧ ଓ ଜୀବନ ଦର୍ଶନ ଆଜି ଏକ ବୈଶ୍ୱିକ ଆବଶ୍ୟକତା । ଜୈନ ବିଶ୍ୱଭାରତୀ ଅନୁଷ୍ଠାନ ବିକଶିତ ଭାରତର ଲକ୍ଷ୍ୟ ନେଇ ଆଗକୁ ବଢ଼ିବା ପାଇଁ ପ୍ରଚେଷ୍ଟା କରୁଥିବା ଏକ ସମ୍ମାନସ୍ପଦ ଶିକ୍ଷାନୁଷ୍ଠାନ । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ନେଇ ଯେଉଁ ସବୁ ଲକ୍ଷ୍ୟ ରଖାଯାଇଛି, ସେ ସବୁକୁ ନିଶ୍ଚୟ ପୂରଣ କରାଯିବ। ତେବେ ପରିବର୍ତ୍ତିତ ଟେକ୍ନୋଲୋଜି ଯୁଗରେ ଏକ ବଡ ଆହ୍ୱାନ ରହିଛି । ଆହ୍ୱାନଟି ହେଉଛି, ଆଗାମୀ ଦିନରେ 'ବିଜ୍ଞାନ ମଣିଷକୁ ଚଳାଇବ ନା ମଣିଷ ବିଜ୍ଞାନର ନିୟନ୍ତ୍ରକ ହେବ? ତେବେ ମୂଲ୍ୟବୋଧ, ସଂସ୍କାର ଓ ଉତ୍ତମ ବ୍ୟକ୍ତିତ୍ୱ ଦ୍ୱାରା ହିଁ ଏହି ଦ୍ୱନ୍ଦକୁ ଦୂର କରାଯାଇପାରିବ। ତେଣୁ ଏହି ଆଧାରରେ ଉକ୍ତ ଆହ୍ୱାନର ସମାଧାନ ଦିଗରେ ଆଗଭର ହେବା ପାଇଁ କେନ୍ଦ୍ରମନ୍ତ୍ରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଛନ୍ତି। ଜୈନ ବିଶ୍ୱଭାରତୀ ଅନୁଷ୍ଠାନ ଜ୍ଞାନର ବଡ ପୁଞ୍ଜି ହେଇ ମାନବତାକୁ ଏକ ନୂଆ ଜୀବନ ପ୍ରଦାନ କରିବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି ।

ଜୈନ ବିଶ୍ୱ ଭାରତୀ ଅନୁଷ୍ଠାନର ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ପ୍ରଧାନ ପରମ ପୂଜ୍ୟ ଆଚାର୍ଯ୍ୟ ଶ୍ରୀ ମହାଶ୍ରମଣଜୀଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ ।

## ସାହିତ୍ୟ ସମାଜର ଦିଗଦର୍ଶକ: ଡିଏଭି ୟୁନିଟ-୮ରେ ସାହିତ୍ୟ ସମ୍ମିଳନୀ



ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ) : ସାହିତ୍ୟ ପ୍ରତି ଉତ୍ସାହ ଓ ଉତ୍କଣ୍ଠାଭାବ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଡ଼ିଏଭି ୟୁନିଟ୍-୮ ରେ ଏକ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଶରତ ଚନ୍ଦ୍ର ଶତପଥୀ ଯୋଗଦେଇ ସାହିତ୍ୟ ସମାଜକୁ ଦିଗଦର୍ଶନ ଦେବା ସହିତ ଏକ ଉନ୍ନତ ରାଷ୍ଟ୍ର ଗଠନ ଦିଗରେ ମୁଖ୍ୟ। ଭୂମିକା ଗ୍ରହଣ କରିଥାଏ ଓ ସାହିତ୍ୟିକମାନେ କ୍ଷଣିକ ସଫଳତା ପଛରେ ନ ଯାଇ ସମାଜର ପରିବର୍ତ୍ତନ ପାଇଁ ଲେଖନୀ ଚାଳନା କରିବାକୁ ନିଜ ବକ୍ତବ୍ୟରେ । ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ଇପ୍ସିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତି ତ ଅତିଥି ପରିଚୟ ପ୍ର ପ୍ରଦାନ କରିଥିଲେ । ସାହିତ୍ୟ ହେଉଛି ସମାଜର ଦର୍ପଣ - ଏହି ଉକ୍ତିକୁ ପାଥେୟ କରି ବରେଣ୍ୟ ବିଷାରଦଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସଂଘମିତ୍ରା ମିଶ୍ର, ଲେଖକ ଯତୀନ୍ଦ୍ର କୁମାର ନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଜିତେନ୍ଦ୍ରନାଥ ମହାପାତ୍ର, ପ୍ରଫେସର ପ୍ରମୋଦ କୁମାର ଶତପଥୀ, ଶିକ୍ଷୟିତ୍ରୀ ସମ୍ପୂର୍ଣ୍ଣା ନନ୍ଦ, ପୂର୍ବତନ ଛାତ୍ରୀ ଇପ୍ସା ତ୍ରିପାଠୀ ପ୍ରମୁଖ ଯୋଗଦେଇ ସାହିତ୍ୟ ସମାଜର ବାର୍ତ୍ତାବହ ଓ ଏଥିରେ ଜୀବନର ଅନେକ ସମସ୍ୟାର ସମାଧାନର ସୂତ୍ର ଲୁଚି ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ ସନ୍ତୋଷ କୁମାର ଉପାଧ୍ୟାୟ ଓ ଅଭିଭାବକଗଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରତିଭାବାନ ଲେଖକ, ଅଭିଭାବକ ଓ ଛାତ୍ରୀଙ୍କ ଦ୍ୱାରା ରଚିତ ପୁସ୍ତକ ଲୋକାର୍ପିତ ହେବା ସହିତ ସେମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ହିନ୍ଦୀ, ଇଂରାଜୀ, ଓଡ଼ିଆ ଓ ସଂସ୍କୃତ ଭାଷାରେ ମନଛୁଆଁ ନାଟକ ଓ ନୃତ୍ୟଗୀତ ପରିବେଷଣ କରିଥିଲେ ।

## ପଞ୍ଚୁକରେ ସିଂହଦ୍ୱାରରେ ଯିବେ ଭକ୍ତ

ପୁରୀ,୧୧।୧୧ (ସଂଚାର ବ୍ୟୁରୋ): ଚଳିତ ବର୍ଷ ପଞ୍ଚୁକ ପାଞ୍ଚଦିନ ପରିବର୍ତ୍ତେ ଚାରିଦିନ ପଡୁଥିବାରୁ ଏହି ସମୟରେ ଶ୍ରୀମନ୍ଦିରରେ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଲାଗିବ। ଏହାକୁ ଦୃଷ୍ଟିରେ ରଖି ପୁରୀ ପୁଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ, ଭକ୍ତଙ୍କ ସୁରକ୍ଷା ଏବଂ ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ପୁରୀ ଏସପି। ମଙ୍ଗଳବାର ଦେବୋତ୍ଥାପନ ଏକାଦଶୀରେ ଚତୁର୍ଦ୍ଧାମୂର୍ତ୍ତି ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେବେ। ୧୩ ତାରିଖରେ ବାଙ୍କଚୂଡ଼ା ବେଶ, ୧୪ ତାରିଖରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୧୫ ତାରିଖ ପୂର୍ଣ୍ଣିମା ଦିନ ରାଜାଧିରାଜ ବା ସୁନାବେଶରେ ଦର୍ଶନ ଦେବେ ଚତୁର୍ଦ୍ଧା ବିଗ୍ରହ। ଚଳିତ ବର୍ଷ ତିଥିରେ କ୍ଷୟ ପଡୁଥିବାରୁ ମହାପ୍ରଭୁଙ୍କର ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହେବ ନାହିଁ। ମହାପ୍ରଭୁଙ୍କ ଏହି ସ୍ୱତନ୍ତ୍ର ବେଶ ଦର୍ଶନ କରିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ହବିଷ୍ୟାଳିଙ୍କ ଭିଡ଼ ଜମିବ। ସେମାନେ ମରଚିକୋଟ ଛକଠାରୁ ବ୍ୟାରିକେଡରେ ପ୍ରବେଶ କରିବା ପରେ ଲମ୍ବା ଧାଡିରେ ଆସି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବେ। ସେଠାରୁ ଦୋଳବେଦୀ କୋଣ ସମ୍ମୁଖ ବ୍ୟାରିକେଡ ଦେଇ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା ପରେ ସେଠାରୁ ଦଫା ଦଫା ହୋଇ ବାଇଶି ପାହାଚ ପରେ ସାତ ପାହାଚ ଦେଇ ନାଟମଣ୍ଡପର ବାହାର କାଠ ନିକଟରୁ ଦର୍ଶନ କରିବେ। ଭିତର କାଠ ଦର୍ଶନ ପଞ୍ଚୁକରେ ବନ୍ଦ ରହିବ।

## ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହନ ପାଇଁ ହେବ ରୋଡ୍‌ମ୍ୟାପ



ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀରେ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ନେଇ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରୁ ଯୋଗ ଦେଇଥିବା ଅଂଶଗ୍ରହଣକାରୀ ମତବ୍ୟକ୍ତ କରିଥିଲେ ।

ସମାରୋହରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଜଳବାୟୁ ସହନଶୀଳ ଓ ପାରମ୍ପରିକ ଖାଦ୍ୟକୁ ପୁନରୁଦ୍ଧାର ଏବଂ ଚିରନ୍ତନ କୃଷି ଓ ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବା ନେଇ ମିଳିମିଶି କାର୍ଯ୍ୟ କରିବୁ। ଏହି ପ୍ରୟାସକୁ ସମର୍ଥନ କରୁଥିବା ହିତାଧିକାରୀ ଓ ସଂଗଠନମାନଙ୍କୁ ସେ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଓଡ଼ିଶାରେ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟର ପୁନଃରୁଦ୍ଧାର କରିବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି ଯେ, ଶ୍ରୀଅନ୍ନକୁ ସମସ୍ତଙ୍କ ଖାଦ୍ୟଥାଳିରେ ସାମିଲ କରିବାକୁ ହେବ। ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଖାଦ୍ୟରେ ମାଣ୍ଡିଆ ଦିଆଯିବା ପାଇଁ ସରକାର ଯୋଜନା କରୁଛନ୍ତି। ମିଲେଟ୍ ଶକ୍ତି କାଫେ, ଟିଫିନ ସେଣ୍ଟର ଏବଂ ମିଲେଟ୍ ମଦର କାର୍ଯ୍ୟକ୍ରମରେ ଆମେ ଆଦିବାସୀ ସମ୍ପ୍ରଦାୟଙ୍କୁ ସାମିଲ କରି ଏହି ଜଳବାୟୁ ସହନଶୀଳ ଶସ୍ୟକୁ ଆହୁରି ବ୍ୟାପକ କରିପାରିବା। ମିଶନ ଶକ୍ତି ଦ୍ୱାରା ପରିଚାଳିତ ୨୬୩ଟି ମିଲେଟ୍ ଟିଫିନ୍ ସେଣ୍ଟର ରାଜ୍ୟରେ ରହିଥିବାବେଳେ ୩୩ଟି ମିଲେଟ୍ କାଫେ ଖୋଲାଯାଇଛି ।

ଅନ୍ୟତମ ଅତିଥିଭାବେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ମିଳିତ ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଷ୍ଟ୍ର ନିର୍ଦ୍ଦେଶିକା ଏଲିଜାବେଥ ଫୌର, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଭାତ କୁମାର ରାଉଳ, କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ପ୍ରମୁଖ ଯୋଗ ଦେଇଥିଲେ ।

ସମ୍ମିଳନୀର ୨ୟ ଦିବସରେ ବିସ୍ମୃତ ଖାଦ୍ୟ ଶସ୍ୟର ଜୈବିକ ଚାଷ ପଦ୍ଧତି ସମ୍ପର୍କରେ ଜନଜାତି ସମ୍ପ୍ରଦାୟଙ୍କ ଅଭିଜ୍ଞତା, ବିସ୍ମୃତ ଖାଦ୍ୟଶସ୍ୟର ବିହନ ଉତ୍ପାଦନକୁ ପ୍ରୋତ୍ସାହନ ଭଳି ୫ଟି ବିଷୟବସ୍ତୁକୁ ନେଇ ଆୟୋଜିତ ଅଧିବେଶନରେ ଆଲୋଚନା କରାଯାଇଥିଲା। ସମ୍ମିଳନୀ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ, ନୀତି ନିର୍ଦ୍ଧାରକ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ, ଗବେଷଣା ପ୍ରତିଷ୍ଠାନ, ସ୍ୱାସ୍ଥ୍ୟ ଅନୁଷ୍ଠାନ, ହୋଟେଲ ଆସୋସିଏସନ୍, ସେଫ୍ ସଂଗଠନ, ବ୍ଲଗର୍ ଏବଂ ଛାତ୍ରଛାତ୍ରୀଙ୍କ ସମେତ ବହୁ ହିତାଧିକାରୀଙ୍କୁ ସାମିଲ କରାଯାଇ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ନେଇ ଲକ୍ଷ୍ୟ ରଖାଯାଇଥିଲା। ଏହି ଅବସରରେ 'ବିସ୍ମୃତ ଖାଦ୍ୟର ମହକ - ଓଡ଼ିଶାର ଖାଦ୍ୟ ସମ୍ଭାର' ଶୀର୍ଷକ ରନ୍ଧନ ପୁସ୍ତକ, ପୁଷ୍ଟିଶସ୍ୟଭିତ୍ତିକ ଆଦି ଅନ୍ନ ପୁସ୍ତକ ଓ ଅମଳ ପରବର୍ତ୍ତୀ ପଡିଆ ଜମି ପରିଚାଳନାର ସଂକଳନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାସହିତ ପୁଷ୍ଟିଶସ୍ୟ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କଟକ ଜିଲ୍ଲାର ଦୁଲଣପୁର, ନବରଙ୍ଗପୁର ଜିଲ୍ଲାର ସାଲିନି ଏବଂ ବଲାଙ୍ଗୀର ଜିଲ୍ଲାର ଶ୍ୟାମା ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା।

ନିଶା ନିବାରଣ ନାଁରେ ନିର୍ଯାତନା

## କେତେ ମୁଣ୍ଡ ଗଡ଼ିଲେ ଚେତିବ ପୋଲିସ



ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ସୁଧାର ଗୃହରେ ସୀମା ଟପୁଛି ଅତ୍ୟାଚାର, ଗଡୁଛି ମୁଣ୍ଡ। ନିଶା ଛଡ଼ାଇବାକୁ ସୁଧାର ଗୃହକୁ ଆସିଥିବା ଲୋକଙ୍କୁ ପଶୁଠୁ ହୀନ ବ୍ୟବହାର କରାଯାଇଛି। ଏହାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା ଏଭଳି ଘଟଣାର ବାରମ୍ବାର ପୁନରାବୃତ୍ତି ହେଉଛି। ସୋମବାର ସକାଳୁ ୩୬ ବର୍ଷୀୟ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଖଣ୍ଡଗିରି ଥାନା ବାହାଦଲପୁରରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ୟୁନିଟ ୬ ଅଞ୍ଚଳର ୩୬ ବର୍ଷିୟ ସୁମନ୍ତ ପଣ୍ଡା। ମୃତଦେହ କ୍ୟାପିଟାଲ ହସ୍ପିଟାଲରେ ପହଁଚିବା ପରେ ବ୍ୟବଚ୍ଛେଦ କରାଯାଇଛି। ରବିବାର ରାତିରେ ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଆଜି ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତାଙ୍କୁ ପିଟିପିଟି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ସନ୍ଦେହ ହେବା ପରେ ପୁରା ଘଟଣାର ଛାନଭିନ କରିଛି ପୋଲିସ। ଏ ନେଇ ଖଣ୍ଡଗିରି ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ନିଶା ନିବାରଣ କେନ୍ଦ୍ର ମାଲିକଙ୍କୁ ପଚରାଉଚରା କରିଛି। ସିସିଟିଭି ଯାଞ୍ଚ ପରେ ସବୁ ସତ୍ୟ ପଦାକୁ ଆସିବ ବୋଲି କହିଛି ପୋଲିସ।

ସେପଟେ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ ଜରିଆରେ ଏନଜିଓ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଛତୁ ଫୁଟିବା ଭଳି ନିଶା ନିବାରଣ କେନ୍ଦ୍ର ଖୋଲୁଛନ୍ତି। ଠିକ୍ ସମୟରେ ଏସବୁର ତଦାରଖ ମଧ୍ୟ ହେଉ ନାହିଁ। ଅନଭିଜ୍ଞ କର୍ମଚାରୀ ଓ ସୁରକ୍ଷାରେ ଅଭାବ ଓ ସିସିଟିଭି ବ୍ୟବହାର କୁ ଗୁରୁତ୍ୱ ଦିଆଯାଉନାହିଁ। କିଛି ଦିନ ତଳେ 'ସ୍ୱୀକାର' ନାମକ କେନ୍ଦ୍ରରେ ଝରଣାସହିର କାଳୁ ନାୟକଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ଧଉଳି ଥାନା ଅନ୍ତର୍ଗତ ସରଦେଇପୁର ଠାରେ ଥିବା 'ଶ୍ରଦ୍ଧା' ନିଶା ନିବାରଣ ଗୃହ ବିରୋଧରେ ସମାନ ଅଭିଯୋଗ ଆସିଥିଲା। ଏହା ପୂର୍ବରୁ ପାଣ୍ଡରା ଅଞ୍ଚଳରେ ଥିବା ସାଇକ୍ରପା ଡିଆଡିକ୍ସନ ସେଣ୍ଟରରେ ସର୍ବେଶ୍ୱର ବେହେରାଙ୍କୁ ପିଟିପିଟି ମାରିବା ଘଟଣାରେ ୩ ଜଣ ଗିରଫ ହୋଇଥିଲେ। ଏହା ପୂର୍ବରୁ ପାଣ୍ଡରା ଅଞ୍ଚଳରେ ଥିବା କୃପା ଫାଉଣ୍ଡେସନ ଓ ଉତ୍ତରାରେ ଥିବା ଦିଶା ଫାଉଣ୍ଡେସନ ରେ ମଧ୍ୟ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଏଭଳି ଘଟଣାରେ ଏସ୍‌ଓପି କଡାକଡି ପାଳନ ସହ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ କହିଛନ୍ତି ଭୁବନେଶ୍ୱର ଡିସିପି। ନିବାରଣ ନାଁରେ ନିର୍ଯାତନା ଦେଉଥିବା କିଛି ସଂସ୍ଥାକୁ ବ୍ଲାକଲିଷ୍ଟ କରିବା ସହ ସଂସ୍ଥା ମୁଖ୍ୟଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କଲେ ହୁଏତ ଏଭଳି ଘଟଣାରେ ରୋକ ଲାଗିପାରନ୍ତା।

## ୧୫ରୁ ବଢ଼ିବ ଶୀତ

### ତାପମାତ୍ରା ୨ରୁ ୪ ଡିଗ୍ରୀ କମିବ

ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ସଂପ୍ରତି କିଛି ଜିଲ୍ଲାକୁ ବାଦ୍ ଦେଲେ ରାଜ୍ୟରେ ହାଲକା ଶୀତ ଅନୁଭୂତ ହେଉଛି। କିନ୍ତୁ ୧୫ ତାରିଖ ପରେ ରାଜ୍ୟରେ ଶୀତ ଅନୁଭବ ହେବ ଓ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବ। ସଂପ୍ରତି ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନଥିବା ବେଳେ ରାଜ୍ୟ ପାଇଁ ବଡ ବର୍ଷା ଏବଂ ଚେତାବନୀ ନ ଥିବା କହିଛି ପାଣିପାଗ ବିଭାଗ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର ଏବଂ ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା ଜିଲ୍ଲାରେ ହାଲକା ବର୍ଷା ହେବାର ସମ୍ଭାବନା ଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ୧୩ ତାରିଖ ଏବଂ ଆଗାମୀ ଦିନରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଆଗାମୀ ୫ ଦିନ ପାଇଁ କୌଣସି ଚେତାବନୀ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି।

# ମ୍ୟାରିଟାଇମ୍ ମ୍ୟୁଜିୟମ୍‌ରେ ବ୍ୟାପକ ଅନିୟମିତତା

ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ମୋ କଟକ ସୁରକ୍ଷା ମଞ୍ଚ




ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ଓଡିଶାର ଏକ ସର୍ବବୃହତ ନୌବାଣିଜ୍ୟ ସଂଗ୍ରହାଳୟ କଟକ ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟ ଯାହାକି ଦେଢ଼ଶହ ବର୍ଷର ଏକ ସ୍ମାରକୀ। ଯୋବ୍ରା ମେକାନିକାଲ ୱାର୍କସପରେ ୨୦୧୩ମସିହା ଏପ୍ରିଲ ୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସଂଗ୍ରହାଳୟକୁ ଉଦ୍‌ଘାଟନ କରିଥିଲେ। ୨୦୧୪ ଅଗଷ୍ଟ ୨୧ତାରିଖରେ ଆକ୍ୱାରିୟମ୍ ଓ ୨୦୧୭ଅପ୍ରେଲ ୨୧ତାରିଖରେ ପ୍ରେକ୍ଷାଳୟ ଉଦ୍‌ଘାଟନ ହୋଇଥିଲା।ଏହାକୁ ରାଜ୍ୟ ସରକାର ଯେଉଁ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟରେ ନିର୍ମାଣ କରିବା ସହ କୋଟିକୋଟି ଅର୍ଥ ବ୍ୟୟ କରୁଛନ୍ତି ତାହା ସଠିକ କାର୍ଯ୍ୟରେ ଲାଗୁ ନ ଥିବା ଦେଖାଯାଉଛି। କିଛି ମୁଷ୍ଟିମେୟ ଅଧିକାରୀ ଠିକାସଂସ୍ଥା ସହ ମଧୁଚନ୍ଦ୍ରିକାରେ ଦୁଧିଆଳୀ ଗାଈ ପରି ଲୁଟିବାରେ ଲାଗିଛନ୍ତି, ଯାହାକି ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଲେ ତଥ୍ୟ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ମୋ କଟକ ସୁରକ୍ଷା ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁ।

ନୌବାଣିଜ୍ୟ ସଂଗ୍ରହାଳୟ ରକ୍ଷାଣବେକ୍ଷଣ ଏବଂ କର୍ମଚାରୀଙ୍କ ଦରମା ଦେବାପାଇଁ ସରକାରଙ୍କ ଏକ ୮କୋଟିର କର୍ପସ୍ ଫଣ୍ଡ ବର୍ତ୍ତମାନ ୩୦କୋଟିରେ ପହଞ୍ଚିଲାଣି। ଏହା ଏକ ସ୍ୱୟଂଚାଳିତ ସଂସ୍ଥା। ମାତ୍ର ନୌବାଣିଜ୍ୟ ସଂଗ୍ରହାଳୟର ଉନ୍ନତୀକରଣ, ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟକରଣ କରୁଥିବା ଠିକାସଂସ୍ଥା ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଏବଂ କର୍ମଚାରୀଙ୍କ ପ୍ରାପ୍ୟ ପ୍ରଦାନରେ ଚଞ୍ଚକତା କରି ବ୍ୟାପକ ଅର୍ଥ ହରିଲୁଟ୍ ଯୋଗୁଁ ସୂଚନା ଅଧିକାର ଆଇନରେ ତଥ୍ୟ ମିଳୁନାହିଁ।

ବିଭାଗୀୟ କର୍ତ୍ତୃପକ୍ଷ ସର୍ବେସର୍ବା ହୋଇ ବେଆଇନ କାର୍ଯ୍ୟକୁ ପ୍ରଶୟ ଦେଉଥିବା ଅଭିଯୋଗ କରିଛନ୍ତି ମଞ୍ଚ ସଭାପତି ଅକ୍ଷୟ ପଣ୍ଡା। ନୌବାଣିଜ୍ୟ ସଂଗ୍ରହାଳୟ ଆରମ୍ଭ ଠାରୁ ଆଜିପର୍ଯ୍ୟନ୍ତ ଉନ୍ନତୀକରଣ, ମରାମତି ଓ ରକ୍ଷାଣବେକ୍ଷଣ ପାଇଁ କୋଟିକୋଟି ଅର୍ଥ ବ୍ୟୟ ହେଉଥିବା ବେଳେ ଏହାର ତଥ୍ୟ ସୂଚନା ଅଧିକାର ଆଇନରେ ମିଳୁନାହିଁ। ଏହି କାର୍ଯ୍ୟ ନିର୍ଦ୍ଦିଷ୍ଟ ଠିକାଦାର କରୁଥିବା ଯୋଗୁଁ ନିମ୍ନମାନର କାର୍ଯ୍ୟ କରି ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ହେଉଥିବା ସ୍ଥଳେ ବିଭାଗୀୟ ଅଧିକାରୀ ନୀରବ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆକ୍ୱାରିୟମ୍ ରକ୍ଷଣାବେକ୍ଷଣ ଏବଂ ଏହାକୁ ସଠିକ ଭାବରେ ପରିଚାଳନା କରିବା ପାଇଁ ଅଣତାଲିମ ପ୍ରାପ୍ତ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇ ମାସିକ ୫ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ପ୍ରଦାନ କରାଯାଇଛି। ମାତ୍ର ଠିକାସଂସ୍ଥା ସଠିକ ଭାବରେ ରକ୍ଷଣାବେକ୍ଷଣ କରୁନି। ଠିକାସଂସ୍ଥାର ବିଲରେ ବିଭାଗୀୟ ଅଧିକାରୀଙ୍କ ଘନିଷ୍ଠ ସହଯୋଗୀ ତଥା ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦସ୍ତଖତ ମାରୁଛି। ୪ ଡି ଏସଏଫଏକ୍ସ ପ୍ରେକ୍ଷାଳୟ ଯେଉଁ ଠିକାସଂସ୍ଥାକୁ ଦିଆଯାଇଛି ଏହା କେଉଁ ଆଧାରରେ ଏବଂ ମାସିକ କେତେ ଅର୍ଥ ଦିଆଯାଇଛି ଏହାର ତଥ୍ୟ ସୂଚନାଅଧିକାର ଆଇନରେ ମିଳୁନାହିଁ। ପ୍ରେକ୍ଷାଳୟରେ ୪୮ଟି ସିଟ୍ ମଧ୍ୟରୁ ଅର୍ଦ୍ଧାଧିକ ସିଟ୍ ଦୀର୍ଘବର୍ଷ ହେବ ଅଚଳ ଅବସ୍ଥାରେ ପଡ଼ିରହିଛି। ତେଣୁ ପର୍ଯ୍ୟଟକ ନିରାଶ ହେଉଛନ୍ତି। ଏହା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ ପ୍ରୋତ୍ସାହନ ଦେଉଛନ୍ତି।

କର୍ମଚାରୀଙ୍କୁ ଉଚିତ ପ୍ରାପ୍ୟ ପ୍ରଦାନ କରାଯାଉ ନ ଥିବାରୁ କର୍ମଚାରୀମାନେ ବିଭିନ୍ନ ବିଭାଗକୁ ଲିଖିତ ଅଭିଯୋଗ କରିଛନ୍ତି। କେତେକ ବାହାରେ କାର୍ଯ୍ୟ କରୁଥିବା ସତ୍ତ୍ୱେ ସେମାନଙ୍କ ଉପସ୍ଥାନ ଖାତାରେ ନକଲି ଦସ୍ତଖତ ମାରି ଏହି ଅର୍ଥ କିଏ ନେଉଛନ୍ତି? କର୍ମଚାରୀଙ୍କ ଦରମା ହଠାତ କମାଇଦେବା ଏବଂ କୁଶଳୀ ଶ୍ରମିକଙ୍କୁ ଅର୍ଦ୍ଧକୁଶଳୀ, ଅଣକୁଶଳୀ କେଉଁ ଆଧାରରେ କେଉଁ ଅଧିକାରୀ କରିଛନ୍ତି ଏହାର ସଠିକ ବିବରଣୀ ପ୍ରଦାନ କରାଯାଉନାହିଁ। ସୋଭେନିୟର ସପକୁ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ବ୍ୟବସାୟ କେନ୍ଦ୍ର କରିଛନ୍ତି। ସୋଭନିୟର ସପରେ ବେଆଇନ ଭାବେ ଖାଦ୍ୟ ସାମଗ୍ରୀର ବିକ୍ରୀ ଯୋଗୁଁ ସଂଗ୍ରହାଳୟରେ ଥିବା କାଫେଟେରିଆକୁ ଟେଣ୍ଡର ସତ୍ତ୍ୱେ କେହି ନେବାପାଇଁ ରାଜି ହେଉନାହାଁନ୍ତି। ବ୍ୟାପକ ଅନିୟମିତତା ଓ କର୍ମଚାରୀଙ୍କ ଅସନ୍ତୋଷ ଯୋଗୁଁ ଦର୍ଶକଙ୍କ ସଂଖ୍ୟା କମିବାରେ ଲାଗିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ କୁ ଶ୍ରୀ ସାହୁଙ୍କ ନେତୃତ୍ୱରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରଯାଇଛି।

ବିଦ୍ୟାର୍ଥୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

## ଅଡ଼ିଓ-ଭିଜୁଆଲ ଟେକ୍ନିସିଆନରେ ଦକ୍ଷତା ବୃଦ୍ଧି କର

ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ): ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଡିଓ-ଭିଜୁଆଲ ଟେକ୍ନିସିଆନ କର୍ମବିଦ୍ୟା ସମ୍ପର୍କରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଦକ୍ଷତା ବୃଦ୍ଧି, ବୃତ୍ତିଗତ ତଥା କାର୍ଯ୍ୟ ପରିସରଭୁକ୍ତ କୌଶଳ ବୃଦ୍ଧି ନିମନ୍ତେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍ ରୁମ୍ସ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ରେ ଏହାର ଶୁଭାରମ୍ଭ ହୋଇଯାଇଛି । ଏହି ପ୍ରଶିକ୍ଷଣରେ ଖୋର୍ଦ୍ଧା, ଅନୁଗୁଳ ଓ କେନ୍ଦ୍ରାପଡା ଜିଲ୍ଲାର ୩୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଫେସର ତିଲୋତ୍ତମା ସେନାପତି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟକୁ ଆଲୋକପାତ କରିଛନ୍ତି। ସେ କହିଛନ୍ତି, କୁଶଳୀ ଭାରତ ଗଢ଼ିବାର ପ୍ରୟାସ ଓ ନୂତନ ଶିକ୍ଷାନୀତି ୨୦୨୦ ଆଧାରରେ ଛାତ୍ରଛାତ୍ରୀମାନଙ୍କୁ ଉଭୟ ବିଷୟ ଓ ବୃତ୍ତିଗତ ଦକ୍ଷତା ବୃଦ୍ଧି କରାଇବା ବର୍ତ୍ତମାନ ଶିକ୍ଷାନୀତିର ମୂଳମନ୍ତ୍ର। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟାର ନୂତନ ଶିକ୍ଷାନୀତିରେ ଧନ୍ଦାମୂଳକ ଶିକ୍ଷାର ପ୍ରାଧ୍ୟାନ୍ୟ ଓ ପରିବର୍ତ୍ତନ କିପରି ଆମ ଯୁବପିଢ଼ିଙ୍କର ଦକ୍ଷତା ବୃଦ୍ଧି ପାଇଁ ଦିଗଦର୍ଶନ ଦେଇଥିଲେ। ସିଟିଟିସିର ସିନିୟର୍ ମ୍ୟାନେଜର ଡ଼ କେ.ଏମ. ରାଜନ୍ ଆୟୋଜିତ ପ୍ରଶିକ୍ଷଣ ବ୍ୟବସ୍ଥା ଓ ଛାତ୍ରଛାତ୍ରୀଙ୍କର ଦକ୍ଷତା ବୃଦ୍ଧି ପାଇଁ ବ୍ୟବସ୍ଥିତ କୌଶଳ ଭିତ୍ତିକ ପ୍ରଶିକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ଦେବାଶିଷ ଦେଓ ପରିଚାଳନା କରିଥିଲା ବେଳେ ସିନିୟର ମ୍ୟାନେଜର ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ବେପାରରେ ବଡ଼ ଝଟ୍କା

## ରିଲାଏନ୍ସ ସମେତ ୬ ଭାରତୀୟ କମ୍ପାନୀର ୧.୫୫ ଲକ୍ଷ କୋଟି କ୍ଷତି



**ନୂଆଦିଲ୍ଲୀ,୧୧।୧୧:** ଭାରତୀୟ ବଜାରର ଟପ ମାର୍କେଟ କ୍ୟାପ କମ୍ପାନୀଗୁଡିକୁ ଗତ ସପ୍ତାହରେ ବଡ଼ ଝଟକା ଲାଗିଛି। ଦେଶର ୧୦ଟି ସବୁଠୁ ମୂଲ୍ୟବାନ କମ୍ପାନୀ ମଧ୍ୟରୁ ଗୋଟିଏ ସପ୍ତାହରେ ୬ଟି କମ୍ପାନୀର ମାର୍କେଟ କ୍ୟାପ ଖସିଯାଇଛି। ଏହି କମ୍ପାନୀଗୁଡିକର ସମୁଦାୟ ୧.୫୫ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଛି, ଯେଉଁଥିରେ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରୀଜକୁ ସବୁଠାରୁ ବଡ଼ କ୍ଷତିର ସାମ୍ନା କରିବାକୁ ପଡିଛି। ଅନ୍ୟ ପକ୍ଷରେ ରତନ ଟାଟାଙ୍କ ଟାଟା କଂସଲ୍ଟେନ୍ସି ସର୍ଭିସେଜ(ଟିସିଏସ) ଭଲ ଲାଭ କରିଛି। ବିଏସଇ ବେଞ୍ଚମାର୍କ ଇଣ୍ଡେକ୍ସରେ ୨୩୭.୮ ସଂଖ୍ୟାର ହ୍ରାସ କାରଣରୁ ରିଲାଏନ୍ସ ଇଣ୍ଡଷ୍ଟ୍ରୀଜ, ଭାରତୀୟ ଏୟାରଟେଲ, ଆଇସିଆଇସିଆଇ ବ୍ୟାଙ୍କ, ଆଇଟିସି, ଏଲଆଇସି ଏବଂ ହିନ୍ଦୁସ୍ତାନ ୟୁନିଲିଭର ଭଳି କମ୍ପାନୀଗୁଡିକର ମାର୍କେଟ କ୍ୟାପରେ ହ୍ରାସ ଦେଖିବାକୁ ମିଳିଛି। ଅନ୍ୟପକ୍ଷେ, ଟିସିଏସ, ଏଚଡିଏଫସି ବ୍ୟାଙ୍କ, ଇନଫୋସିସ ଏବଂ ଏସବିଆଇକୁ ଏହି ଅବଧିରେ ଭଲ ପ୍ରଫିଟ ମିଳିଛି। ଆସନ୍ତୁ ଜାଣିବା ଏକ ସପ୍ତାହରେ କେଉଁ କମ୍ପାନୀକୁ କେତେ କ୍ଷତି ହୋଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରୀଜ: କମ୍ପାନୀର ମାର୍କେଟ କ୍ୟାପ ୭୪,୫୩୬.୩୭ କୋଟି ଟଙ୍କା ହ୍ରାସ ଘଟି ୧୭,୩୭,୫୫୬.୬୮ କୋଟି ଟଙ୍କା ରହିଛି। ଭାରତୀ ଏୟାରଟେଲ: ଭାରତୀ ଏୟାରଟେଲର ମାର୍କେଟ କ୍ୟାପ ୨୬,୨୭୪.୭୫ କୋଟି ଟଙ୍କାର ହ୍ରାସ ସହ ୮,୯୪,୦୨୪.୬୦ କୋଟି ଟଙ୍କା ରହିଛି। ଆଇସିଆଇସିଆଇ ବ୍ୟାଙ୍କ: ଏହି ବ୍ୟାଙ୍କର ମାର୍କେଟ କ୍ୟାପ ୨୨,୨୫୪.୭୯ କୋଟି ଟଙ୍କାର ହ୍ରାସ ପାଇ ୮,୮୮,୪୩୨.୦୬ କୋଟି ଟଙ୍କା ରହିଛି। ଆଇଟିସି: ଏହାର ମାର୍କେଟ କ୍ୟାପ ୧୫,୪୪୯.୪୭ କୋଟି ଟଙ୍କାର ହ୍ରାସ ସହ ୫,୯୮,୨୧୩.୪୯ କୋଟି ଟଙ୍କା ରହିଯାଇଛି। ଏଲଆଇସି: ଏହାର ମାର୍କେଟ କ୍ୟାପରେ ୯,୯୩୦.୨୫ କୋଟି ଟଙ୍କାର ହ୍ରାସ ଘଟିଛି, ଯାହାପରେ ଏହାର ମୂଲ୍ୟ ୫,୭୮,୫୭୯.୧୬ କୋଟି ଟଙ୍କା ରହିଛି। ହିନ୍ଦୁସ୍ତାନ ୟୁନିଲିଭର: ୭,୨୪୮.୪୯ କୋଟି ଟଙ୍କାର ହ୍ରାସ ସହ ୫,୮୯,୧୬୦.୦୧ କୋଟି ଟଙ୍କା ରହିଛି।



## ମହିନ୍ଦ୍ରା ଇଲେକ୍ଟ୍ରିକ୍ ଏସ୍‌ୟୁଭିର ଟିଜର ରିଲିଜ

**ନୂଆଦିଲ୍ଲୀ,୧୧।୧୧:** ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା (ଏମ୍ ଆଣ୍ଡ୍ ଏମ୍ ବା ମହିନ୍ଦ୍ରା)ର ବହୁ ପ୍ରତୀକ୍ଷିତ ଯାନ ତଥା ଇଲେକ୍ଟ୍ରିକ୍ ଏସ୍‌ୟୁଭି 'ଏକ୍ସଇଭି ୯ଇ ଓ ବିଇ ୬ଇ'ର ଟିଜର ରିଲିଜ ନିକଟରେ ହୋଇଯାଇଛି। ଏପରିକି ୨୦୨୪ ନଭେମ୍ବର ୨୬ରେ ଏହାର ଅନଲିମିଟ୍ ଇଣ୍ଡିଆ ୱାର୍ଲ୍ଡ ପ୍ରିମିୟର କାର୍ଯ୍ୟକ୍ରମ ଚେନ୍ନାଇଠାରେ ଅନୁଷ୍ଠିତ ହେବାକୁ ଯାଉଛି। ସେହିଭଳି ଇଲେକ୍ଟ୍ରିକ୍ ଅରିଜିନ୍ ଆଇଏନ୍‌ଜିଏଲ୍‌ଓ ଢାଞ୍ଚାରେ ନିର୍ମିତ ଏହି ୨ଟି ମଡେଲକୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯିବ। ଏପରିକି ଆଇଏନ୍‌ଜିଏଲ୍‌ଓ ଢାଞ୍ଚାରେ ପ୍ରସ୍ତୁତ କରାଯାଇଥିବା ଏହି ମଡେଲ ଦ୍ୱୟ ଗ୍ରାହକଙ୍କ ହୃଦୟରେ ଭାରତୀୟ ଓ ଆଭିମୁଖ୍ୟ ବିଶ୍ୱସ୍ତରୀୟ ହୋଇଥିବାବେଳେ ଏଥିରେ ବିଭିନ୍ନ ଇଣ୍ଟେଲିଜେଣ୍ଟ ଓ ଆକର୍ଷଣୀୟ ନବସୃଜନ ଅନ୍ତର୍ଭୁକ୍ତ ରହିଛି। ଏହି ଶ୍ରେଣୀର ଅଗ୍ରଣୀ ସୁରକ୍ଷା ମାନକଠାରୁ ଆରମ୍ଭ କରି ଉନ୍ନତ ପ୍ରଦର୍ଶନ, ରେଞ୍ଜ ଓ ଦକ୍ଷତା ସହିତ ଆଇଏନ୍‌ଜିଏଲ୍‌ଓକୁ ବିବିଧ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଲାଗି ପ୍ରସ୍ତୁତ କରାଯାଇଛି। ସେହିପରି ଏକ୍ସଇଭି ୯ଇ ବିଳାସପୂର୍ଣ୍ଣ ଇଲେକ୍ଟ୍ରିକ୍ ଯାନକୁ ପୁନଃ ପରିକଳ୍ପନା ଏବଂ ବିଇ ୬ଇ ବଳିଷ୍ଠ, ସୌନ୍ଦର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ପ୍ରଦାନ କରିବ।

## ୮୦,୦୦୦ ଡଲାର ଉପରେ ବିଟ୍ କଏନ୍



**ନୂଆଦିଲ୍ଲୀ,୧୧।୧୧:** ବର୍ତ୍ତମାନ ସମୟରେ ବିଟ୍ କଏନ୍ କାରବାରକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜାରି ରହିଛି। ଏପରିକି ପ୍ରଥମ ଥର ପାଇଁ ବିଟ୍ କଏନ୍‌ର ମୂଲ୍ୟ ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ରବିବାର ବିଟ୍ କଏନ୍ ମୂଲ୍ୟରେ ୪.୭% ବୃଦ୍ଧି ଘଟି ୮୦,୦୯୨ ଡଲାରରେ ପହଞ୍ଚିଛି। ଏହା ପୂର୍ବରୁ ବିଟ୍ କଏନ୍‌ର ମୂଲ୍ୟ ୭୯,୭୦୦ ଡଲାର ଥିଲା। ସେହିଭଳି ଗତ କିଛି ସପ୍ତାହ ହେବ ବିଶ୍ୱସ୍ତରରେ ଡିଜିଟାଲ କାରବାର (କ୍ରିପ୍ଟୋକରେନ୍ସି)ରେ ସୁଧାର ଆସିଥିଲାବେଳେ ବିଭିନ୍ନ ବର୍ଗର ନିବେଶକ ଡିଜିଟାଲ କାରବାରକୁ ଅଧିକ ସୁରକ୍ଷିତ ଓ ଶକ୍ତିଶାଳୀ ମନେ କରୁଥିବାରୁ ଉଭୟ ବଜାର ଓ ବ୍ୟବସାୟୀ ଡିଜିଟାଲ କାରବାରରେ ନିବେଶ କରୁଛନ୍ତି। ଫଳରେ ବିଟ୍ କଏନ୍‌ର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଅପରପକ୍ଷରେ ଆମେରିକାର ପ୍ରେସିଡେଣ୍ଟ ନିର୍ବାଚନ ଓ ଟ୍ରମ୍ପଙ୍କ ଐତିହାସିକ ବିଜୟ ଫଳାଫଳ ମଧ୍ୟ ଡିଜିଟାଲ କାରବାର ଓ ବିଟ୍ କଏନ୍ ମୂଲ୍ୟର ଅନ୍ୟତମ ପ୍ରମୁଖ କାରଣ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିପରି ଦୀର୍ଘ ଦିନ ଧରି ଚର୍ଚ୍ଚା ପରିସରରୁ ବାହାରି ଯାଇଥିବା ବିଟ୍ କଏନ ପୁନର୍ବାର ବଜାରରେ ଉତ୍ସାହ ଭରି ଦେଇଛି ବୋଲି ଡିଜିଟାଲ ବଜାରର ନିବେଶକମାନେ ମତବ୍ୟକ୍ତ କରିଛନ୍ତି। ଏପରିକି ଗତ ଦୁଇ ବର୍ଷ ହେବ ଡିଜିଟାଲ କାରବାରର ଚାହିଦା ପୂର୍ବାପେକ୍ଷା ଅଧିକ ବଢ଼ିଥିବାବେଳେ ବିଟ୍ କଏନ୍‌ର ମୂଲ୍ୟ ମଧ୍ୟ ସେହି ତୁଳନାରେ ପ୍ରାୟ ୯୧%ବଜାର ଅଂଶ ଯୋଗଦାନ କରି ମୂଲ୍ୟ ବୃଦ୍ଧିରେ ଯଥେଷ୍ଟ ଅଭିବୃଦ୍ଧି ହାସଲ କରିଛି।

## ମାରୁତି ସୁଜୁକି ଡିଜାୟର ୨୦୨୪ର ମାର୍କେଟ ଏଣ୍ଟ୍ରି



**ନୂଆଦିଲ୍ଲୀ,୧୧।୧୧:** ବଜାରକୁ ଆସିଲା ମାରୁତି ସୁଜୁକିର ଲୋକପ୍ରିୟ କାର ଡିଜାୟରର ୨୦୨୪ ଏଡିସନ। ନୂଆ ଡିଜାୟର କେବଳ ଅଧିକ ଫିଚର୍ସ ହିଁ ନୁହେଁ ବରଂ ସେଗମେଣ୍ଟରେ ଏହି କାର୍ ଏବେ ସିଡାନ ସେଗମେଣ୍ଟରେ ସବୁଠୁ ସୁରକ୍ଷିତ କମ୍ପାକ୍ଟ ସିଡାନ ହୋଇଛି। କାରଣ ମାରୁତିର ନୂଆ ଡିଜାୟରକୁ ମିଳିଛି ଜିଏନ୍‌ସିଏପି କ୍ରାସ ଟେଷ୍ଟରେ ଫାଇଭ ଷ୍ଟାର ରେଟିଂ । ନୂଆ ଡିଜାୟରରେ ନୂଆ ଲୁକ୍ସ ସହ ଆଡଭାନ୍ସ ଫିଚର୍ସ । ଡିଜାୟରରେ ଟପ୍ ମଡେଲରେ ବଡ଼ ଇନଫୋଟେନମେଣ୍ଟ ସ୍କ୍ରିନ, ୱାୟାରଲେସ ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ କାରପ୍ଲେ, ଅଟୋମେଟିକ କ୍ଲାଇମେଣ୍ଟ କଣ୍ଟ୍ରୋଲ, ରିୟର ଏସି ଭେଣ୍ଟ, ୱାୟାରଲେସ ଚାର୍ଜର, ୩୬୦ ଡିଗ୍ରୀ ସରାଉଣ୍ଡ କ୍ୟାମେରା ଏବଂ ଇଲେକ୍ଟ୍ରିକ ସନରୁଫ ରହିଛି। ଏହା ବ୍ୟତୀତ କମ୍ପାନି ନୂଆ ଡିଜାୟର ସହ ଲେଭଲ ୨ ଏଡିଏଏସ୍, ୬ ଏୟାରବ୍ୟାଗ୍, ହାଇବିମ୍ ଆସିଷ୍ଟ, ଇମରଜେନ୍ସୀ ଷ୍ଟପ୍ ସିଗ୍ନାଲ ଏବଂ ଅଟୋମେଟିକ ହେଡଲ୍ୟାମ୍ପସ ଭଳି ଫିଚର୍ସ ମଧ୍ୟ ଦେଖିବାକୁ ମିଳିପାରେ। ସେହିଭଳି କାରର ଇଞ୍ଜିନ ବିଷୟରେ କହିଲେ, ଏଥିରେ ୫ ସ୍ପିଡ୍ ମାନୁଆଲ ଏବଂ ଏଏମ୍‌ଟି ଗିୟରବକ୍ସ ସହିତ ୧.୨ ଲିଟର ଜେଡ୍ ସିରିଜ ପେଟ୍ରୋଲ ଇଞ୍ଜିନ ରହିଛି। ଯାହା ୮୦ ବିଏଚ୍‌ପି ପାୱାର ଏବଂ ୧୧୨ ଏନ୍‌ଏମ୍‌ର ପିକ୍ ଟର୍କ ଜେନେରେଟ କରିଥାଏ। ଏହା ସହ ନିର୍ଦ୍ଦିଷ୍ଟ ଭାରିଆଣ୍ଟ ସିଏନ୍‌ଜି ଅପ୍ସନ ସହ ମଧ୍ୟ ଉପଲବ୍ଧ ହେବ। କମ୍ପାନି ଅନୁଯାୟୀ, କାରରେ ମାନୁଆଲ ଭର୍ଜନ ୨୪.୭୯ କେଏମ୍‌ପିଏଲ୍ ଏବଂ ଅଟୋମେଟିକ ଭର୍ଜନ ୨୫.୭୧ ମାଇଲେଜ ଦେବ। ସେହିଭଳି ସିଏନଜି ଭର୍ଜନରେ ପ୍ରତି କେଜି ସିଏନଜିରେ ୩୩.୭୩ କିମିର ମାଇଲେଜ ମିଳିବ। ନୂଆ ଜେନେରେସନ ଡିଜାୟର ଚାରି ଭାରିଆଣ୍ଟ-ଏଲ୍‌ଏକ୍ସଆଇ, ଭିଏକ୍ସଆଇ, ଜେଡ୍‌ଏକ୍ସଆଇ ଏବଂ ଜେଡ୍‌ଏକ୍ସଆଇ ପ୍ଲସ୍‌ରେ ମାର୍କେଟକୁ ଆସିବ। କାର୍‌ର ଦାମ୍ ୬.୭୯ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ।

## ନାବାର୍ଡ ରିପୋର୍ଟ: ୬୧% ଗ୍ରାମୀଣ ପରିବାର ମୁଣ୍ଡରେ ଋଣ



**ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ଆୟ କମ୍। ସେଥିପାଇଁ ବିଭିନ୍ନ କାର୍ଯ୍ୟ ସଂପାଦନ ପାଇଁ ସେମାନେ ଋଣ ଉପରେ ନିର୍ଭର କରିଥାନ୍ତି। ଗ୍ରାମାଞ୍ଚଳର ଚାଷୀମାନେ ଋଣ ପରିଶୋଧ କରି ନପାରି କିମ୍ବା ଋଣବୋଝ ସହ୍ୟ କରି ନପାରି ଆତ୍ମହତ୍ୟା କରୁଥିବା ଖବର ନିୟମିତ ବ୍ୟବଧାନରେ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ଆସୁଛି। ଏଭଳି ସ୍ଥିତିରେ ନାବାର୍ଡ (ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ) ପକ୍ଷରୁ ପ୍ରକାଶିତ ସର୍ବ ଭାରତୀୟ ଗ୍ରାମାଞ୍ଚଳ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସର୍ଭେ ୨୦୨୧-୨୨ରେ ଦେଶର ଗ୍ରାମାଞ୍ଚଳରେ କୃଷକ ଏବଂ ଅଣକୃଷକ ପରିବାରରେ ଋଣ ବୋଝ ଚିନ୍ତାଜନକ ସ୍ଥିତିରେ ରହିଥିବା ଜଣାଯାଇଛି। ଓଡ଼ିଶା ବି ଏଥିରୁ ବାଦ୍ ପଡ଼ିନାହିଁ। ଜାତୀୟ ସ୍ତରରେ ଗ୍ରାମାଞ୍ଚଳର ୫୨ ପ୍ରତିଶତ ପରିବାର ଲୋକଙ୍କ ମୁଣ୍ଡରେ ଋଣବୋଝ ରହିଛି। କିନ୍ତୁ ଓଡ଼ିଶାର ଗ୍ରାମାଞ୍ଚଳରେ ୬୧ ପ୍ରତିଶତ ପରିବାର ଋଣବୋଝରେ ବୁଡ଼ି ରହିଛନ୍ତି। ଅର୍ଥାତ ଜାତୀୟ ସ୍ତର ତୁଳନାରେ ଓଡ଼ିଶାର ୯ ପ୍ରତିଶତ ଅଧିକ ପରିବାର ଋଣଚାପରେ ଅଛନ୍ତି। ସର୍ଭେ ରିପୋର୍ଟରୁ ଏହା ଜଣାଯାଇଛି ଯେ ତେଲେଙ୍ଗାନାର ଗ୍ରାମାଞ୍ଚଳରେ ବାସ କରୁଥିବା ସର୍ବାଧିକ ୯୨ ପ୍ରତିଶତ ପରିବାର ଋଣବୋଝରେ ରହିଛନ୍ତି।

## ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ଆଉଟ୍‌ରିଚ ପ୍ରୋଗ୍ରାମ



**ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ):** ଦେଶର ବିକାଶ ପାଇଁ ବିଭିନ୍ନ କ୍ଷେତ୍ରର ହିତାଧିକାରୀମାନେ ସବଳ ହେବାର ଆବଶ୍ୟକତା ରହିଛି। ଏପରିକି ଘରୋଇ ବଜାରରେ ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ (ମାଇକ୍ରୋ ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ ବା ଏମ୍‌ଏସ୍‌ଏମ୍‌ଇ) ର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ବେଙ୍ଗାଲୁରୁର ପିନିଆ କ୍ଲଷ୍ଟରଠାରେ ଆୟୋଜିତ ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ଆଉଟରିଚ ପ୍ରୋଗ୍ରାମରେ ଯୋଗ ଦେଇ ଏଭଳି କିଛି କହିଛନ୍ତି। ଏହି ଅବସରରେ ସେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବା ସହ ଏମ୍‌ଏସ୍‌ଏମ୍‌ଇ ହିତାଧିକାରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ଏବଂ ଏମ୍‌ଏସ୍‌ଏମ୍‌ଇ ଗ୍ରାହକଙ୍କ ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ କିଛି ଏମ୍‌ଏସ୍‌ଏମ୍‌ଇ ଗ୍ରାହକଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ସେହିପରି ଚଳିତ ଆର୍ଥିକ ବର୍ଷରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଅଧିକ ଋଣ ଦେବାକୁ ଅର୍ଥମନ୍ତ୍ରୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଦେଶର ୧୪୯ଟି ସ୍ଥାନ ଏବଂ ଓଡ଼ିଶାର ୬ଟି ସ୍ଥାନରେ ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ଆଉଟରିଚ ପ୍ରୋଗ୍ରାମ ଏକାସାଙ୍ଗରେ ଆୟୋଜନ କରାଯାଇଥିଲା। ଏପରିକି ବେଙ୍ଗାଲୁରୁର ପିନିଆ କ୍ଲଷ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମନ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଜିତନ ରାମ ମାଝୀ ବିହାରର ଗୟାରୁ ଭିଡିଓ କନଫରେନ୍ସ (ଭିସି) ମାଧ୍ୟମରେ ଅଂଶଗ୍ରହଣ କରିଥିଲାବେଳେ ବେଙ୍ଗାଲୁରୁରେ ଅନ୍ୟ ସମ୍ମାନିତ ଅତିଥିମାନଙ୍କ ସହ ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଏବଂ ଡିଏଫ୍‌ଏସ୍ ସଚିବ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ଓଡ଼ିଶାରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଓଡ଼ିଶାର ଆବାହକ ୟୁକୋ ବ୍ୟାଙ୍କ ପକ୍ଷରୁ ୬ଟି ଏଲ୍‌ଡିଏମ୍ ଓ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ବାଲେଶ୍ୱର, କଟକ, ଭୁବନେଶ୍ୱର, ବ୍ରହ୍ମଗିରି, ବରଗଡ଼ ଓ ରମ୍ଭାଠାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏପରିକି ସମସ୍ତେ ଭିସି ମାଧ୍ୟମରେ ବେଙ୍ଗାଲୁରୁ ସହିତ ସଂଯୁକ୍ତ ହୋଇଥିଲେ। ଯେଉଁଠାରେ ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୫୦ ଏମ୍‌ଏସ୍‌ଏମ୍‌ଇ ଗ୍ରାହକ ଏବଂ ବ୍ୟାଙ୍କର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏପରିକି ସମସ୍ତ ୬ଟି ସ୍ଥାନରେ ୟୁକୋ ବ୍ୟାଙ୍କର ଜେନେରାଲ ମ୍ୟାନେଜର, ଡେପୁଟି ଜେନେରାଲ ମ୍ୟାନେଜର, ଜୋନାଲ ହେଡମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ରୟାଲ୍ ଏନ୍‌ଫିଲ୍ଡର 'ବିୟର ୬୫୦'

**ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ):** ରୟାଲ୍ ଏନ୍‌ଫିଲ୍ଡ ପକ୍ଷରୁ ନୂଆ ମୋଟରସାଇକଲ୍ ବିୟର ୬୫୦କୁ ଓଡ଼ିଶା ବଜାରରେ ବିଭିନ୍ନ ସ୍ଥାନରେ ଉନ୍ମୋଚନ କରାଯାଇଛି। ଏହି ମୋଟରସାଇକଲ୍‌ରେ ରହିଛି କମ୍ପାନିର ଲୋକପ୍ରିୟ ୬୫୦ ସିସି ଟ୍ୱିନ୍ ସିଲିଣ୍ଡର ଇଞ୍ଜିନ। ଏହାର ୨-୧ ଏକ୍‌ଜଷ୍ଟ ଇଞ୍ଜିନର ପ୍ରଦର୍ଶନ ବଢ଼ାଉଛି। ଏଥିରେ ରହିଛି ଦ୍ୱୈତ ଉଦ୍ଦେଶ୍ୟ ଉପଯୋଗୀ ଟାୟାର ଓ ବଦଳିପାରୁଥିବା ଏବିଏସ୍। ଖରାପ ରାସ୍ତାରେ ଏହାକୁ ଚଲାଇବା ବେଳେ ପଛ ଏବିଏସ୍‌କୁ ବଦଳାଇହେବ। ଏହା ବ୍ୟତୀତ ଏହି ମୋଟରସାଇକଲ୍‌ରେ ରହିଛି ଏଲ୍‌ଇଡି ହେଡ୍‌ଲାଇଟ୍, ଟ୍ରିପର୍ ଡ୍ୟାସ୍, ୟୁଏସ୍‌ଡି ଫୋର୍କ ଓ ସ୍କ୍ରାମ୍ବଲର ଷ୍ଟାଇଲ୍‌ର ସିଟ୍। ଏହି ମୋଟରସାଇକଲ୍‌କୁ ଏଡି ମଲ୍‌ଡରଙ୍କ ଐତିହାସିକ ଡେଜର୍ଟ ରେସ୍ ବିଜୟରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ଭାରିଆଣ୍ଟ ଓ ରଙ୍ଗରେ ଏହି ମୋଟରସାଇକଲ୍ ଆସିଛି। ଏହାର ବେସ୍ ଭାରିଆଣ୍ଟ ବ୍ରୋଡ୍‌ୱାକ୍ ହ୍ୱାଇଟ୍ ରଙ୍ଗରେ ଆସିଥିବା ବେଳେ ତାହାର ଏକ୍ସ ସୋ'ରୁମ୍ ଦାମ୍ ୩,୩୯,୦୦୦ ଟଙ୍କା ରହିଛି।

## ଲକ୍ଷେ ଟଙ୍କାରେ ମିଳିବ ବାଇକ୍

**ନୂଆଦିଲ୍ଲୀ,୧୧।୧୧:** ଭାରତରେ ମୋଟର ସାଇକେଲ ପାଇଁ କ୍ରେଜ୍ ବର୍ଷ ବର୍ଷ ଧରି ରହିଆସିଛି। ଆଜିର ସମୟରେ ବାଇକ ଲୋକଙ୍କର ନିତିଦିନିଆ କାମରେ ଲାଗୁଛି। ଲୋକମାନେ ଏହି ବାଇକ କିଣିବାକୁ ପସନ୍ଦ କରନ୍ତି ଯାହା ଶସ୍ତା ଏବଂ ଭଲ ମାଇଲେଜ୍ ଦେଇଥାଏ। ଏଥି ସହିତ ସାଧାରଣ ଲୋକଙ୍କ ଜେଟକୁ ଆଖି ଆଗରେ ରଖି ସେଲ ବଢ଼ାଇବା ପାଇଁ ବାଇକ୍ ନିର୍ମାତା କମ୍ପାନୀଗୁଡ଼ିକ ମଧ୍ୟ ବେଷ୍ଟ ମୋଟର ସାଇକେଲ ଲଞ୍ଚ କରୁଛନ୍ତି। ଭାରତୀୟ ବଜାରରେ ୧ ଲକ୍ଷ ଟଙ୍କା ବଜେଟରେ ଏଭଳି ଅନେକ ବାଇକ୍ ଅଛି। ଯାହାର ବହୁତ ଭଲ ଫିଚର୍ସ ଏବଂ ଭଲ ମାଇଲେଜ୍ ମଧ୍ୟ ରହିଛି। ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ହେଉଛି ଦେଶରେ ମୋଷ୍ଟ ସେଲିଂ



ବାଇକ୍। ୪ କୋଟିରୁ ଅଧିକ ଲୋକ ହିରୋ ସ୍ପ୍ଲେଣ୍ଡର କିଣିଛନ୍ତି। ଏହି ବାଇକରେ ଏୟାର କୁଲ୍ଡ, ୪-ଷ୍ଟ୍ରୋକ, ସିଙ୍ଗଲ-ସିଲିଣ୍ଡର, ଓଏଚ୍‌ସି ଇଞ୍ଜିନ ଲଗାଯାଇଛି। ଏହି ବାଇକରେ ଫୁଏଲ-ଟ୍ୟାଙ୍କର କ୍ୟାପାସିଟି ହେଉଛି ୯.୮ ଲିଟର। ଏହି ବାଇକ୍ ୬୦କିଏମ୍‌ପିଏଲ୍ ର ମାଇଲେଜ ଦେଇଥାଏ। ହିରୋର ଏହି ବାଇକର ଏକ୍ସ ସୋ' ରୁମ୍ ପ୍ରାଇସ୍ ୭୫,୪୪୧ ଟଙ୍କାରୁ ଆରମ୍ଭ ହୋଇଛି। ଟିଭିଏସ ସ୍ପୋର୍ଟରେ ସିଙ୍ଗଲ-ସିଲିଣ୍ଡର, ୪-ଷ୍ଟ୍ରୋକ, ଫ୍ୟୁଏଲ ଇଞ୍ଜିନ୍, ଏୟାର-କୋଲ୍ଡ ସ୍ପାର୍କ ଇଗ୍ନିସନ ଇଞ୍ଜିନ ଅଛି ।

## ଫୋନରେ କଣ୍ଟ୍ରୋଲ୍ ହେବ କାର



**ନୂଆଦିଲ୍ଲୀ,୧୧।୧୧:** ଅନେକ ଲୋକଙ୍କ ପାଖରେ ସ୍ମାର୍ଟ କାର୍ ଥାଏ, କିନ୍ତୁ ଏହାର ଆଡଭାନ୍ସ ଫିଚରଗୁଡିକ ବିଷୟରେ ସେମାନେ ଅଧିକ ଜାଣନ୍ତି ନାହିଁ। ସାଧାରଣ କାର ଅପେକ୍ଷା ସ୍ମାର୍ଟ କାର୍ ଟିକେ ମହଙ୍ଗା। ସ୍ମାର୍ଟ କାରରେ ଥିବା ଆଡଭାନ୍ସ ଫିଚର ଏହାକୁ ସାଧାରଣ କାରଠାରୁ ଭିନ୍ନ କରିଥାଏ।

ଯଦି ଏହାର ଆଡଭାନ୍ସ ଫିଚର ବ୍ୟବହାର ନହୁଏ ତେବେ ସ୍ମାର୍ଟ କାରର ବ୍ୟବହାର କରି ବି ଲାଭ କଣ ? ତେବେ ଆମେ ଆପଣଙ୍କୁ ଆପଣଙ୍କର ସ୍ମାର୍ଟ କାରରେ କାର୍ ପ୍ଲେ ସିଷ୍ଟମର ଫିଚର ବିଷୟରେ କହିବାକୁ ଯାଉଛୁ। ଆପଣ କିପରି ନିଜ ଫୋନ୍ ମାଧ୍ୟମରେ ସ୍ମାର୍ଟ କାରରେ ଥିବା ଫିଚରର ଲାଭ ଉଠାଇ ପାରିବେ ଜାଣି ରଖନ୍ତୁ। ଏଥିପାଇଁ ଆପଣଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ଆପଣ ନିଜ ଫୋନ୍ ପରି କାରକୁ ମଧ୍ୟ ନିର୍ଦ୍ଦେଶ ଦେଇପାରିବେ। ଏଥିପାଇଁ ଆପଣଙ୍କୁ କେବଳ ଛୋଟ ଟିପ୍ସକୁ ଫୋଲୋ କରିବାକୁ ପଡ଼ିବ। ସର୍ବପ୍ରଥମେ ଆପଣଙ୍କ କାରର ଇନଫୋଟେନମେଣ୍ଟ ସିଷ୍ଟମ ଅନ୍ କରନ୍ତୁ। ସିଷ୍ଟମ୍ ଅନ୍ କରିବା ପରେ, ସେଟିଙ୍ଗ୍ ଅପ୍ସନ୍ କୁ ଯାଆନ୍ତୁ, ଟିକେ ତଳକୁ ସ୍କ୍ରୋଲ୍ କରନ୍ତୁ ଏବଂ ଆପଣ ଆକ୍ସେସିବିଲିଟି ଫିଚର ଦେଖିପାରିବେ।

ଆକ୍ସେସିବିଲିଟି ଉପରେ କ୍ଲିକ୍ କରନ୍ତୁ, ଏଠାରେ ଆପଣ ଭଏସ୍ କଣ୍ଟ୍ରୋଲ୍ ପାଇବେ। ଯଦି ଆପଣ ଏହା ଉପରେ କ୍ଲିକ୍ କରିବେ, ତେବେ ଆପଣ କାର୍ ପ୍ଲେ ସିଷ୍ଟମକୁ ଭଏସରେ କଣ୍ଟ୍ରୋଲ୍ କରିପାରିବେ। ଏହା ବ୍ୟତୀତ ଯଦି ଆପଣ ଚାହିଁବେ ଆପଣ ଆକ୍ସେସିବିଲିଟିରେ କଲର୍ ଫିଲ୍ଟରର ଅପ୍ସନ ମଧ୍ୟ ପାଇବେ, ଯାହାକୁ ଆପଣ ନିଜ ଆବଶ୍ୟକତା ଅନୁଯାୟୀ ବ୍ୟବହାର କରିପାରିବେ। ଆପଣ କାର୍ ପ୍ଲେ ରେ ସିରି ଏବଂ ଆସିଷ୍ଟାଣ୍ଟକୁ ମଧ୍ୟ ଇନେବଲ୍ କରିପାରିବେ। ଏହା ଦ୍ୱାରା ଆପଣ କଲିଂ, ସଙ୍ଗ୍ ଚେଞ୍ଜ, ମ୍ୟାପ୍ ଓପନ୍ ଇତ୍ୟାଦି ଫିଚରକୁ କଣ୍ଟ୍ରୋଲ୍ କରିପାରିବେ। ଆପଣ ନିଗ ଭଏସ୍ ଦ୍ୱାରା ପ୍ରାୟ ସବୁକିଛି କରିପାରିବେ।

ଆଣ୍ଟି ଲକ୍ ବ୍ରେକିଂ ସିଷ୍ଟମ୍: କାରରେ ମିଳୁଥିବା ଆଣ୍ଟି ଲକ୍ ବ୍ରେକିଂ ସିଷ୍ଟମ୍ ହେଉଛି ସବୁଠାରୁ ଭଲ ସେଫ୍ଟି ଫିଚର। କାରର ସମସ୍ତ ଚକ ଉପରେ ଏବିଏସ୍ ସିଷ୍ଟମ୍ ଇନଷ୍ଟଲ୍ ହୋଇଛି, ଯାହାର କାମ ହେଉଛି ସ୍ପିଡ୍ ବ୍ରେକିଂ ସମୟରେ ଚକଗୁଡ଼ିକୁ ଲକ୍ କରିବା।

## ଆଇଫୋନ ପ୍ରେମୀଙ୍କୁ ବଡ଼ ଝଟକା !

### ଏଣିକି ମିଳିବନି ଏହି ତିନି ମଡେଲ୍ସ



**ନୂଆଦିଲ୍ଲୀ,୧୧।୧୧:** ଆଇଫୋନ ୧୬ ସିରିଜ ଲଞ୍ଚ ହେବା ସହ ଆପେଲ କିଛି ପୁରୁଣା ମଡେଲ୍ସର ମୂଲ୍ୟ ହ୍ରାସ କରିଛି। ବର୍ତ୍ତମାନ କମ୍ପାନୀ ଆଉ ଏକ ବଡ଼ ନିଷ୍ପତ୍ତି ନେଇଛି। ଆପେଲ ବର୍ତ୍ତମାନ କିଛି ପୁରୁଣା ଆଇଫୋନ ପ୍ରଡକ୍ସନକୁ ବନ୍ଦ କରି ମାର୍କେଟରୁ ହଟାଇବାକୁ ନିଷ୍ପତ୍ତି ନେଇଛି। କମ୍ପାନୀ ନିଜ ଅଫିସିଆଲ ୱେବସାଇଟରୁ ମଧ୍ୟ ଏହି ଆଇଫୋନକୁ ହଟାଇ ଦେବ। କମ୍ପାନୀର ଏହି ନିଷ୍ପତ୍ତି ସେହି ଆଇଫୋନ ପ୍ରେମୀଙ୍କ ପାଇଁ ବଡ଼ ଝଟକା ଅଟେ, ଯେଉଁମାନେ ମୂଲ୍ୟ କମିବା ପରେ ଆଇଫୋନ ମଡେଲ୍ସକୁ କିଣିବା ପାଇଁ ପ୍ଲାନିଂ କରୁଥିଲେ। ଆଇଫୋନ ୧୬ ସିରିଜ ଲଞ୍ଚ ହେବା ପରେ କମ୍ପାନୀ ଆଇଫୋନ ୧୫ ପ୍ରୋ, ଆଇଫୋନ ୧୫ ପ୍ରୋ ମ୍ୟାକ୍ସ ସହ ଆଇଫୋନ ୧୩କୁ ଡିସକଣ୍ଟିନ୍ୟୁ କରିସାରିଛି। ଆଇଫୋନ ୧୬ ସିରିଜ ଲଞ୍ଚ ହେବା ପରେ କମ୍ପାନୀ ଆଇଫୋନ ୧୫ ପ୍ରୋ, ଆଇଫୋନ ୧୫ ପ୍ରୋ ମ୍ୟାକ୍ସ ସହ ଆଇଫୋନ ୧୩କୁ ତାଲିକାରୁ ହଟାଇଦେଇଛି। ଏହାପରେ ୟୁଜର୍ସ ଆଇଫୋନ ୧୪, ଆଇଫୋନ ୧୪ ପ୍ଲସ, ଆଇଫୋନ ୧୫, ଆଇଫୋନ ୧୫ ପ୍ଲସ, ଆଇଫୋନ ୧୬ ଏବଂ ଆଇଫୋନ ୧୬ ପ୍ରୋକୁ ହିଁ କିଣିପାରିବେ। ଆଶ୍ୱସ୍ତିକର କଥା କହିବାକୁ ଗଲେ, କମ୍ପାନୀ ଯେଉଁ ଆଇଫୋନ୍ସକ ୱେବସାଇଟରେ ରିଭ୍ୟୁ କରିଛି, ଯେଉଁଥିରେ ଏବେ ବି ସର୍ଭିସ, ସିକ୍ୟୁରିଟି ଅପଡେଟ ସହ ଓଏସ ଅପଡେଟ ମିଳିବ। ଡିସକଣ୍ଟିନ୍ୟୁ ହେବା ପରେ ମଧ୍ୟ ଏହି ଫୋନ୍ସରେ ଆପଣ ବର୍ଷ ବର୍ଷ ଧରି ଅପଡେଟ୍ସ ପାଇପାରିବେ।

## ବଦଳିଲା ପେଟ୍ରୋଲ ଓ ଡିଜେଲ ଦର



**ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ):** ଆଜି ପେଟ୍ରୋଲ ଦର ୧୦୦. ୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ବି ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୪୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୯ ଟଙ୍କା ୯୭ ପଇସା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୪ ଟଙ୍କା ୯୫ ପଇସା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୭୬ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି। ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ ଝଗଝ ମାଧ୍ୟମରେ ମଧ୍ୟ ଜାଣିପାରିବେ। ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ। ପ୍ରତି ସହରର କୋଡ୍ ଅଲଗା ଅଲଗା ରହିଥାଏ। ଯାହା ଆପଣଙ୍କୁ ଆଇସିଓଏଲ ୱେବସାଇଟରୁ ମିଳିଯିବ। ସୂଚନା ମୁତାବକ, ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ।

## ସ୍ଥିର ରହିଛି ସୁନା ଦର

**ଭୁବନେଶ୍ୱର,୧୧।୧୧ (ସଂଚାର ବ୍ୟୁରୋ):** ଗତ କିଛି ଦିନ ଧରି ବଢ଼ି ଚାଲିଥିଲା ସୁନା ଦର। ଦୀପାବଳିରେ ସୁନା ଦର ବୃଦ୍ଧି ପାଇ ୮୨ ହଜାର ପାର କରିଥିଲା। ଏବେ ଦରବୃଦ୍ଧି ଉପରେ ସାମୟିକ ଭାବେ ଲାଗିଛି ବ୍ରେକ। ସେହିପରି ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୨ ହଜାର ୭୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୯ ହଜାର ୩୬୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୨, ୭୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୯, ୩୬୦ ଟଙ୍କା ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୨, ୭୫୦ଟଙ୍କା ଓ ୭୯, ୩୬୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୨, ୭୫୦ ଟଙ୍କା ଓ ୭୯, ୩୬୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୨, ୭୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୯, ୩୬୦ ଟଙ୍କା ଥିବା ରେକର୍ଡ ହୋଇଛି।

# ଜିଲ୍ଲାସ୍ତରୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ପ୍ରଦର୍ଶନୀ

## ସୁସ୍ଥ ରହିବା ପାଇଁ ମାଣ୍ଡିଆ ଖାଇବାର ଆବଶ୍ୟକତା ରହିଛି



**ନୟାଗଡ଼,୧୧।୧୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଓ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ପ୍ରଦର୍ଶନୀ ନୟାଗଡ଼ ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ସାବରମତି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଜିଲ୍ଲା କୃଷି ବିଜ୍ଞାନ ମୁଖ୍ୟ ଅନିଲ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଡ. ସାହୁ ସୁସ୍ଥ ରହିବା ପାଇଁ ମାଣ୍ଡିଆ ଖାଇବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ । ଭାତ ବଦଳରେ ରୁଟି ଖାଇବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି କିନ୍ତୁ ତାହାଠାରୁ ଅଧିକ ଭଲ ଖାଦ୍ୟ ହେଉଛି ମାଣ୍ଡିଆ। ମାଣ୍ଡିଆ ସମ୍ପର୍କରେ ଅଧିକ ସଚେତନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଡ. ସାହୁ ପରାମର୍ଶ ଦେଇଥିଲେ। ମାଣ୍ଡିଆରେ ଅଧିକ ପରିମାଣରେ ଆଇରନ ଓ କ୍ୟାଲସିୟମ ରହିଛି। ପ୍ରତ୍ୟେକ ବ୍ୟକ୍ତି ମାଣ୍ଡିଆ ଖାଅ ସୁସ୍ଥ ରୁହନ୍ତୁ ବାର୍ତ୍ତା ଦେଇଥିଲେ । ଏହି ଅବସରରେ ପଦ୍ମଶ୍ରୀ ସାବରମତି ମାଣ୍ଡିଆ ଖାଇବାରେ ଧନୀ ଓ ଗରିବ ମଧ୍ୟରେ କିଛି ତଫାତ ନାହିଁ । ସମସ୍ତଙ୍କର ପ୍ରିୟ ଖାଦ୍ୟ ମାଣ୍ଡିଆ ହେବା ଆବଶ୍ୟକତା ବୋଲି ସେ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ ଶ୍ରୀଅନ୍ନ ଓ ପାରମ୍ପାରିକ କୃଷି କ୍ଷେତ୍ରରେ ସଫଳ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ କଣ୍ଟେଇମୁଣ୍ଡି ବାଇଗର ଜିଆଇଟ୍ୟାଗ ପାଇଥିବା ସତ୍ତ୍ୱେ ଆଜିର ଏହି ପ୍ରଦର୍ଶନୀରେ ଦେଖିବାକୁ ମିଳିନଥିବାରୁ ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଅନୀଲ କୁମାର ସ୍ୱାଇଁ । ଏହି ଅବସରରେ ଜିଲ୍ଲାରେ ସଫଳତା ହାସଲ କରିଥିବା ଚାଷୀ ମାନଙ୍କୁ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଷ୍ଟଲ ମାନ କରାଯାଇ ବିଭିନ୍ନ ପ୍ରକାରର ମାଣ୍ଡିଆ ପ୍ରସ୍ତୁତି ଖାଦ୍ୟ ପ୍ରମୁଖ ପ୍ରଦର୍ଶିତ କରାଯାଇଥିଲା । ସହକାରୀ କୃଷି ନିର୍ଦ୍ଦେଶିକା ସ୍ୱାଗତିକା ପତି ଆଜିର ମଞ୍ଚକୁ ସଂଯୋଜନା କରିଥିଲେ। ବହୁ କୃଷକ ଓ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ମାନେ ଉପସ୍ଥିତ ରହିଥିଲେ । ତେବେ ଶ୍ରୀଅନ୍ନକୁ ମାଣ୍ଡିଆ ଦିବସ ପାଳନ କରାଯାଉଥିବା ବେଳେ ମାଣ୍ଡିଆରେ ପ୍ରସ୍ତୁତି ବିଭିନ୍ନ ସ୍ୱାଦ ଖାଦ୍ୟକୁ ଆୟୋଜିତ ସଭାରେ ନଦେଇ ବରା, ଆଳୁଚପ, ସିଙ୍ଗଡ଼ା ଓ ମିଠା ପ୍ୟାକେଟ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଗୋଟିଏ ପଟେ ମାଣ୍ଡିଆ ଖାଦ୍ୟ ବାହାରେ ପ୍ରଦର୍ଶନ କରାଯାଉଥିବା ବେଳେ ଭିତରେ ମିଟିଂ ହଲରେ ଟିଫିନ ପ୍ୟାକେଟ ଦେଇ ଆୟୋଜିତ କରୁଥିବା କୃଷି ବିଭାଗ କଣ ବାର୍ତ୍ତା ଦେବାକୁ ଚାହୁଁଛି ବୋଲି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାଣ୍ଡିଆରେ ତିଆରି ହୋଇଥିବା ବିଭିନ୍ନ ସାମଗ୍ରୀ ଯଦି ମିଟିଂ ହଲରେ ଦିଆଯାଇଥାନ୍ତି ତେବେ ମାଣ୍ଡିଆ ଚାଷୀ ଉପକୃତ ହେବା ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଏହାକୁ ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇପାରିଥାନ୍ତେ। କିନ୍ତୁ ତାହା ନକରି କେବଳ ମାଣ୍ଡିଆ ଖାଦ୍ୟକୁ ପ୍ରଦର୍ଶିତ କରେଇ ମାଣ୍ଡିଆ ଦିବସକୁ ବୁଢେଇଦେବାକୁ ବସିଛନ୍ତି ଜିଲ୍ଲା କୃଷି ବିଭାଗର କର୍ମଚାରୀ ଓ ଅଧିକାରୀ ବୋଲି ଆଲୋଚନା କରାଯାଉଛି।

# ଇଞ୍ଜିନିୟରିଂ ଅନ୍‌ଲାଇନ ପ୍ରବେଶିକା ପରୀକ୍ଷା ସମ୍ପର୍କିତ ପୋଷ୍ଟର ଉନ୍ମୋଚିତ




**ଭୁବନେଶ୍ୱର,୧୧।୧୧(ସଂଚାର ବ୍ୟୁରୋ):** କେଏଲ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଡିସେମ୍ବର ୬ତାରିଖରୁ ୫ ଦିନ ଧରି ଜାତୀୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଇଞ୍ଜିନିୟରିଂ ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା ସମ୍ପର୍କିତ ପୋଷ୍ଟର କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ ସହ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେବାକୁ ଥିବା ବିଭିନ୍ନ ପ୍ରବେଶିକା ପରୀକ୍ଷା ସମ୍ପର୍କିତ ପୋଷ୍ଟର ଉନ୍ମୋଚନ କରିଥିଲେ। ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ପ୍ରବେଶିକା ପରୀକ୍ଷା ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଓଡ଼ିଶା ରାଜ୍ୟରୁ ବିଶ୍ୱବିଦ୍ୟାଳୟରେ ଯୋଗ ଦେଉଥିବା ଛାତ୍ରଛାତ୍ରୀଙ୍କୁ ମେରିଟ୍ ସ୍କଲାରସିପ୍ ଓ ହଷ୍ଟେଲ୍ ଭଳି ପ୍ରସଙ୍ଗରେ ପ୍ରାଥମିକତା ଦିଆଯିବା ଉଚିତ। ଉଚ୍ଚଶିକ୍ଷାକ୍ଷେତ୍ରରେ ଗବେଷଣାରେ ଉନ୍ନତି ଆଣିବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ଶିକ୍ଷାବର୍ଷରେ କ୍ୟାମ୍ପସ ପ୍ଲେସମେଣ୍ଟରେ ଶ୍ରେଷ୍ଠ ବାର୍ଷିକ ପ୍ୟାକେଜ୍ ପାଇଥିବା ଛାତ୍ରଛାତ୍ରୀଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ।କେଏଲ ବିଶ୍ୱବିଦ୍ୟାଳୟ ନାମଲେଖା ନିର୍ଦ୍ଦେଶକ ଡ. ଜେ. ଶ୍ରୀନିବାସ ରାଓ କହିଛନ୍ତି ଯେ ବିଜୟୱାଡ଼ା, ହାଇଦ୍ରାବାଦ କ୍ୟାମ୍ପସରେ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରତିବର୍ଷ ସାରା ଦେଶରେ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଆୟୋଜନ କରାଯାଏ। ପ୍ରବେଶିକା ପରୀକ୍ଷାରେ କେଏଲ୍ ରାଙ୍କ୍, ୧୦+୨ ମାର୍କ, ଜେଇଇ ପର୍ସେଣ୍ଟାଇଲ୍ ଆଧାରରେ ଛାତ୍ରଛାତ୍ରୀଙ୍କ ପାଇଁ ମେରିଟ୍ ସ୍କଲାରସିପ୍ ଲାଗୁ କରାଯାଏ। ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ୧୦୦ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଥାଏ।ସେ କହିଛନ୍ତି ଯେ, ଛାତ୍ରଛାତ୍ରୀମାନେ ଯେପରି ଶତ ପ୍ରତିଶତ କ୍ୟାମ୍ପସ ପ୍ଲେସମେଣ୍ଟ ପାଇବେ ସେଥିପାଇଁ ଏକ ଗଠନମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଗତ ଶିକ୍ଷାବର୍ଷରେ ୪ ହଜାର ଛାତ୍ରଛାତ୍ରୀ ପ୍ଲେସମେଣ୍ଟ ପାଇଥିବା ବେଳେ ଚଳିତ ଶିକ୍ଷାବର୍ଷରେ ହଜାର ହଜାର ଛାତ୍ରଛାତ୍ରୀପ୍ଲେସମେଣ୍ଟ ପାଇଛନ୍ତି। ଇଞ୍ଜିନିୟରିଂ ସିଏସ୍‌ଇ ବିଭାଗର ତୃତୀୟ ବର୍ଷର ଜଣେ ଛାତ୍ରଙ୍କୁ ଏକ ଅଗ୍ରଣୀ କର୍ପୋରେଟ୍ କମ୍ପାନି ପକ୍ଷରୁ ବାର୍ଷିକ ୫୮ ଲକ୍ଷ ଟଙ୍କାର ପ୍ୟାକେଜ୍ ମିଳିଥିଲା।ଶ୍ରୀନିବାସ ରାଓ ନିକଟରେ କେଏଲ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଜିତିଥିବା ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାର ବିଷୟରେ ଏବଂ ବିଶ୍ୱବିଦ୍ୟାଳୟର ବିଶେଷତା ଏବଂ ହାଇଲାଇଟ୍ ବିଷୟରେ ମଧ୍ୟ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଓଡ଼ିଶା ଜୋନାଲ ପ୍ରଭାରୀ ଆର ଶିବକୁମାର, ଆଞ୍ଚଳିକ ପରିଚାଳକ ଶ୍ରୀମତୀ ପ୍ରଗତି ଦାଶ ପ୍ରମୁଖ ଯୋଗ ଦେଇଥିଲେ।

# ଗଡ଼ଭିତର ଦୁର୍ଗା ମନ୍ଦିରରୁ ଚୋରି

**ସୁବର୍ଣ୍ଣପୁର,୧୧।୧୧(ସଂଚାର ବ୍ୟୁରୋ):** ଗତକାଲି ରବିବାର ରାତି ସହରର ଗଡଭିତର ସ୍ଥିତ ଦୁର୍ଗା ମନ୍ଦିରରୁ ଚୋରୀ ହୋଇଥିବା ଜଣାପଡିଛି। ମନ୍ଦିରର ମୁଖ୍ୟ ଦ୍ୱାର ସମେତ ଅନ୍ୟ ତାଲା ମାନେ କାଟି ଚୋର ମାନେ ମନ୍ଦିରରୁ ଚୋରୀ କରିଥିବା ଜଣାପଡ଼ିଛି। ଆଜି ସକାଳୁ ସକାଳୁ ପୂଜକ ମନ୍ଦିର ପୁଜା ପାଇଁ ଆସିଥିବା ବେଳେ ମୁଖ୍ୟ ଫାଟକ ତାଲା ନ ଥିବା ସହ ଗେଟ ମେଲା ହୋଇଥିବା ଦେଖି ମନ୍ଦିର କମିଟି କୁ ଜନେଇବା ସହ ପୋଲିସକୁ ଖବର ଦେଇଥିଲେ। ମା ଦୁର୍ଗାଙ୍କ ଦୁର୍ଲଭ ରୂପା ମୁକୁଟ ସହ ଦାନବାକ୍ସ ଭାଙ୍ଗି ଚୋର ମାନେ କଳକନା ବୁଲେଇ ଥିବା ବେଳେ ଏକ ଗଡରେଜ ରୁ ମଧ୍ଯ ପାଟଶାଢ଼ୀ, ଘଣ୍ଟ ସହ କିଛି ସାମାନ ଚୋରୀ ହୋଇଥିବା ପୁଜକ କହିଛନ୍ତି। ଘଟଣା ସ୍ଥଳରେ ସଦର ଥାନା ଆଇଆଇସି ରଞ୍ଜିତ କୁମାର ସାହୁ ପହଞ୍ଚିବା ସହ ଡଗସ୍କ୍ୱାର୍ଡ ସହାୟତାରେ ଛାନଭିନ ରଖିଛନ୍ତି। ଅଧିକ ତଦନ୍ତ ପାଇଁ ବୌଦ୍ଧ ଜିଲ୍ଲାରୁ ସାଇଣ୍ଟିଫିକ ଟିମ୍ ଆସୁଥିବା ଥାନାଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।



# ବିନା ସୂଚନା ଫଳକରେ ଚାଲିଛି କାମ

## ଲୋକଙ୍କୁ ଅନ୍ଧାରରେ ରଖାଯାଇଛି



**ପାଟଣାଗଡ଼,୧୧।୧୧(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ପୁଟକେଲଚୁଆଁ ରୁ ତେଲେନପାଲି ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପିଚୁ ରାସ୍ତା କାମ ଚାଲିଛି ତତ ସହିତ ଗୋଟିଏ କ୍ଷୁଦ୍ର ପୋଲ ତିଆରି ଚାଲିଛି ହେଲେ ସୂଚନା ଫଳକ ନାହିଁ ଯାଫଳରେ ଲୋକେ କିଛି ସୂଚନା ପାଇ ପାରୁନାହାନ୍ତି। ସରକାରୀ ନିୟମ ଅନୁସାରେ ସୂଚନା ଫଳକ ରହିବା କଥା ଏଠିତାର ବ୍ୟତିକ୍ରମ ଦେଖାଦେଇଛି । ବିଭାଗୀୟ ଅଧିକାରୀ ଏହି କାମ ବିଷୟରେ କିଛି ଜାଣିନଥିବା କଥା କହୁଛନ୍ତି । ସରକାର ପ୍ରତ୍ୟେକ ନାଗରିକ ଯେପରି ପ୍ରତ୍ୟେକ କାର୍ଯ୍ୟ ବିଷୟର ସୂଚନା ପାଇପାରିବେ ତାପାଇଁ ବ୍ୟବସ୍ଥା କରିଛନ୍ତି ହେଲେ ଏଠି ସେହି ବ୍ୟବସ୍ଥା କୁ ଲାଗୁ କରାଯାଇ ନାହିଁ । ଏଥିରୁ ପ୍ରମାଣିତ ହେଉଛି ବିଭାଗୀୟ ଅଧିକାରୀ ମାନେ ସରକାରୀ ନିୟମ ନମାନି ନିଜ ଇଚ୍ଛାରେ କାମ କରୁଥିବା ଜଣାପଡୁଛି । ସୂଚନା ଫଳକ ଲଗାଇ ସମସ୍ତ କାର୍ଯ୍ୟର ତଥ୍ୟ ଦେଲେ ହୁଏତ କୌଣସି ଅସୁବିଧା ଦେଖା ଦେବା ଭୟରେ ବୋଧେ ସୂଚନା ଫଳକ ଦେଇନଥିବା ମନେହୁଏ । ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଆଡମ୍ବର ଉପରେ ଅଙ୍କୁଶ ରହୁ



**କଳାହାଣ୍ଡି,୧୧।୧୧(ସଂଚାର ବ୍ୟୁରୋ):** ବିବାହ ଉତ୍ସବରେ ଅଯଥା ଆଡମ୍ବର, ବିପୁଳ ଖର୍ଚ୍ଚ ଏବେ ଏକ ଧାରା। ଅନେକ ବିବାହ ଉତ୍ସବରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଧନର ଅଶ୍ଳୀଳ ପ୍ରଦର୍ଶନ କରିବାର ବହୁ ନଜିର ରହିଛି। ସେ ଉଚ୍ଚ ଆୟକାରି ବର୍ଗ ହୁଅନ୍ତୁ କି ମଧ୍ୟବିତ୍ତ ଅବା ନିମ୍ନ ଆୟକାରୀ ଶ୍ରେଣୀର ହୁଅନ୍ତୁ। ଗତ ଦୁଇ ଦଶକ ମଧ୍ୟରେ ପ୍ରାୟ ପ୍ରତେକ ସମ୍ପ୍ରଦାୟର ବାହାଘର ଅଧିକ ବ୍ୟୟବହୁଳ ଓ ଆଡମ୍ବର ପୂର୍ଣ୍ଣ ହୋଇ ଚାଲିଛି।ଏ ବ୍ୟୟବହୁଳ ଓ ଆଡମ୍ବର ପୂର୍ଣ୍ଣ ବାହାଘର ଅନେକ ପିତା ମାତାଙ୍କ ପାଇଁ ଏକ ବୋଝ ହୋଇଥିଲେ ସୁଦ୍ଧା ସାମାଜିକ ଚାପରେ ସେମାନେ ଖର୍ଚ୍ଚାନ୍ତ ହେବାକୁ ବାଧ୍ୟ ହେଉଛନ୍ତି। ଖାଲି ସେତିକି ନୁହେଁ ଆଡମ୍ବର ଆଳରେ ଉଚ୍ଛୃଙ୍ଖଳ ଆଚରଣ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି କରୁଛି। ପ୍ରାୟ ସବୁ ସମାଜ ଓ ସମ୍ପ୍ରଦାୟରେ ମୁଖିଆ ମାନେ ଏ ସାମାଜିକ ସମସ୍ୟା ନେଇ ଚିନ୍ତିତ। କାଁ ଭାଁ କେଉଁଠି ଆଡମ୍ବର ଉପରେ ଅଙ୍କୁଶ ଲଗାଯାଉଛି ସିନା ସାଧାରଣ ଭାବେ ସମସ୍ୟା ର ସମାଧାନ ସକାଶେ ବିଶେଷ ପ୍ରୟାସ ହେଉ ନାହିଁ। ଆଚାରଣ ୱିଧି ଅନୁଯାଇ ବିବାହ ଭୋଜିରେ ସହୁଳରୁ କମ ପ୍ରକାର ଖାଦ୍ୟ ପରଷାଇବା କଥା। ବରଯାତ୍ରୀ ଶୋଭାଯାତ୍ରାରେ ମହିଳା ଓ ଝିଅଙ୍କ ନାଚିବା ଉପରେ ନିଷେଧାଜ୍ଞା ଜାରିକରିବା କଥା। ଆଲୋକମାଳା ଏବଂ ଅନ୍ୟ ସାଜଶଯ୍ୟା ବାବଦ ଖର୍ଚ୍ଚ କମାଇବା ନିମନ୍ତେ ରାତି ସମୟ ପରିବର୍ତ୍ତେ ଦିନ ବେଳା ବାହାଘର କରିବାକଥା। ସଙ୍ଗୀତ ଉଛବକୁ ଅଯଥା ଅଧିକ ଲମ୍ବା କରିବା ଉପରେ କଟକଣା ଲାଗିବାର କଥା। ନିର୍ଦ୍ଧାରିତ ଲଗ୍ନର ଅଧ ଘଣ୍ଟା ମଧ୍ୟରେ ବିବାହ ସମ୍ପନ୍ନ କରାଯିବା କଥା। ପୁଣି ସଙ୍ଗୀତ ଉତ୍ସବରେ ପଶ୍ଚାତ୍ୟ ସଙ୍ଗୀତ ପରିବର୍ତ୍ତେ ପାରମ୍ପରିକ ଭାରତୀୟ ସଙ୍ଗୀତ ଆୟୋଜନ ଉପରେ ଗୁରୁତ୍ୱ ଦେବା ଉଚିତ। ଖାଦ୍ୟ ସାମଗ୍ରୀର କିସମ ସହୁଳରେ ସୀମିତ ରଖାଯିବା ଦ୍ୱାରା ଉଭୟ ଅଯଥା ଖର୍ଚ୍ଚ ଏବଂ ଖାଦ୍ୟ ଅପଚୟକୁ ରୋକାଯାଇ ପାରିବ। ସମ୍ପ୍ରଦାୟର ଅନେକ ଭୋଜିରେ ବିଭିନ୍ନ ପ୍ରକାର ୫୦ ପର୍ଯ୍ୟନ୍ତ ଖାଦ୍ୟ ପରଷା ଯାଇଥାଏ । ଯାହାର ମୂଲ୍ୟ ମୁଣ୍ଡ ପିଛା ଏକ ହଜାରରୁ ଦୁଇ ହଜାର ପର୍ଯ୍ୟନ୍ତ ହୋଇ ଥାଏ । ଯେ ହେତୁ ଅତିଥିମାନଙ୍କ ଖାଇବା କ୍ଷମତା ସୀମିତ। ଏଥିରୁ ଏକ ବୃହତ ଅନଶ ଅଯଥା ନଷ୍ଟ ହୁଏ। ଅଯଥା ଆଡମ୍ବର ଓ ବିବାହ ଉତ୍ସବ ଆଳରେ ଧନ ଓ ପ୍ରତିଷ୍ଠାର ଅଶ୍ଳୀଳ ପ୍ରଦର୍ଶନ ଉପରେ ଅଙ୍କୁଶ ଲଗାଇବା ପାଇଁ ଏହା ଏକ ଭଲ ପ୍ରୟାସ। ସମ୍ପ୍ରଦାୟର ସମସ୍ତେ ଏକ ମନ ହେଲେ ଏହାର କାର୍ଯ୍ୟ କରିବାରେ କୌଣସି ଅସୁବିଧା ହେବ ନାହିଁ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




**ବୀରମହାରାଜପୁର,୧୧।୧୧(ସଂଚାର ବ୍ୟୁରୋ):**ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବୀରମହାରାଜପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀମତୀ ଅନନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ। ୭୭ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । କିଛି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ କିଛି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସମସ୍ତ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା,ଉପ ଅଧ୍ୟକ୍ଷ ନାରାୟଣ ଲୁହା, ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ ପ୍ରଦୀପ କୁମାର ଗୁରୁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ , ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ,ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ,ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ତହସିଲଦାର ବୀରମହାରାଜପୁର , ଡେପୁଟି କଲେକ୍ଟର (ଗ୍ରୀଭେନସ) ଶୁଭଶ୍ରୀ ରଥ,ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ,ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

**ବିଜ୍ଞାନ ମେଳା ଆୟୋଜନ କାହା ପାଇଁ ?**

# ବେପରୁଆ ଶିକ୍ଷା ବିଭାଗ ;ସବୁଠି ପରିଚାଳନା ଅବ୍ୟବସ୍ଥା



**ନୟାଗଡ଼,୧୧।୧୧(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାର ୩ଟି ବ୍ଲକରେ ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳା ଶେଷ ହୋଇଥିବା ବେଳେ ଆଜି ୫ଟି ବ୍ଲକରେ ମଣ୍ଡଳ ସ୍ତରୀୟ ବିଜ୍ଞାନମେଳା ଆୟୋଜନ ହୋଇଛି। ନୟାଗଡ଼, ନୂଆଗାଁ, ଗଣିଆ, ରଣପୁର ଓ ଓଡ଼ଗାଁ ବ୍ଲକରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ବ୍ୟାପକ ଅବ୍ୟବସ୍ଥା ଜଳଜଳ ଦେଖାଯାଇଛି । ବିଜ୍ଞାନମେଳାକୁ ଆସିଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ବିଚାରକମାନେ ଶ୍ରେଷ୍ଠ ପ୍ରକଳ୍ପ ଚୟନ କରିଛନ୍ତି ସତ କିନ୍ତୁ, ଏହି ବିଜ୍ଞାନ ମେଳାର ଉଦ୍ଦେଶ୍ୟ କଦାପି ସଫଳ ହୋଇପାରୁନାହିଁ ବୋଲି ଅନେକ ଶିକ୍ଷାବିତ୍ ମତ ଦେଇଛନ୍ତି । ବିଜ୍ଞାନ ମେଳା ଆଳରେ ଉଦଘାଟନ ଓ ଉଦଯାପନ ପାଇଁ ଦୁଇଟି ସଭା ଆୟୋଜନ କରି କିଛି ରାଜନୈତିକ ବ୍ୟକ୍ତିଙ୍କୁ ସନ୍ତୁଷ୍ଟ କରାଯାଉଥିବା ବେଳେ ଅନୁଷ୍ଠିତ ବିଦ୍ୟାଳୟକୁ ସାଂସ୍କୃତିକ କାର୍ଯ୍ୟକ୍ରମ କରି ସନ୍ତୁଷ୍ଟ କରାଯାଉଛି । ବିଜ୍ଞାନ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏହା ଦ୍ୱାରା ପ୍ରତିପାଦିତ ହୋଇପାରୁନାହିଁ । ବିଜ୍ଞାନ ମେଳାକୁ ପାଇଁ ଆଜି ୫ଟି ବ୍ଲକରେ ସକାଳୁଆ ସ୍କୁଲ କରାଯାଇଥିଲା । ପିଲାମାନେ ସକାଳୁ ବିଦ୍ୟାଳୟକୁ ଆସି ପାଠ ପଢ଼ିଥିବା ବେଳେ ୧୧ଟା ବେଳକୁ ଛୁଟି କରାଯାଇଥିଲା । ମାତ୍ର ବିଜ୍ଞାନମେଳାକୁ ଛାତ୍ରଛାତ୍ରୀଙ୍କୁ ଆଣିବା ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା । କୌଣସି ବିଦ୍ୟାଳୟର ଶିକ୍ଷକ ଦାୟିତ୍ୱ ସହକାରେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନମେଳା ବୁଲାଇ ଆଣି ନଥିଲେ । ଫଳରେ ଆୟୋଜିତ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ପ୍ରକଳ୍ପ ଆଣିଥିବା ଛାତ୍ରଛାତ୍ରୀଙ୍କ ବ୍ୟତୀତ ବିଜ୍ଞାନ ମେଳାରେ କାହାରିକୁ ଦେଖିବାକୁ ମିଳିଲା ନାହିଁ । ପ୍ରତ୍ୟେକ ସ୍ଥାନରେ କିଛି ନିର୍ଦ୍ଦିଷ୍ଟ ଶିକ୍ଷକଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ ହେଉଥିବାରୁ ବ୍ୟାପକ ଅବ୍ୟବସ୍ଥା ମଧ୍ୟ ଦେଖିବାକୁ ମିଳିଛି । ସରକାର ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ମନସ୍କ କରିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅପରାଗତ ପାଇଁ ନୟାଗଡ଼ ଜିଲ୍ଲାରେ ଏହା ମାତ୍ର ଏକ ପାରମ୍ପରିକ କାର୍ଯ୍ୟକ୍ରମ ଭାବେ ଅନୁଷ୍ଠିତ ହେଉଛି । ଏମିତି କି ଶିକ୍ଷା ବିଭାଗରେ ହେଉ ସଚେତନତା ମୂଳକ କାର୍ଯ୍ୟରେ ରାଜ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସଭା ଆୟୋଜନ କରାଯାଉଛି । କିନ୍ତୁ ଅଳ୍ପ କିଞ୍ଚିତ ଜନସାଧାରଣଙ୍କୁ ନେଇ ବୈଠକ ହେଉଛି। ଶିକ୍ଷା ବିଭାର ପ୍ରଚାର ପ୍ରସାର କରିବା ନୟାଗଡ଼ ଜିଲ୍ଲାରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଥିବା ବେଳେ ସେମାନଙ୍କୁ ନିମନ୍ତ୍ରଣ କରାଯାଉନାହିଁ । ଶିକ୍ଷା ବିଭାଗ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କଣଠେସା କରି ରଖିଥିବା ଅନୁମେୟ ହେଉଛି । ତେବେ କିଛି ସଭାରେ କିଛି ସାମ୍ବାଦିକଙ୍କୁ ଡିଜିଟାଲ ମାଧ୍ୟମରେ ଜଣାଯାଉଛି । ଶିକ୍ଷା ବିଭାଗର ଜଣେ ଶିକ୍ଷକ ନିଜେ ସାମ୍ବାଦିକ ସାଜି ମୁଁ ସବୁ କରିଦେବି ଭାବନା ରଖି କୌଣସି ସାମ୍ବାଦିକଙ୍କୁ ନିମନ୍ତ୍ରଣ କରାଯାଉନଥିବା ଜଣାପଡିଛି । ତେବେ ଶିକ୍ଷକ ଶିକ୍ଷାଦାନ ମନ ନଦେଇ କୋଉଠି ନାଚ ପ୍ରତିଯୋଗିତା ହେବ, କେଉଁଠି ଗୀତ ପ୍ରତିଯୋଗିତା ହେବ, କେଉଁଠି କାହାର ଗୀତ ଉନ୍ମୋଚନ ହେବ ସେଥିରେ ଲାଗିଥିବା ବେଳେ ବିଦ୍ୟାଳୟରେ କେତେ ବେଳେ ପାଠ ପଢ଼ଉଛନ୍ତି ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ନୀଳଜି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



**ସିନାପାଲି,୧୧।୧୧(ସଂଚାର ବ୍ୟୁରୋ):** ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ନୀଳଜି ଗ୍ରାମ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିର ରେ ନୀଳଜି ପଞ୍ଚାୟତ ସରପଞ୍ଚ ଶ୍ରୀଯୁକ୍ତ ଲକ୍ଷ୍ମଣ ପ୍ରଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିର ରେ ସିନାପାଲି ବିଡିଓ କାର୍ମି ଓରାମ ଯୋଗଦାନ କରି ଜନସାଧାରଣଙ୍କ ଅଭିଯୋଗ ପତ୍ର ଗ୍ରହଣ କରି କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀ କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଅନେକ ଅଭିଯୋଗ ର ସମସ୍ୟା ସମାଧାନ କରିଥିଲେ। ଏହି ଶିବିର ରେ ବିଭିନ୍ନ ସମସ୍ୟା ନେଇ ଜନସାଧାରଣଙ୍କ ୪୦ ରୁ ଅଧିକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଶିବିର ରେ ସିନାପାଲି ତହସିଲଦାର ଉପାଞ୍ଜଳି ମାଝୀ, ଏ ଇ ଇ ପ୍ରଦୋଷ ବେହେରା, ସି ଡି ପି ଓ ଶ୍ରୀମତୀ ଝରଣା ଶତପଥୀ, ଆର ଆଇ ଶ୍ରୀଯୁକ୍ତ ଚୁଡାମଣି ମାଝୀ,ଜିପିଓ ସଂଜୟ ମହାନନ୍ଦ, ଏପିଓ ପ୍ରଦିପ କୁମାର ଓଝା, ପିଇଓ ମୋହନ ଦାଶ ସତନାମୀ, ସି ଆର ସି ସି ଶ୍ରୀଯୁକ୍ତ ରାକେଶ କୁମାର ମିଶ୍ର, ଶିକ୍ଷାବିତ କବି ଶ୍ରୀଯୁକ୍ତ ସତ୍ୟବ୍ରତ ଗହୀର,ଜିଆରଏସ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ମାଝୀ ଓ ଏସ ଇ ଓ ଶ୍ରୀଯୁକ୍ତ ରଜନିକାନ୍ତ ବୋହିଦାର ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ଚନ୍ଦାହାଣ୍ଡିରେ ନାହିଁ ବସଷ୍ଟାଣ୍ଡ, ହନ୍ତସନ୍ତ ଯାତ୍ରୀ

**ଚନ୍ଦାହାଣ୍ଡି,୧୧।୧୧(ସଂଚାର ବ୍ୟୁରୋ):** ସଦରମହକୁମାଠାରୁ ଜିଲ୍ଲା ବାହାର ସହ ଛତିଶଗଡ ଓ ଆନ୍ଧ୍ରାକୁ ବସ୍ ଚଳାଚଳ କରୁଥିବା ବେଳେ ନାହିଁ ବସ୍ ଷ୍ଟାଣ୍ଡ । ବସଷ୍ଟାଣ୍ଡ ନ ଥିବାରୁ ଖରା ବର୍ଷା ଶୀତ କାକରରେ ଯାତ୍ରୀ କେତେବେଳେ ଗଛ ମୂଳେ ତ ଆଉ କେତବେଳେ ଦୋକାନ ବାରଣ୍ଡାରେ ବସକୁ ଅପେକ୍ଷା କରିଥାନ୍ତି। ବସ୍ ଫେଲ ହେଲେ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ଯାତ୍ରୀଙ୍କ ପାଇଁ ଶୌଚାଳୟଟିଏ ନାହିଁ। ପୁରୁଷ ଯାତ୍ରୀ ଯେମିତି ସେମିତି ଚଳେଇ ଦିଅନ୍ତି। ହେଲେ ମହିଳା ଯାତ୍ରୀଙ୍କ ଅବସ୍ଥା ନ କହିବା ଭଲ। ଖାଲି ଏତିକି ନୁହେଁ, ବସ ଷ୍ଟାଣ୍ଡ ନ ଥିବାରୁ ବସ୍ ସବୁ ରାସ୍ତା ଉପରେ ଠିଆ ହୋଇ ରହୁଛି । ଫଳରେ ଟ୍ରାଫିକ ଜାମ୍ ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅକାଳରେ ଲୋକଙ୍କ ସହ ସ୍କୁଲ ଛାତ୍ରଛାତ୍ରୀଙ୍କ ବି ଜୀବନ ଯାଉଛି। ତେବେ ଏଠାକୁ ବ୍ୟବସାୟିକ, ସରକାରୀ କାର୍ଯ୍ୟ ଏବଂ ବିଭିନ୍ନ କାମରେ ଯିବା ଆସିବା କରୁଥିବା ଯାତ୍ରୀ ମୁହଁ ମୋଡୁଥିବା ଦେଖିବାକୁ ମିଳିଛି। ତତ୍କାଳୀନ ବିଜେଡି ସରକାର ନିର୍ବାଚନ ପୂର୍ବରୁ ଚନ୍ଦାହାଣ୍ଡିଠାରେ ଫାଇଭ-ଟି ଯୋଜନାରେ ମଡେଲ ବସ୍ ଷ୍ଟାଣ୍ଡ ନିର୍ମାଣ କରିବାକୁ ଘୋଷଣା କରିଥିଲେ।

# ଦରମା ନାହିଁ:ରାସ୍ତାକୁ ଓହ୍ଲେଇବେ ଏମବିକେ, ବ୍ୟାଙ୍କ୍ ମିତ୍ର



**ସୁବର୍ଣ୍ଣପୁର,୧୧।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସୁରେଶ୍ୱରୀ କଲ୍ୟାଣ ମଣ୍ଡପରେ ଜିଲ୍ଲା ର ଏମ୍ ବି କେ,ସିଆରପି, ବ୍ୟାଙ୍କ୍ ମିତ୍ର,ପ୍ରାଣି ମିତ୍ର ଓ କୃଷି ମିତ୍ର ସଂଘ ର ଏକ ବୈଠକରେ ସମସ୍ତେ ଏକତ୍ରିତ ହୋଇ ସରକାରଙ୍କ ଉପରେ ବେଶ୍ ଗର୍ଜିଥିଲେ। ସରକାର ଙ୍କ ଆଦେଶ ମାନି ସେମାନେ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ କାମ କରୁଥିଲେ ମଧ୍ୟ ସେମାନଙ୍କୁ ଲଗାତାର ଭାବେ ଆଠ ମାସ ଧରି ଦରମା ମିଳିନଥିବାରୁ ବହୁ ଅକଥନୀୟ ଅସୁବିଧାର ସମ୍ମୁଖିନ ହେଉଛନ୍ତି ତଥା ସେମାନେ ଆଣିଥିବା ସ୍କୁଟି ଲୋନ୍ ର କିସ୍ତି ମଧ୍ୟ ବୁଝେଇ ପାରୁନାହାନ୍ତି। ସେମାନଙ୍କର ଅସୁବିଧା ନେଇ ଭୂବନେଶ୍ୱର ରେ ବିଭିନ୍ନ ଅଧିକାରୀ ଙ୍କୁ ଭେଟିବା ସହ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କୁ ମଧ୍ୟ ଜଣାଇଥିଲେ । ସେ ମଧ୍ୟ ସମସ୍ତ କଥାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଲେ ଅଦ୍ୟାବଧି ସେମାନଙ୍କ କୌଣସି କଥାପ୍ରତି ସରକାର ଦୃଷ୍ଟି ଦେଇନଥିବା ହେତୁ ଆଗାମୀ ଦିନରେ ବିଧାନସଭା ଘେରାଉ କରିବା ସହ ରାଜରାସ୍ତା କୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସର୍ବସମ୍ମତି ନିଷ୍ପତ୍ତି ନେଇଥିବା ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# କେରାଣ୍ଡିମାଳ ପାଦଦେଶରେ ମହାବଳର ପାଦଚିହ୍ନ



**ଦିଗପହଣ୍ଡି,୧୧।୧୧(ସଂଚାର ବ୍ୟୁରୋ):** ଗଂଜାମ ଜିଲ୍ଲାର ଚିକିଟି ପରେ ଏବେ ଦିଗପହଣ୍ଡି ରେଞ୍ଜ ଅଧୀନସ୍ଥ କେରାଣ୍ଡିମାଳ ପର୍ବତ ପାଦଦେଶରେ ମହାବଳର ପାଦଚିହ୍ନ ଦେଖିବାକୁ ମିଳିଛି। ଏଥିରୁ ସ୍ପଷ୍ଟ ହୋଇଛି ଯେ, ବାଘ ଚିକିଟି ବାଳକୁମାରୀ ପାହାଡ଼ ପାର୍ଶ୍ୱ ଜଙ୍ଗଲରୁ ତା'ର ସ୍ଥାନ ପରିବର୍ତ୍ତନ କରି କେରାଣ୍ଡିମାଳ ଜଙ୍ଗଲ ଇଲାକାରେ ପ୍ରବେଶ କରିଛି। ଏହା ଉପରେ ବନ ବିଭାଗ ନଜର ରଖିଛି। ଦିଗପହଣ୍ଡି ରେଞ୍ଜ ଅଧୀନସ୍ଥ ଜକର ଓ କରପଡ଼ା ପଞ୍ଚାୟତର ସୀମାନ୍ତ ଇଲାକା ଭଣ୍ଡାରୀ ଶଙ୍ଖ ନାଳରେ ବାଘର ପାଦଚିହ୍ନ ରହିଥିବା ନେଇ କିଛି ଲୋକେ ଦେଖିଥିଲେ। ଫଳରେ ସେମାନେ ବନ ବିଭାଗକୁ ଖବର କରିଥିଲେ। ଦିଗପହଣ୍ଡି ରେଞ୍ଜର୍ ଦିବ୍ୟରଂଜନ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ଯାଞ୍ଚ ପରେ ତାହା ବାଘର ପାଦଚିହ୍ନ ବୋଲି ଜଣାପଡ଼ିଥିଲା।